


ତନ୍ଵୀଙ୍କୁ ଟାଇଟଲ୍

▸ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-40 ♦MONDAY ♦3 AUGUST 2026 ♦PAGE-12 ♦₹ 7.00

PANIKOILI

♦ବର୍ଷ-୪୪ ♦ସଂଖ୍ୟା-୪୦ ♦ସୋମବାର ♦୩ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଗୁଡ୍‌ବାଏ ଗ୍ଲାସ୍‌ଗୋ, ୱେଲ୍‌କମ୍ ଅହମଦାବାଦ୍



### ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉଦ୍‌ଯାପିତ

■ ଗ୍ଲାସ୍‌ଗୋ, ୨।୮ (ଏଜେନ୍ସି): ଉତ୍ସାହ, ଉନ୍ମାଦନା, ରେକର୍ଡ ଓ ଅନନ୍ୟ ପ୍ରଦର୍ଶନ ମାଧ୍ୟମରେ ସ୍କଟଲାଣ୍ଡର ରାଜଧାନୀ ଗ୍ଲାସ୍‌ଗୋ ସହରରେ ଗତ ଦୁଇ ସପ୍ତାହ ଧରି ଚାଲିଥିବା ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସମାରୋହରେ ରବିବାର ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ପାରମ୍ପରିକ କ୍ରୀଡ଼ା ଶକ୍ତି ଅଷ୍ଟ୍ରେଲିଆ ୬୫ସ୍ୱର୍ଣ୍ଣ, ୪୧ ରୌପ୍ୟ ଓ ୫୨ଟି କାଂସ୍ୟ ସହ ୧୫୮ଟି ପଦକ ଜିତି ପ୍ରଥମ ସ୍ଥାନ ବଜାୟ ରଖିଛି। ଇଂଲଣ୍ଡ ୨୬ ସ୍ୱର୍ଣ୍ଣ ସହ ୧୦୨ଟି ପଦକ ଜିତି ପଦକ ତାଲିକାରେ ଦ୍ୱିତୀୟ, କାନାଡା ୧୮ ସ୍ୱର୍ଣ୍ଣ ସହ ୫୯ଟି ପଦକ ଜିତି ତୃତୀୟ ସ୍ଥାନରେ ରହିଛି। ଭାରତ ୧୩ ସ୍ୱର୍ଣ୍ଣ, ୧୭ ରୌପ୍ୟ ଓ ୨୧ଟି କାଂସ୍ୟ ▸ପୃଷ୍ଠା-୭

## ଇରାନ ଅନୁରୋଧରେ ଆକ୍ରମଣ ସ୍ଥଗିତ ରଖିଲି: ଟ୍ରମ୍ପ



■ ୱାସିଂଟନ୍,୨।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ହେବାକୁ ଥିବା ପ୍ରଚଣ୍ଡ ଆକ୍ରମଣକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ଘୋଷଣା କରିଛନ୍ତି। ଇରାନ ଏବଂ ମଧ୍ୟପ୍ରାଚ୍ୟର ଅନ୍ୟାନ୍ୟ ଦେଶଗୁଡ଼ିକର ଅନୁରୋଧ କ୍ରମେ ଶାନ୍ତି ଆଲୋଚନା ଓ ଚୁକ୍ତିର ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଟ୍ରୁଥ୍ ସୋସିଆଲ୍'ରେ ଏକ ରାଷ୍ଟ୍ରପତି ଟ୍ରମ୍ପ ପ୍ରକାଶ କରିଛନ୍ତି ଯେ ଇରାନ ଓ ଅନ୍ୟ ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକ ଶାନ୍ତି ସ୍ଥାପନ ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହି ନୂତନ ସାମ୍ଭାବ୍ୟ ଚୁକ୍ତିର ମୁଖ୍ୟ ସର୍ତ୍ତଗୁଡ଼ିକ ମଧ୍ୟରେ ଅନ୍ତର୍ଜାତୀୟ ତୈଳ ବାଣିଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀକୁ ତୁରନ୍ତ ଓ ସମ୍ପୂର୍ଣ୍ଣ ଭାବେ ଖୋଲିବା ଏବଂ ଇରାନର ପରମାଣୁ ଆଶଙ୍କାର ସମାପ୍ତି। ଟ୍ରମ୍ପ କହିଛନ୍ତି ଯେ ବିଶ୍ୱର ଭବିଷ୍ୟତ ମଙ୍ଗଳ ଏବଂ ଇରାନର ସମୃଦ୍ଧି ପାଇଁ ସେ ଆକ୍ରମଣ ରୋକିବାକୁ ସମ୍ମତି ଜଣାଇଛନ୍ତି। ଏହି ଚୁକ୍ତି ପ୍ରକ୍ରିୟାରେ ଇସ୍ରାଏଲ ମଧ୍ୟ ସାମିଲ ଅଛି ବୋଲି ସେ ଟ୍ରମ୍ପ ଦାବି କରିଛନ୍ତି। ଟ୍ରମ୍ପ ଏହାସହିତ ଚେତାବନୀ ଦେଇଛନ୍ତି ଯେ ଆମେରିକାର ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଦେଖାଯାଇ ନଥିବା ଭଳି ଶକ୍ତିଶାଳୀ ▸ପୃଷ୍ଠା-୭

# ବନ୍ୟା ଘା'ରେ ବାଜୁନି ମଲମ

## ରିଲିଫଂକୁ ନେଇ ବିପନ୍ନଙ୍କ ଅସନ୍ତୋଷ

### ବାଲେଶ୍ୱର, ଭଦ୍ରକ, ଯାଜପୁର ଅଧିକ ପ୍ରଭାବିତ

■ ଭୁବନେଶ୍ୱର, ୨।୮ (ସମିସ): ରାଜ୍ୟରେ ଲଗାଣ ବର୍ଷାର ପ୍ରକୋପ ଧୀରେ ଧୀରେ କମୁଥିବା ବେଳେ ବନ୍ୟା ପରିସ୍ଥିତିରେ ମଧ୍ୟ କିଛିଟା ସୁଧାର ଦେଖାଦେଇଛି। ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଉଥିଲେ ମଧ୍ୟ ବନ୍ୟାବିପନ୍ନଙ୍କ ଚିନ୍ତା ଏଯାବତ୍ ଦୂର ହୋଇନାହିଁ। ସମୁଦ୍ରରେ ଜୁଆରର ପ୍ରଭାବ ଏବଂ ଜଳ ନିଷ୍କାସନରେ ବାଧା ଯୋଗୁ ତଳିଆ ଅଞ୍ଚଳରେ ଏବେ ବି ଜଳବନ୍ଦୀ ସ୍ଥିତି ଜାରି ରହିଛି। ଜଳବନ୍ଦୀରେ ଥିବା ଲୋକଙ୍କ ପାଖରେ ସରକାରୀ ସହାୟତା ପହଞ୍ଚିବାରେ ବିଳମ୍ବ ଓ ପର୍ଯ୍ୟାପ୍ତ ଖାଦ୍ୟ ସାମଗ୍ରୀ ନ ମିଳିବାକୁ ନେଇ ବନ୍ୟାବିପନ୍ନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀ ଓ ସଚିବମାନେ ବନ୍ୟା ସ୍ଥିତି ପରଖିଛନ୍ତି। ତେବେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ନେଇ ବନ୍ୟାପୀଡ଼ିତ ଅଞ୍ଚଳର ଲୋକମାନେ ଅସନ୍ତୁଷ୍ଟ ଥିବାର ଖବରମାନ ହସ୍ତଗତ ହେଉଛି। ଚଳିତ ବନ୍ୟାରେ ରାଜ୍ୟର ୨୩ଟି ଜିଲ୍ଲା ପ୍ରଭାବିତ ହୋଇଛି। ଭଦ୍ରକ, ବାଲେଶ୍ୱର ଓ ଯାଜପୁର ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ହୀରାକୁଦ ଜଳଭଣ୍ଡାରରୁ ଜଳ ନିଷ୍କାସନ ପରେ ପୁରୀ, ଖୋର୍ଦ୍ଧା, କଟକ ଓ ଜଗତସିଂହପୁରରେ ମଧ୍ୟ ବନ୍ୟାର ପ୍ରଭାବ ପଡ଼ିଛି। ପ୍ରଶାସନ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଜୋରଦାର କରିବାକୁ କହୁଥିବା ବେଳେ ଅନେକ ଅଞ୍ଚଳରୁ ସହାୟତା ନ ପହଞ୍ଚିବାର ଅଭିଯୋଗ ସାମ୍ନାକୁ ଆସୁଛି।

ଆସନ୍ତା ୮ ତାରିଖ ବେଳକୁ ଆଉ ଏକ ଲଘୁଚାପ ଦାନା ବାନ୍ଧିବାର ସମ୍ଭାବନା ଥିବାରୁ ପୁଣି ଥରେ ବନ୍ୟା ଆସିବାର ଆଶଙ୍କା ସୃଷ୍ଟି ହୋଇଛି। ଏପରି ସ୍ଥିତିରେ ସରକାର ସମସ୍ତ ଜିଲ୍ଲାପାଳଙ୍କୁ ସତର୍କ ▸ପୃଷ୍ଠା-୭

## ଉଜୁଡ଼ିଗଲା ଚାଷୀଙ୍କ ଭାତହାଣ୍ଡି



■ ଯାଜପୁର/କୁଆଖିଆ, ୨।୮ (ସମିସ): ଚଳିତ ବର୍ଷ ଆସିଥିବା ବନ୍ୟା ଯୋଗୁଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଚାଷୀକୂଳ। ଚାଷୀ ମାନଙ୍କର ବର୍ଷକର ଫସଲ ନଷ୍ଟ ହେବା ଫଳରେ ଚାଷୀମାନଙ୍କ ଭାତ ହାଣ୍ଡି ନଷ୍ଟ ହୋଇଯାଇଥିବା ଜଣାପଡିଛି। ବର୍ଷକର ଖାଦ୍ୟ ସଂଗ୍ରହ ପାଇଁ ହଜାର ହଜାର ଟଙ୍କାର ମଞ୍ଜି, ସାର, ମଜୁରୀ ଓ ଔଷଧ ଖର୍ଚ୍ଚ କରି ଫସଲ ଅମଳ ବେଳକୁ ବନ୍ୟା ଧୋଇନେଇଛି ଚାଷୀର ସ୍ୱପ୍ନକୁ। ଯାହା ଫଳରେ ଲକ୍ଷ ଲକ୍ଷ ଟଙ୍କା ପାଣି ଭିତରେ ପଚି ନଷ୍ଟ ହେଇ ଯାଇଥିବା ଦେଖାଯାଇଛି।

ସୂଚନା ଅନୁଯାଇ, ଯାଜପୁର ଜିଲ୍ଲାରେ ବୈତରଣୀ, କାଣୀ, ଖରସ୍ରୋତା, ବ୍ରାହ୍ମଣୀ, କେଲୁଅ, ଗେଙ୍ଗୁଟି ନଦୀର ବନ୍ୟାରେ ୮ଟି ବ୍ଲକରେ ବ୍ୟାପ୍ କ୍ଷୟକ୍ଷତି ▸ପୃଷ୍ଠା-୭

### ସୌର ବିଦ୍ୟୁତ୍ ପ୍ରକଳ୍ପ ବାଟବଣା

## ଓଡ଼ିଶାରେ ଖୋଲୁନି 'କୁସୁମ' ପାଖୁଡ଼ା

■ ଭୁବନେଶ୍ୱର, ୨।୮ (ସମିସ): କୃଷକଙ୍କୁ ଶସ୍ତା ମୂଲ୍ୟରେ ସ୍ୱଚ୍ଛ ବିଦ୍ୟୁତ ଯୋଗାଇବା ସହ କୃଷି କ୍ଷେତ୍ରରେ ସୌରଶକ୍ତିର ବ୍ୟବହାର ବଢ଼ାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି ପିଏମ୍-କୁସୁମ ଯୋଜନା। ମାତ୍ର ବିଡ଼ମ୍ବନା ହେଉଛି ଅନ୍ୟ ରାଜ୍ୟରେ ଏହି ଯୋଜନା ସଫଳ ହୋଇଥିବାବେଳେ ଓଡ଼ିଶାରେ କୃଷି କ୍ଷେତ୍ର ପାଇଁ ସୌର ବିଦ୍ୟୁତ ପ୍ରକଳ୍ପ ସ୍ଥାପନ ଓ କୃଷି ଫିଡର ସୋଲାରୀକରଣ କ୍ଷେତ୍ରରେ କଚ୍ଛପ ଗତି ଏହି ଯୋଜନାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି।



ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଓଡ଼ିଶା ପାଇଁ ୯୦ ମେଗାୱାଟ୍ ସୌର ବିଦ୍ୟୁତ ପ୍ରକଳ୍ପ ଅନୁମୋଦନ ମିଳିଥିଲେ ମଧ୍ୟ ଚାରି ବର୍ଷରୁ ଅଧିକ ସମୟ ପରେ କେବଳ ୨ ମେଗାୱାଟ୍ କ୍ଷମତାର ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିଛି। ଅର୍ଥାତ୍ ଅନୁମୋଦିତ କ୍ଷମତାର ମାତ୍ର ପ୍ରାୟ ୨ ପ୍ରତିଶତ କାର୍ଯ୍ୟକାରୀ ହୋଇଛି। ବାକି ୮୮ ମେଗାୱାଟ୍ ପ୍ରକଳ୍ପ ଏବେ ବି କାଗଜକଲମରେ ସୀମିତ ରହିଛି। ଏହା ରାଜ୍ୟର ପ୍ରକଳ୍ପ ରୂପାୟଣ କ୍ଷମତା ଓ ପ୍ରଶାସନିକ ଦକ୍ଷତା ଉପରେ ପ୍ରଶ୍ନ ସୃଷ୍ଟି କରିଛି। ସେହିପରି ରାଜ୍ୟକୁ ୫,୨୨୩ଟି ଇଣ୍ଡିଭିଜୁଆଲ୍ ପମ୍ପ ସୋଲାରାଇଜେସନ୍ ପାଇଁ ଅନୁମୋଦନ ମିଳିଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ଏପର୍ଯ୍ୟନ୍ତ ଗୋଟିଏ ହେଲେ ବି ପମ୍ପ ସୋଲାରାଇଜେସନ୍ କାର୍ଯ୍ୟକ୍ଷମ ହୋଇନାହିଁ। କେବଳ ସୋଲାର ପମ୍ପ କ୍ଷେତ୍ରରେ କିଛି ପରିମାଣରେ ଅଗ୍ରଗତି ଘଟିଛି। ରାଜ୍ୟକୁ ମଞ୍ଜୁର ହୋଇଥିବା ୧୮,୪୪୧ଟି ସୋଲାର ପମ୍ପ ମଧ୍ୟରୁ ୧୫,୭୮୦ଟି ପମ୍ପ ସ୍ଥାପନ ହୋଇପାରିଛି। ତେବେ କେବଳ ପମ୍ପ ବଣ୍ଟନ ଦ୍ୱାରା ପିଏମ୍-କୁସୁମ ଯୋଜନାର ମୂଳ ଉଦ୍ଦେଶ୍ୟ ପୂରଣ ହେବ ନାହିଁ। କୃଷି ଫିଡର ଓ ସୌର ବିଦ୍ୟୁତ ପ୍ରକଳ୍ପ ସଫଳ ନ ହେଲେ କୃଷି କ୍ଷେତ୍ରରେ ଦୀର୍ଘମିଆଦୀ ଶକ୍ତି ସୁରକ୍ଷା ସମ୍ଭବ ନୁହେଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ରାଜସ୍ଥାନ ୧,୨୩୬ ମେଗାୱାଟ୍ ସୌର ବିଦ୍ୟୁତ କ୍ଷମତା ସ୍ଥାପନ କରିବା ସହ ଲକ୍ଷାଧିକ ସୋଲାର ପମ୍ପ ଓ ଫିଡର ସୋଲାରୀକରଣ ସମ୍ପୂର୍ଣ୍ଣ କରିଛି। ମହାରାଷ୍ଟ୍ର ୫.୫୧ ଲକ୍ଷରୁ ଅଧିକ ସୋଲାର ପମ୍ପ ସ୍ଥାପନ କରି ଦେଶରେ ଅଗ୍ରଣୀ ହୋଇଛି। ଗୁଜରାଟ, ମଧ୍ୟପ୍ରଦେଶ ଓ କର୍ଣ୍ଣାଟକ ମଧ୍ୟ ଯୋଜନାର ଅଧିକାଂଶ ଲକ୍ଷ୍ୟ ହାସଲ କରି କୃଷି କ୍ଷେତ୍ରରେ ସୌରଶକ୍ତି ବ୍ୟବହାରକୁ ବ୍ୟାପକ କରିଛନ୍ତି। ସେହି ତୁଳନାରେ ଓଡ଼ିଶାର ସ୍ଥିତି ଅତ୍ୟନ୍ତ ନୈରାଶ୍ୟଜନକ ବୋଲି କୁହାଯାଉଛି। ଯୋଜନା ରୂପାୟନରେ ନୀତିଗତ ସମନ୍ୱୟ, ଜମି ▸ପୃଷ୍ଠା-୭

## ଓଡ଼ିଶାରେ 'ନିଶାମୁକ୍ତ ଯୁବ-ବିକଶିତ ଭାରତ' ସଂକଳ୍ପ

### ୧ କୋଟିରୁ ଊର୍ଦ୍ଧ୍ୱ ଯୁବକଯୁବତୀ ନେଲେ ନିଶାମୁକ୍ତି ସଂକଳ୍ପ, ସାମିଲ ହେଲେ ପ୍ରଧାନମନ୍ତ୍ରୀ

### ଯୁବପିଢ଼ି ନିଶା ଛାଡ଼ି ଖେଳପଡ଼ିଆ ଓ କ୍ଲାସରୁମ୍‌କୁ ଆପଣାନ୍ତୁ: ରାଜ୍ୟପାଳ

### ଓଡ଼ିଶା ହେବ ସମ୍ପୂର୍ଣ୍ଣ ନିଶାମୁକ୍ତ: ୧୦୦ ସପ୍ତାହର ବ୍ୟାପକ 'ଜନ-ଆନ୍ଦୋଳନ': ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୨।୮ (ସମିସ): 'ନିଶାମୁକ୍ତ ଯୁବ - ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ ଅବସରରେ ଓଡ଼ିଶାକୁ ଏକ ସମ୍ପୂର୍ଣ୍ଣ ନିଶାମୁକ୍ତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଦୃଢ଼ ସଂକଳ୍ପ ଗ୍ରହଣ କରିଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଠାରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇଁ ଭାରତ' ଦ୍ୱାରା ପରିଚାଳିତ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ବୋଧିତ ଏହି ଜାତୀୟ କାର୍ଯ୍ୟକ୍ରମକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡା ଓ ଯୁବବ୍ୟାପାର ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଆଭାସୀ ▸ପୃଷ୍ଠା-୭




## ୮ରୁ ପୁଣି ବଢ଼ିବ ବର୍ଷା

### ୬ ବେଳକୁ ବଙ୍ଗୋପସାଗର ଘୂର୍ଣ୍ଣିବଳୟ

■ ଭୁବନେଶ୍ୱର, ୨।୮ (ସମିସ): ଆସନ୍ତା ୬ କିମ୍ବା ୭ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ଏହା ପ୍ରଭାବରେ ରାଜ୍ୟରି କିଛି କିଛି ସ୍ଥାନରେ ବର୍ଷା ବଢ଼ିବ। ଏହି ସ୍ଥିତି ସୁହାଇଲେ ଅଗଷ୍ଟ ୮ ତାରିଖ ବେଳକୁ ଏହା ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଯଦି ଲଘୁଚାପ ସୃଷ୍ଟି ହୁଏ ତେବେ ୧୦-୧୨ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବା ସହ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଦୁର୍ବଳ ହେବା ସହ ଓଡ଼ିଶାଠାରୁ ଦୂରକୁ ଯାଇସାରିଥିବାରୁ ରାଜ୍ୟରେ ବର୍ଷାର ପ୍ରଭାବ କମିଛି। ଏହାସହିତ ଏବେ ଆକାଶ ନିର୍ମଳ ରହୁଥିବା ▸ପୃଷ୍ଠା-୭

## ସାପ କାମୁଡ଼ାରେ ପ୍ରେମିକ ମୃତ; ଗଛରେ ଝୁଲି ପଡ଼ିଲା ପ୍ରେମିକା

■ ଉଦଳା, ୨।୮ (ସମିସ): ପ୍ରେମ ପାଇଁ ଜୀବନ ହାରିଦେଲେ ଯୁବତୀ। ସାପ କାମୁଡ଼ାରେ ପ୍ରେମିକର ମୃତ୍ୟୁ ହେବା ଖବର ପାଇ ପ୍ରେମିକା ଆତ୍ମହତ୍ୟା କରିଛି। ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଡିମଗଡିଆ ଡିମଗଡ଼ିଆ ଗ୍ରାମର ମହେଶ୍ୱର ସିଂଙ୍କ ଝିଅ ଦେବୀ ଅନୁଗୋଳ ନାଲକୋ ଅଞ୍ଚଳର ଯୁବକ ପିଣ୍ଟୁଙ୍କୁ ଦୀର୍ଘବର୍ଷ ହେବ ଭଲ ପାଇଆସୁଥିଲେ। ଏପରିକି ଉଭୟ ବିବାହ ମଧ୍ୟ କରିବେ ବୋଲି କଥା ହୋଇଥିଲେ ଓ ସାଙ୍ଗରେ ଜୀବନ ଜିଇଁବେ ବୋଲି ଭାବିଥିଲେ। ତେବେ ୪ ଦିନ ପୂର୍ବରୁ ପିଣ୍ଟୁ କାମ କରିବାକୁ ଯାଇଥିବାବେଳେ ଏକ ସାପ ତାଙ୍କୁ କାମୁଡ଼ିଥିଲା। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ପ୍ରେମିକ ପିଣ୍ଟୁଙ୍କ ମୃତ୍ୟୁ ହୋଇଥିବା ଖବର ପାଇବା ପରେ ମାନସିକ ଭାରସାମ୍ୟ ହରାଇ ବସିଥିଲେ ଦେବୀ। ନିଜ ଘର ପଛ ପଟ ବାଡ଼ିରେ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିଲେ। ଝୁଲନ୍ତା ଅବସ୍ଥାରେ ଦେବୀଙ୍କୁ ଦେଖି ପରିବାର ଲୋକେ ତାଙ୍କୁ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଅଙ୍ଗନବାଡ଼ିରୁ ଫେରିବା ବେଳେ ଅଘଟଣ

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

■ ଜଳେଶ୍ୱର ବ୍ଲକ, ୨।୮ (ସମିସ): ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଓଲମରା ପଞ୍ଚାୟତର ବ୍ରହ୍ମପୁର ୩ ନମ୍ବର ବସ୍ତିରେ ଏକ ହୃଦୟବିଦାରକ ଘଟିଯାଇଛି। ପାଣିରେ ବୁଡ଼ି ଜଣେ ୪ ବର୍ଷର ଶିଶୁ କନ୍ୟାର ଅକାଳ ମୃତ୍ୟୁ ଘଟିଛି। ମୃତ ଶିଶୁ କନ୍ୟା ଜଣକ ହେଲେ ସେକ୍ ସାର୍ଫେକଙ୍କ ଝିଅ ନୈନା ଖାତୁନ। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଅପରାହ୍ଣରେ ନୈନା ଅଙ୍ଗନବାଡ଼ି କେନ୍ଦ୍ରରୁ ପାଠପଢ଼ା ସାରି ଘରକୁ ଫେରୁଥିଲେ। ତେବେ ରାସ୍ତାରେ ଯିବା ସମୟରେ ଅସାବଧାନତାବଶତଃ ପାଦ ଖସିଯିବାରୁ ସେ ନିକଟସ୍ଥ ଏକ ଗାଡ଼ିଆ (ପୋଖରୀ) ମଧ୍ୟକୁ ଖସିପଡ଼ି ଥିଲେ। ଶିଶୁଟି ଘରକୁ ଫେରିବାରେ ବିଳମ୍ବ ହେବାରୁ ଏବଂ ସାଙ୍ଗରେ ଥିବା ▸ପୃଷ୍ଠା-୭




# ଆର୍ଥିକ ଅନଟନ ଯୋଗୁଁ ଗୋଟିଏ ପରିବାରର ୩ ଜଣଙ୍କ ଆତ୍ମହତ୍ୟା

ପୁଣେ,୨।୮ (ଏଜେନ୍ସି): ମହାରାଷ୍ଟ୍ରର ପୁଣେସ୍ଥିତ ପିମ୍ପରୀ ଅଞ୍ଚଳରେ ଆର୍ଥିକ ଅନଟନ ଏବଂ ଋଣବୋଝ ସହି ନ ପାରି ଗୋଟିଏ ପରିବାରର ୩ ଜଣ ସଦସ୍ୟ ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହାର କରି ଆତ୍ମହତ୍ୟା କରିଛନ୍ତି। ମୃତକମାନେ ହେଲେ ବିନୋଦ ପିଲ୍ଲାଇ (୫୦), ତାଙ୍କ ସ୍ତ୍ରୀ ସିର୍ଜା ପିଲ୍ଲାଇ (୪୫) ଏବଂ ୧୯ ବର୍ଷୀୟା ଝିଅ ପୂର୍ଣ୍ଣିମା ପିଲ୍ଲାଇ। ପୁଲିସ ଅନୁଯାୟୀ, ବିନୋଦ ଅନଲାଇନ୍ ମାଧ୍ୟମରେ ସୋଡିଅମ୍ ନାଇଟ୍ରେଟ୍ ନାମକ ରାସାୟନିକ ପଦାର୍ଥ ମଗାଇଥିଲେ। ସେହି ରସାୟନକୁ ଜଳାଇବା ଦ୍ୱାରା ନିର୍ଗତ ହୋଇଥିବା ବିଷାକ୍ତ ଧୂଆଁ ଯୋଗୁଁ ଘର ଭିତରେ ସମସ୍ତଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରୁ ପୁଲିସ ସୁସାଇଡ୍ ନୋଟ୍ ଜବତ କରିଛି। ସେଥିରେ ଆର୍ଥିକ ସଙ୍କଟ ଯୋଗୁଁ ଏହି ଚରମ ନିଷ୍ପତ୍ତି ନେଇଥିବା ଏବଂ ଏଥିପାଇଁ କେହି ଦାୟୀ ନୁହଁନ୍ତି ବୋଲି ଲେଖାଯାଇଛି। ସୂଚନାଯୋଗ୍ୟ, ଗତ କିଛି ବର୍ଷ ହେବ ପରିବାରଟି ପ୍ରବଳ ଋଣଗ୍ରସ୍ତ ଥିଲା ଏବଂ ନିଜ ଘର ବିକ୍ରି କରି ଭଡ଼ା ଘରେ ରହୁଥିଲା। ସନ୍ତ ତୁକାରାମ ନଗର ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ପରିବାରର ବିରୋଧ, ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

ବାନ୍ଦା,୨।୮ (ଏଜେନ୍ସି): ଉତ୍ତର ପ୍ରଦେଶର ବାନ୍ଦା ଜିଲ୍ଲାରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ବିବାହ ପାଇଁ ପରିବାର ଲୋକଙ୍କ ଅସମ୍ମତି ଯୋଗୁଁ ଗୋଟିଏ ପ୍ରେମୀଯୁଗଳ ବିଷପାନ କରି ଆତ୍ମହତ୍ୟା କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ, ବାନ୍ଦାର ଜଣେ ଯୁବକ ଏବଂ ପଡ଼ୋଶୀ ଚିତ୍ରକୂଟ ଜିଲ୍ଲାର ଜଣେ ଯୁବତୀଙ୍କ ମଧ୍ୟରେ ଗତ ବର୍ଷରୁ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଉଭୟ ବିବାହ କରିବାକୁ ଚାହୁଁଥିଲେ ହେଁ ପରିବାର ଲୋକ ଏହି ସମ୍ପର୍କକୁ ଗ୍ରହଣ କରିନଥିଲେ। ବିଶେଷ କରି ଯୁବକଙ୍କ ପରିବାର ପ୍ରସ୍ତାବରେ ରାଜି ନହେବାରୁ ଉଭୟ ମାନସିକ ଚାପରେ ଥିଲେ। ଗୋଟିଏ ସାଙ୍ଗରେ ଜୀବନ ବିତାଇ ନପାରିବାରୁ ସେମାନେ ଏକାଠି ମରିବାକୁ ନିଷ୍ପତ୍ତି ନେଇ ବିଷପାନ କରିଥିଲେ। ସ୍ଥାନୀୟ ଲୋକେ ଓ ପୁଲିସ ଉଭୟଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ ହେଁ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହଗୁଡ଼ିକୁ ଜବତ କରି ବାନ୍ଦାସ୍ଥିତ ରାନୀ ଦୁର୍ଗାବତୀ ମେଡିକାଲ କଲେଜକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ମାମଲାରେ ପୁଲିସ ଏକ ଆଇନଗତ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ଜାହାଜରେ ଅଗ୍ନିକାଣ୍ଡ; ୫ ମୃତ, ୪୧ ନିଖୋଜ

ଜାକର୍ତ୍ତା,୨।୮ (ଏଜେନ୍ସି): ଇଣ୍ଡୋନେସିଆର ମାଦୁରା ଦ୍ୱୀପ ନିକଟରେ ରବିବାର ସକାଳେ ପ୍ରାୟ ୨୫୦ ଜଣ ଯାତ୍ରୀ ଓ କର୍ମଚାରୀଙ୍କୁ ନେଇ ଯାଉଥିବା ଏକ ଯାତ୍ରୀବାହୀ ଜାହାଜରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪୧ ଜଣ ନିଖୋଜ ଅଛନ୍ତି। 'କେଏମ୍‌ପି ମୁତିଆରା ସେନ୍ତୋସା ୨' ନାମକ ଏହି ଜାହାଜଟି ସୁରାବାୟାର ତାଞ୍ଜୁଙ୍ଗ ପେରାକ ବନ୍ଦରରୁ ମାକାସାର ଅଭିମୁଖେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଯାତ୍ରା ଆରମ୍ଭର କିଛି ଘଣ୍ଟା ପରେ ଜାହାଜରେ ନିଆଁ ଲାଗିଥିବା ନେଇ କ୍ୟାପଟେନ୍ ସୂଚନା ଦେଇଥିଲେ ଏବଂ ଏହାର କିଛି ସମୟ ପରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ସୁରାବାୟା ଉଦ୍ଧାରକାରୀ ଦଳ ଅନୁଯାୟୀ, ଜାହାଜଟି ସମ୍ପୂର୍ଣ୍ଣ ନିଆଁରେ ଜଳି ଯାଇଛି। ସାପୁଡି ଦ୍ୱୀପଠାରୁ ପ୍ରାୟ ୧୯ ନୌଟିକାଲ୍ ମାଇଲ୍ ଉତ୍ତରରେ ଜାହାଜଟି ସମ୍ପୂର୍ଣ୍ଣ ଅଗ୍ନିବଳୟ ମଧ୍ୟରେ ଛନ୍ଦି ହୋଇପଡ଼ିଥିଲା। ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଭିଡିଓରେ ଜାହାଜର ଉପରି ଭାଗରୁ କଳା ଧୂଆଁର ଆସ୍ତରଣ ଏବଂ ନିଆଁର ଶିଖା ବ୍ୟାପୁଥିବା ଦେଖିବାକୁ ମିଳିଛି। ଜୀବନ ବଞ୍ଚାଇବା ପାଇଁ ଅନେକ ଯାତ୍ରୀ ଲାଇଫ୍ ଜାକେଟ୍ ପିନ୍ଧି ସମୁଦ୍ର ଜଳକୁ ଡେଇଁପଡ଼ିଥିଲେ। ଉଦ୍ଧାରକାରୀ ଜାହାଜ ସହିତ ସ୍ଥାନୀୟ ବୋଟ୍‌ଗୁଡ଼ିକ ମଧ୍ୟ ଏହି ପ୍ରକ୍ରିୟାରେ ସାମିଲ ଅଛନ୍ତି। ସମୁଦ୍ର ମଧ୍ୟରେ ନିଖୋଜ ୪୧ ଜଣ ଯାତ୍ରୀଙ୍କୁ ଖୋଜାଖୋଜି କରିବା ପାଇଁ ଉଦ୍ଧାରକାରୀ ଦଳ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି।

## ଆମେରିକାରେ ଗୁଳିକାଣ୍ଡ; ଆକ୍ରମଣକାରୀ ସହ ୩ ମୃତ

ୱାସିଂଟନ,୨।୮ (ଏଜେନ୍ସି): ଆମେରିକାର ଆଇଡାହୋ ରାଜ୍ୟସ୍ଥିତ ଟ୍ୱିନ୍ ଫଲ୍ସର ଏକ ଜନଗହଳିପୂର୍ଣ୍ଣ ବାଣିଜ୍ୟିକ କେନ୍ଦ୍ରରେ ଗୁଳିକାଣ୍ଡ ଘଟି ଆକ୍ରମଣକାରୀ ସମେତ ୩ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଶନିବାର ଏକ ପ୍ରସିଦ୍ଧ ଭୋଜନାଳୟ ନିକଟରେ ଜଣେ ବ୍ୟକ୍ତି ବନ୍ଧୁକ ଦେଖାଇ ଆଖିବୁଜା ଗୁଳିଚାଳନା କରିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଆକ୍ରମଣକାରୀକୁ ଗୁଳି କରି ନିହତ କରିଛି। ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ଯେ, ବର୍ତ୍ତମାନ ସାଧାରଣ ଜନତାଙ୍କ ପାଇଁ ଆଉ କୌଣସି ବିପଦ ନାହିଁ। ଆକ୍ରମଣକାରୀର ପରିଚୟ ଏବଂ ଗୁଳିକାଣ୍ଡ ପଛର କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି। ସୁରକ୍ଷା ଦୃଷ୍ଟିରୁ ଘଟଣାସ୍ଥଳ ନିକଟସ୍ଥ ରାସ୍ତାଗୁଡ଼ିକୁ କିଛି ସମୟ ପାଇଁ ସିଲ୍ କରାଯାଇଥିଲା। ଆମେରିକାରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଏହିପରି ଗୁଳିକାଣ୍ଡ ଘଟଣା ସାଧାରଣ ନାଗରିକଙ୍କ ସୁରକ୍ଷା ପ୍ରତି ପୁଣି ଥରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପେରୁରେ ବିମାନ ଦୁର୍ଘଟଣା; ୧୩ ବିଦେଶୀ ପର୍ଯ୍ୟଟକ ମୃତ

ଲିମା,୨।୮ (ଏଜେନ୍ସି): ପେରୁର ପ୍ରସିଦ୍ଧ ନାଜ୍‌କା ଲାଇନ୍ସ ଐତିହାସିକ ସ୍ଥଳ ଉପରେ ପର୍ଯ୍ୟଟକଙ୍କୁ ନେଇ ବୁଲୁଥିବା ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ବିମାନରେ ଥିବା ୧୩ ନାଗରିକଙ୍କର ମୃତ୍ୟୁ ଘଟିଛି। ନାଜ୍‌କା ପୌରପାଳିକା ଅନୁଯାୟୀ, ଶନିବାର ପେରୁର ନାଜ୍‌କା ସହର ନିକଟସ୍ଥ ଏକ ପଡ଼ିଆରେ ବିମାନଟି ଖସିପଡ଼ିଥିଲା। ପେରୁର 'ଏରୋଡିଆନା' ବିମାନ ସଂସ୍ଥାର ଏହି ସେସ୍‌ନା ଗ୍ରାଣ୍ଡ କାରାଭାନ ବିମାନଟି ଇକା ସହରରୁ ବାହାରିଥିଲା। ବିମାନରେ ୧୧ ଜଣ ବିଦେଶୀ ପର୍ଯ୍ୟଟକ ଏବଂ ୨ ଜଣ ବିମାନ କର୍ମଚାରୀ ଥିଲେ। ମୃତକ ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟରେ ୨ ଜଣ ଜର୍ମାନୀ, ୨ ଜଣ ସ୍ପେନ୍ ଏବଂ ୭ ଜଣ ଇଟାଲୀର ନାଗରିକ ଥିବା ପେରୁ ବାଣିଜ୍ୟ ଓ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହି ଦୁର୍ଘଟଣାର ମୂଳ କାରଣ ଜାଣିବା ପାଇଁ ପେରୁ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

## ଦକ୍ଷିଣ କୋରିଆରେ ଗ୍ରୀଷ୍ମପ୍ରବାହର ନୂଆ ରେକର୍ଡ

ସିଓଲ,୨।୮ (ଏଜେନ୍ସି): ଦକ୍ଷିଣ କୋରିଆରେ ଗ୍ରୀଷ୍ମପ୍ରବାହ ଭୟଙ୍କର ରୂପ ଧାରଣ କରିଛି। ରବିବାର ଦେଶରେ ତାପମାତ୍ରା ୪୨.୫ ଡିଗ୍ରୀ ସେଲସିୟସ୍‌ରେ ପହଞ୍ଚିବା ସହ ପାଣିପାଗ ବିଭାଗର ଏକ ଶତାବ୍ଦୀରୁ ଅଧିକ ସମୟର ସବୁ ରେକର୍ଡ ଭାଙ୍ଗିଛି। କୋରିଆ ପାଣିପାଗ ପ୍ରଶାସନ ଅନୁଯାୟୀ, ଦେଶର ଦକ୍ଷିଣ-ପୂର୍ବ ସହର ୟାଙ୍ଗସାନ୍‌ରେ ଦିପ୍ରହର ୧:୨୬ ମିନିଟ୍‌ରେ ତାପମାତ୍ରା ୪୨.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ଏହି ସହରରେ ଗତ ୫ ଦିନ ହେବ କ୍ରମାଗତ ଭାବେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହୁଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ଦେଶର ୨୦ରୁ ଅଧିକ ଅଞ୍ଚଳରେ ଜରୁରୀକାଳୀନ ଗ୍ରୀଷ୍ମପ୍ରବାହ ସତର୍କତା ଜାରି କରାଯାଇଛି। ଗତ ୫ ବର୍ଷ ମଧ୍ୟରେ ଦେଶରେ ଗ୍ରୀଷ୍ମପ୍ରବାହ ଦିନସଂଖ୍ୟା ବାର୍ଷିକ ହାରାହାରି ୧୯ ଦିନକୁ ବୃଦ୍ଧି ପାଇଛି, ଯାହା ୧୯୭୦ ଦଶକରେ ମାତ୍ର ୮ ଦିନ ଥିଲା। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଶ୍ୱବ୍ୟାପୀ ଏପରି ଅସାଧାରଣ ପାଣିପାଗ ଏବଂ ଗ୍ରୀଷ୍ମପ୍ରବାହର ପରିମାଣ ଅଧିକ ବୃଦ୍ଧି ପାଉଥିବା ପାଣିପାଗ ବିଜ୍ଞାନୀମାନେ ଚେତାବନୀ ଦେଇଛନ୍ତି।

**୪୨.୫ ଡିଗ୍ରୀ ସେଲସିୟସ୍ ଛୁଇଁଲା ତାପମାତ୍ରା**


### ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପରେ ଏନ୍‌ଟିଏର ଡିଜିଟାଲ୍ ସୁରକ୍ଷା ଚିନ୍ତା

# ୨୪ ଘଣ୍ଟିଆ ସୁରକ୍ଷା ପାଇଁ ୭.୫ କୋଟିର ଟେଣ୍ଡର




ନୂଆଦିଲ୍ଲୀ,୨।୮ (ଏଜେନ୍ସି): ମେଡିକାଲ ପ୍ରବେଶିକା ପରୀକ୍ଷା ସମ୍ବନ୍ଧୀୟ ପ୍ରଶ୍ନପତ୍ର ପ୍ରକାଶ ମାମଲାରେ ସଂସ୍କାର ଆଣିବା ପାଇଁ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ସ୍ୱତନ୍ତ୍ର ଟେଣ୍ଡର ଆହ୍ୱାନ କରାଯାଇଛି। ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ସୁରକ୍ଷିତ ଓ ସ୍ୱଚ୍ଛ କରିବା ଲକ୍ଷ୍ୟରେ ପ୍ରାୟ ୭.୫ କୋଟି ଟଙ୍କାର ଏହି ଟେଣ୍ଡର ବ୍ୟବସ୍ଥା ହୋଇଛି। ଏହି ଅର୍ଥ ମାଧ୍ୟମରେ ପ୍ରଶ୍ନପତ୍ର, କାର୍ଯ୍ୟାଳୟ, ସର୍ଭର ରୁମ୍ ଏବଂ ଷ୍ଟ୍ରଙ୍ଗ ରୁମଗୁଡ଼ିକର ୨୪ ଘଣ୍ଟିଆ କଡ଼ା ସୁରକ୍ଷା ପାଇଁ ଏକ ବୃତ୍ତିଗତ ସଂସ୍ଥା ନିୟୋଜିତ କରାଯିବ। ଜୁଲାଇ ୨୫ରେ ପ୍ରକାଶିତ ଏହି ଟେଣ୍ଡର ପ୍ରକ୍ରିୟା ଅନୁଯାୟୀ, ମନୋନୀତ ସୁରକ୍ଷା ସଂସ୍ଥା ଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସମେତ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ସମସ୍ତ ସଂବେଦନଶୀଳ କେନ୍ଦ୍ରଗୁଡ଼ିକର ସୁରକ୍ଷା ଦାୟିତ୍ୱ ବହନ କରିବ। ଏହି କଣ୍ଟ୍ରାକ୍ଟ ପ୍ରାରମ୍ଭିକ ଭାବେ ୨ ବର୍ଷ ପାଇଁ ରହିବ, ଯାହାକୁ କାର୍ଯ୍ୟଦକ୍ଷତା ଆଧାରରେ ଆଉ ୨ ବର୍ଷ ବୃଦ୍ଧି କରାଯାଇପାରିବ। ସୁରକ୍ଷା ସହିତ ପରୀକ୍ଷା ଉପଯୋଗୀ ଗୋପନୀୟ ମୁଦ୍ରଣ ଏବଂ ସଫେଇ କାର୍ଯ୍ୟ ପାଇଁ ମଧ୍ୟ ସରକାରୀ ଗଭର୍ଣ୍ଣମେଣ୍ଟ ଇ-ମାର୍କେଟପ୍ଲେସ୍ ମାଧ୍ୟମରେ ପୃଥକ ଟେଣ୍ଡର ଜାରି କରାଯାଇଛି। ଏଥର କମ୍ ଖର୍ଚ୍ଚ ସହିତ ନିୟମ ଓ ଗୁଣବତ୍ତାକୁ ପ୍ରାଥମିକତା ଦିଆଯାଇଛି। ଏଥିପାଇଁ ସୁରକ୍ଷା ସଂସ୍ଥାର ବୈଷୟିକ ଦକ୍ଷତାକୁ ୭୦% ଏବଂ ଆର୍ଥିକ ପ୍ରସ୍ତାବକୁ ୩୦% ଭାଗ ଗୁରୁତ୍ୱ ଦିଆଯିବ। ଆବେଦନକାରୀ ସଂସ୍ଥାର ଅନ୍ତତଃ ୫ ବର୍ଷର ଅଭିଜ୍ଞତା ଏବଂ ବାର୍ଷିକ ୧୦ କୋଟି ଟଙ୍କାର କାରବାର ଥିବା ବାଧ୍ୟତାମୂଳକ। ସୁରକ୍ଷା ପ୍ରକ୍ରିୟାକୁ ଅଧିକ କଡ଼ାକଡ଼ି କରିବା ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଯେପରିକି ଜିପିଏସ୍ ଆଧାରିତ ପାଟ୍ରୋଲିଂ, ବାୟୋମେଟ୍ରିକ ଉପସ୍ଥାନ, ଧାତୁ ଚିହ୍ନଟକାରୀ ଯନ୍ତ୍ର ଏବଂ ଡିଜିଟାଲ୍ ତଦାରଖ ବ୍ୟବସ୍ଥା ବ୍ୟବହାର କରାଯିବ। ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀମାନେ ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ତଥ୍ୟର ଗୋପନୀୟତା ରକ୍ଷା କରିବାକୁ ବାଧ୍ୟ ରହିବେ। ପୂର୍ବରୁ ପରୀକ୍ଷା ପ୍ରଶ୍ନପତ୍ର ପ୍ରକାଶକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଓ ପରୀକ୍ଷାର୍ଥୀଙ୍କ ଅସନ୍ତୋଷ ପରେ, ଏହି ନୂତନ ସୁରକ୍ଷା ସଂସ୍କାର ଏଜେନ୍ସିର ଗ୍ରହଣଯୋଗ୍ୟତା ଫେରାଇ ଆଣିବାରେ ସହାୟକ ହେବ। କଠୋର ସୁରକ୍ଷା ବ୍ୟବସ୍ଥା ଏବଂ ସଂସଦରେ ପାରିତ ହୋଇଥିବା ନୂତନ ଆଇନ ଆଗାମୀ ଦିନରେ ସମସ୍ତ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷାକୁ ଅଧିକ ସ୍ୱଚ୍ଛ ଓ ସୁରକ୍ଷିତ କରିପାରିବ।

## ମସ୍କୋରେ ମହିଳା ଆତ୍ମଘାତୀଙ୍କ ବିସ୍ଫୋରଣ



**୩ ମୃତ, ୨୧ ଆହତ**

ମସ୍କୋ,୨।୮ (ଏଜେନ୍ସି): ରୁଷର ରାଜଧାନୀ ମସ୍କୋ ସ୍ଥିତ ଏକ ଜନଗହଳିପୂର୍ଣ୍ଣ ରେସ୍ତୋରାଁରେ ଶନିବାର ଏକ ବୋମା ବିସ୍ଫୋରଣ ଘଟି ୩ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ତତଃ ୨୧ ଜଣ ଗୁରୁତର ଆହତ ହୋଇଛନ୍ତି। ରୁଷର ଜାତୀୟ ଆତଙ୍କବାଦ ବିରୋଧୀ କମିଟି ଅନୁଯାୟୀ, ମସ୍କୋର କୁଡ୍ରିନ୍ସକାୟା ସ୍କୋୟାରରେ ଥିବା ଏକ ରେସ୍ତୋରାଁରେ ଜଣେ ଅଜଣା ମହିଳା ବିସ୍ଫୋରକ ନେଇ ପଶିବାକୁ ଚେଷ୍ଟା କରୁଥିଲେ। ସୁରକ୍ଷା କର୍ମୀ ଜଣକ ତାଙ୍କୁ ଭିତରକୁ ଯିବାକୁ ବାରଣ କରିବା ସମୟରେ ବୋମାଟି ବିସ୍ଫୋରିତ ହୋଇଥିଲା। ଏହି ଆକ୍ରମଣରେ ବୋମା ବହନକାରୀ ମହିଳା, ସୁରକ୍ଷା କର୍ମୀ ଏବଂ ଜଣେ ଗ୍ରାହକଙ୍କର ମୃତ୍ୟୁ ଘଟିଛି। ମସ୍କୋ ତଦନ୍ତକାରୀ କମିଟି ପକ୍ଷରୁ ଏହି ଘଟଣାର ସନ୍ତ୍ରାସବାଦୀ କୋଣରୁ ଅଧିକ ତଦନ୍ତ ଜାରି ରହିଛି। ସୁରକ୍ଷା କର୍ମୀଙ୍କ ତତ୍କାଳ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏକ ବଡ଼ ଦୁର୍ଘଟଣା ଏଡ଼ାଯାଇ ପାରିଥିଲେ ହେଁ, ରାଜଧାନୀ ମସ୍କୋରେ ଏହି ବିସ୍ଫୋରଣ ନିରାପତ୍ତା ବ୍ୟବସ୍ଥା ଉପରେ ପୁଣି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ୟୁକ୍ରେନରେ ୩୫ କ୍ଷେପଣାସ୍ତ୍ର, ୧୮୫ ଡ୍ରୋନ ଆକ୍ରମଣ

କିଭ୍,୨।୮ (ଏଜେନ୍ସି): ରୁଷ ପକ୍ଷରୁ ୟୁକ୍ରେନର ରାଜଧାନୀ କିଭ୍ ଉପରେ ଏପର୍ଯ୍ୟନ୍ତର ଅନ୍ୟତମ ବୃହତ୍ତମ ମିସାଇଲ ଓ ଡ୍ରୋନ ଆକ୍ରମଣ କରାଯାଇଛି। ଏଥିରେ ଅନ୍ତତଃ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ବହୁ ସଂଖ୍ୟାରେ ଲୋକ ଆହତ ହୋଇଛନ୍ତି। ରୁଷିଆ ଗୋଟିଏ ରାତିରେ ୩୫ଟି ମିସାଇଲ୍ (ଏଥିରେ ୨୭ଟି ବାଲିଷ୍ଟିକ୍ ମିସାଇଲ୍ ଅନ୍ତର୍ଭୁକ୍ତ) ଏବଂ ୧୮୫ଟି ଡ୍ରୋନ୍ ମାଡ଼ କରିଥିଲା। ତେବେ ୟୁକ୍ରେନ ବାୟୁସେନା ମାତ୍ର ୧ଟି ବାଲିଷ୍ଟିକ୍ ମିସାଇଲ୍‌କୁ ସଫଳତାର ସହ ନଷ୍ଟ କରିବାକୁ ସକ୍ଷମ ହୋଇଥିଲା। ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ପ୍ରକାଶ କରିଛନ୍ତି ଯେ, ଆମେରିକା ଦ୍ୱାରା ଯୋଗାଇ ଦିଆଯାଇଥିବା 'ପାଟ୍ରିଅଟ୍' ଏୟାର ଡିଫେନ୍ସ ସିଷ୍ଟମର ଇଣ୍ଟରସେପ୍ଟର ମିସାଇଲ୍ ସମ୍ପୂର୍ଣ୍ଣ ସରିଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରତିରକ୍ଷା ମିସାଇଲ୍‌ର ଅଭାବ ଯୋଗୁଁ ଆକ୍ରମଣକୁ ରୋକାଯାଇ ପାରିନଥିଲା, ଯାହା ଫଳରେ କିଭ୍‌ର ଆବାସିକ ଅଞ୍ଚଳଗୁଡ଼ିକ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି।

## କ୍ଷମତାକୁ ଆସିବା ପରେ ମଧ୍ୟ ବଟି ଆଦାୟ ସମ୍ପୂର୍ଣ୍ଣ ବନ୍ଦ ହୋଇନି

କୋଲକାତା,୨।୮ (ଏଜେନ୍ସି): ପଶ୍ଚିମବଙ୍ଗରେ କ୍ଷମତାକୁ ଆସିବାର ଦୁଇ ମାସ ପରେ ମଧ୍ୟ ଚାନ୍ଦାବାଜିକୁ ସମ୍ପୂର୍ଣ୍ଣ ରୋକାଯାଇପାରିନାହିଁ ବୋଲି



ରାଜ୍ୟ ବିଜେପି ସଭାପତି ସମିକ ଭଟ୍ଟାଚାର୍ଯ୍ୟ ସ୍ୱୀକାର କରିଛନ୍ତି। ଏପରିକି ଦଳର କିଛି କର୍ମୀଙ୍କ ମଧ୍ୟରେ ମଧ୍ୟ ଏଭଳି ପ୍ରବୃତ୍ତି ଦେଖାଯାଉଥିବା କଥା ସେ ମାନିଛନ୍ତି। କୋଲକାତା ନିକଟସ୍ଥ ରାଜାରହାଟରେ ଆୟୋଜିତ 'ଉଦ୍ୟମୀ ସମାଗମ' କାର୍ଯ୍ୟକ୍ରମରେ ସମ୍ବୋଧନ କରି ସାମିକ ଭଟ୍ଟାଚାର୍ଯ୍ୟ କହିଥିଲେ, ରାଜ୍ୟରେ ବିଜେପି ସରକାରକୁ କ୍ଷମତାରେ ଆସି ମାତ୍ର ଦୁଇ ମାସ ହୋଇଛି। ସମସ୍ତ ସମସ୍ୟାର ସମାଧାନ ଏତେ କମ୍ ସମୟରେ ସମ୍ଭବ ନୁହେଁ। ଚାନ୍ଦାବାଜି ସମ୍ପୂର୍ଣ୍ଣ ଦୂର ହୋଇଯାଇଛି ବୋଲି କହିବା ଭୁଲ ହେବ। ସେ କହିଥିଲେ, ବର୍ଷ ବର୍ଷ ଧରି ସିଣ୍ଡିକେଟ୍ ମାଧ୍ୟମରେ ସହଜରେ ଅର୍ଥ ରୋଜଗାର କରିବାର ସଂସ୍କୃତି ଗଢ଼ି ଉଠିଥିଲା। କ୍ଷମତା ପରିବର୍ତ୍ତନ ସହିତ ସବୁକିଛି ବଦଳିଯାଏ ନାହିଁ। ଦଳ ଭିତରେ ମଧ୍ୟ ଏଭଳି ପ୍ରବୃତ୍ତିକୁ ରୋକିବା ପାଇଁ ପ୍ରୟାସ ଚାଲିଛି ବୋଲି ସେ କହିଛନ୍ତି। ସମିକ ଭଟ୍ଟାଚାର୍ଯ୍ୟ ଦଳୀୟ କର୍ମୀ ଓ ସମର୍ଥକଙ୍କୁ ବିରୋଧୀ ନେତାଙ୍କ ଉପରକୁ ଅଣ୍ଡା ଫିଙ୍ଗିବା ଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଆଜି ଯେଉଁମାନେ ଏଭଳି କରୁଛନ୍ତି, ଆସନ୍ତାକାଲି ସେହି ପରିସ୍ଥିତି ସେମାନଙ୍କ ଉପରେ ମଧ୍ୟ ଆସିପାରେ। ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରରେ ଦଳୀୟ ରାଜନୀତିର ହସ୍ତକ୍ଷେପ ବନ୍ଦ ହେଲେ ପଶ୍ଚିମବଙ୍ଗରେ ପୁଣି ନିବେଶ ବଢ଼ିବ ବୋଲି ସେ ମତ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଖୁବ୍ ଶୀଘ୍ର ନିବେଶକ, ଷ୍ଟାର୍ଟଅପ୍ ଉଦ୍ୟୋଗୀ, ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏବଂ ଶିଳ୍ପପତିମାନଙ୍କ ସହ ଆଲୋଚନା କରି ଏକ ନୂତନ ଶିଳ୍ପନୀତି ପ୍ରସ୍ତୁତ କରିବ ବୋଲି ସେ ସୂଚନା ଦେଇଛନ୍ତି।

## ସାମ୍ବାଦିକ ସମ୍ମିଳନୀରେ ପପ୍ପୁ ଯାଦବଙ୍କୁ ଆକ୍ରମଣ ଉଦ୍ୟମ



ନୂଆଦିଲ୍ଲୀ,୨।୮ (ଏଜେନ୍ସି): ବିହାରର ସ୍ୱାଧୀନ ସାଂସଦ ପପ୍ପୁ ଯାଦବଙ୍କୁ ରବିବାର ଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଚାଲିଥିବା ସମୟରେ ଆକ୍ରମଣ କରାଯାଇଛି। ଜଣେ ବ୍ୟକ୍ତି ସାଂସଦଙ୍କ ଉପରକୁ ଜୋତା ଫିଙ୍ଗିବା ସହ ତାଙ୍କୁ ଛୁରିରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ଅଭିଯୁକ୍ତ ଜଣକ ତାଙ୍କ ଉପରକୁ ଜୋତା ଫିଙ୍ଗିଥିଲେ। ଏହାପରେ ସାଂସଦଙ୍କ ସମର୍ଥକମାନେ ଉକ୍ତ ବ୍ୟକ୍ତିଙ୍କୁ କାବୁ କରିବା ସହ ନିସ୍ତୁକ ମାଡ଼ ମାରିଥିଲେ। ଅଭିଯୁକ୍ତ ଜଣକ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଆସିଥିଲେ ଏବଂ ତାଙ୍କ ପାଖରେ ଏକ ଛୁରି ମଧ୍ୟ ଥିଲା ବୋଲି ପପ୍ପୁ ଯାଦବ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୁକ୍ତକୁ ଗିରଫ କରିବା ସହ ସମର୍ଥକଙ୍କ ଦ୍ୱାରା ଦିଆଯାଇଥିବା ଏକ ଛୁରିକୁ ଜବତ କରିଛି। ଅଭିଯୁକ୍ତଙ୍କ ନାମ ସୁମିତ ଏବଂ ସେ ଉତ୍ତର ପ୍ରଦେଶର ବୁଲନ୍ଦସହରର ବାସିନ୍ଦା ବୋଲି ଚିହ୍ନଟ ହୋଇଛି। ସଂସଦ ପରିସରରେ ରାମ ମନ୍ଦିର ଚାନ୍ଦା ଚୋରି ବିରୋଧରେ ପପ୍ପୁ ଯାଦବ ଜଣେ ସାଧୁଙ୍କ ବେଶରେ ପ୍ରତୀକାତ୍ମକ ପ୍ରତିବାଦ କରିଥିଲେ। ଏହି ଘଟଣା ଦ୍ୱାରା ସାଧୁସନ୍ଥ ଏବଂ ସନାତନ ଧର୍ମକୁ ଅପମାନିତ କରାଯାଇଥିବା ଦର୍ଶାଇ ଅଭିଯୁକ୍ତ ସୁମିତ ଏହି ଆକ୍ରମଣ କରିଥିବା ପୁଲିସ ନିକଟରେ ସ୍ୱୀକାର କରିଛି।

## ହ୍ରଦଗୁଡ଼ିକରେ ହ୍ରାସ ପାଉଛି ବରଫ ଆସ୍ତରଣ

**ଉତ୍ତର ଗୋଲାର୍ଦ୍ଧରେ ବିପଦ**

ନୂଆଦିଲ୍ଲୀ,୨।୮ (ଏଜେନ୍ସି): ବିଶ୍ୱ ତାପମାନ ବୃଦ୍ଧି ଯୋଗୁଁ ଉତ୍ତର ଗୋଲାର୍ଦ୍ଧରେ ଥିବା ହ୍ରଦଗୁଡ଼ିକର ଶୀତକାଳୀନ ବରଫ ଆସ୍ତରଣ ଆଶାଠାରୁ ଦ୍ରୁତ ଗତିରେ ତରଳିବାରେ ଲାଗିଛି। ୨୦୦୦ ରୁ ୨୦୨୨ ମଧ୍ୟରେ ୭୨୪ଟି ହ୍ରଦର ତଥ୍ୟକୁ ନେଇ କରାଯାଇଥିବା ଅନ୍ତର୍ଜାତୀୟ ଗବେଷଣାରୁ ଜଣାପଡ଼ିଛି ଯେ, ବରଫ ତରଳିବା ପ୍ରକ୍ରିୟା ୨୨ ଗୁଣ ବୃଦ୍ଧି ପାଇଛି। ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ହ୍ରଦଗୁଡ଼ିକରୁ ଶୀତକାଳୀନ ବରଫର ଅବଧି ପ୍ରାୟ ୪୦ ଦିନ ହ୍ରାସ ପାଇପାରେ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ଆମେରିକାର ପ୍ରସିଦ୍ଧ ବୈଜ୍ଞାନିକ ପତ୍ରିକା 'ପ୍ରୋସିଡିଙ୍ଗସ୍ ଅଫ୍ ଦି ନ୍ୟାସନାଲ୍ ଏକାଡେମୀ ଅଫ୍ ସାଇନ୍‌ସେସ୍' (ପିଏନ୍‌ଏଏସ୍)ରେ ପ୍ରକାଶିତ ଏହି ଅଧ୍ୟୟନ ଅନୁଯାୟୀ, ଶୀତଦିନେ ହ୍ରଦ ଜମାଟ ବାନ୍ଧିବା ତୁଳନାରେ ବସନ୍ତ ଋତୁରେ ବରଫ ତରଳିବା ପ୍ରକ୍ରିୟା ବହୁତ ଶୀଘ୍ର ଘଟୁଛି। ଶୀତକାଳୀନ ହାରାହାରି ବାୟୁ ତାପମାତ୍ରା -୧୩.୭ ଡିଗ୍ରୀରୁ -୬.୮ ଡିଗ୍ରୀ ସେଲସିୟସ ମଧ୍ୟରେ ପହଞ୍ଚିବା ମାତ୍ରେ ବରଫ କ୍ଷୟ ପ୍ରକ୍ରିୟା ଅତି ଭୟଙ୍କର ରୂପ ନେଉଛି। ନାନଜିଙ୍ଗ ନର୍ମାଲ ବିଶ୍ୱବିଦ୍ୟାଳୟର ଗବେଷକ ଡକ୍ଟର ଜିଆନ୍ ଝୌଙ୍କ ଅନୁଯାୟୀ, ଏହି ତାପମାତ୍ରାରେ ପରିବର୍ତ୍ତନ ପରେ ଅଳ୍ପ ତାପମାତ୍ରା ବୃଦ୍ଧି ମଧ୍ୟ ବରଫ ଆସ୍ତରଣକୁ ଅତ୍ୟଧିକ ପରିମାଣରେ ନଷ୍ଟ କରିଦିଏ। ହ୍ରଦର ଆକାର, ଗଭୀରତା କିମ୍ବା ଆକୃତି ତୁଳନାରେ ଆଞ୍ଚଳିକ ଜଳବାୟୁ ଏବଂ ସୂର୍ଯ୍ୟକିରଣ ପ୍ରତିଫଳନ କ୍ଷମତା (ଆଲବେଡୋ) ଏହି ପରିବର୍ତ୍ତନ ପାଇଁ ମୁଖ୍ୟତଃ ଦାୟୀ। ବର୍ତ୍ତମାନ ସୁଦ୍ଧା ୨୩% ହ୍ରଦ ଏହି ବିପଦ ସୀମାର ତାପମାତ୍ରା ଅତିକ୍ରମ କରିସାରିଛନ୍ତି। ଏହାସତ୍ତ୍ୱେ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ ପୂର୍ବବତ ଜାରି ରହିଲେ ଶତାବ୍ଦୀ ଶେଷ ସୁଦ୍ଧା ୭୦% ହ୍ରଦ ମାନଙ୍କର ଅସ୍ତିତ୍ୱ ସଙ୍କଟାପନ୍ନ ହେବ।

## 'ନିଆଁରେ ଘିଅ ଢାଳନି'

ମୁମ୍ବଇ,୨।୮ (ଏଜେନ୍ସି): ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା 'ସରି ହ୍ରିତିକ୍' ଟ୍ରେଣ୍ଡକୁ ନେଇ ବଲିଉଡ୍ ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରାଣାୱତ ଏବଂ ଅଭିନେତା ହ୍ରିତିକ ରୋଶନଙ୍କ ମଧ୍ୟରେ ପୁଣି ଥରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। କଙ୍ଗନା ହ୍ରିତିକ୍‌ଙ୍କୁ 'ନିଆଁରେ ଘିଅ ଢାଳିବା ବନ୍ଦ କରନ୍ତୁ' ବୋଲି କହିବା ସହ ତାଙ୍କ ସହଭାଗିନୀଙ୍କୁ ଅସୁବିଧାରେ ନ ପକାଇବାକୁ ପରାମର୍ଶ ଦେଇଛନ୍ତି। ଏହାର ପୂର୍ବରୁ ହ୍ରିତିକ୍ ରୋଶନ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା 'ୱି ନିଡ୍ ଟୁ ଆପୋଲୋଜାଇଜ୍ ହ୍ରିତିକ' ଟ୍ରେଣ୍ଡ ଉପରେ ପ୍ରତିକ୍ରିୟା ଦେଇ କହିଥିଲେ ଯେ, କେବଳ ସୋସିଆଲ୍ ମିଡିଆର କାହାଣୀ ଦେଖି କୌଣସି ପକ୍ଷ ନେବା ଉଚିତ୍ ନୁହେଁ। ସମସ୍ତ ତଥ୍ୟ ଓ ସଠିକ୍ ପ୍ରସଙ୍ଗ ସାମ୍ନାକୁ ଆସିବା ପରେ ହିଁ ସେ ମତ ରଖିବେ। ହ୍ରିତିକ୍‌ଙ୍କ ଏହି ମନ୍ତବ୍ୟ ପରେ କଙ୍ଗନା ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରିରେ ପ୍ରତିକ୍ରିୟା ଦେଇ କହିଛନ୍ତି, ସେ ଖୁସି ଯେ ହ୍ରିତିକ୍ ତାଙ୍କ ଗାର୍ଲଫ୍ରେଣ୍ଡ ସାବା ଆଜାଦଙ୍କ ସହ ସୁଖୀ ଜୀବନ ବିତାଉଛନ୍ତି। କିନ୍ତୁ ତାଙ୍କ ନାମରେ ତାଙ୍କୁ ଟ୍ରୋଲ୍ ଓ ହଇରାଣ କରୁଥିବା ଲୋକଙ୍କୁ ନିନ୍ଦା କରିବା ପରିବର୍ତ୍ତ ଏଭଳି ମନ୍ତବ୍ୟ ଦେଇ ସେ ବିବାଦକୁ ଆହୁରି ବଢ଼ାଉଛନ୍ତି। ଏହି ନୂଆ ବିବାଦର ସୂତ୍ରପାତ କଙ୍ଗନାଙ୍କ ଛାତ୍ର ଆନ୍ଦୋଳନ ସମ୍ପର୍କିତ ମନ୍ତବ୍ୟରୁ ହୋଇଥିଲା। ଏହା ପରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ମୁଖପାତ୍ର ସୌରଭ ଦାସ କହିଥିଲେ ଯେ ତାଙ୍କ ସାଙ୍ଗମାନେ ମଜାରେ କହୁଛନ୍ତି, ସେ ଯୁବକ ହ୍ରିତିକ୍ ରୋଶନଙ୍କ ପରି ଦେଖାଯାଉଥିବାରୁ କଙ୍ଗନା ତାଙ୍କୁ ଟାର୍ଗେଟ୍ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ହ୍ରିତିକ୍ ଓ କଙ୍ଗନାଙ୍କ ମଧ୍ୟରେ ବିବାଦ ୨୦୧୬ ମସିହାରୁ ଚାଲିଆସୁଛି। ସେତେବେଳେ କଙ୍ଗନା ଏକ ସାକ୍ଷାତକାରରେ ହ୍ରିତିକ୍‌ଙ୍କୁ ତାଙ୍କ 'ସିଲି ଏକ୍ସ' ବୋଲି କହିଥିଲେ। ପରେ ଉଭୟଙ୍କ ମଧ୍ୟରେ ଆଇନଗତ ନୋଟିସ, ଇ-ମେଲ୍ ଓ ପରସ୍ପର ବିରୋଧୀ ଅଭିଯୋଗକୁ ନେଇ ଦୀର୍ଘ ସମୟ ଧରି ବିବାଦ ଚାଲିଥିଲା। ବର୍ତ୍ତମାନର ଏହି ନୂଆ ସୋସିଆଲ୍ ମିଡିଆ ବାକ୍‌ଯୁଦ୍ଧ ସେହି ପୁରୁଣା ବିବାଦକୁ ପୁଣିଥରେ ଚର୍ଚ୍ଚାକୁ ଆଣିଛି।



## ବନ୍ୟା ପାଇଁ ଯୁକ୍ତ ତିନି ନାମଲେଖା ସମୟସୀମା ବୃଦ୍ଧି

ଭୁବନେଶ୍ୱର,୨।୮ (ସମିସ): ରାଜ୍ୟରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷାନୁଷ୍ଠାନ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଯୁକ୍ତ ତିନି ପ୍ରଥମ ପର୍ଯ୍ୟାୟ ନାମଲେଖା ଅବଧିରେ ପରିବର୍ତ୍ତନ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ସଂଶୋଧିତ ସୂଚୀ ଅନୁସାରେ, ତୃତୀୟ ପର୍ଯ୍ୟାୟରେ ନାମଲେଖା ପାଇଁ ମନୋନୀତ ଛାତ୍ରଛାତ୍ରୀମାନେ ଆସନ୍ତା ୫ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ସମ୍ପୃକ୍ତ ମହାବିଦ୍ୟାଳୟରେ ନାମଲେଖାଇ ପାରିବେ। ସେହିଦିନ ରାତି ୯ଟା ସୁଦ୍ଧା କଲେଜଗୁଡ଼ିକ ଇ- ସ୍ପେସ୍‌ରେ ତଥ୍ୟ ଅପଲୋଡ୍ କରିବେ। ସ୍ପଟ୍ ବା ୱେଟିଂ ରାଉଣ୍ଡ ନାମଲେଖା ପାଇଁ ୮ ତାରିଖ ଦିନ ୧୨ଟାରେ ୱେଟିଂ ତାଲିକା ପ୍ରକାଶ ପାଇବ। ଆଗ୍ରହୀ ପ୍ରାର୍ଥୀମାନେ ୧୦ ତାରିଖ ସକାଳ ୧୧ଟାରୁ ୧୧ ତାରିଖ ଅପରାହ୍ନ ୪ଟା ମଧ୍ୟରେ କଲେଜରେ ରିପୋର୍ଟିଂ କରିବେ। ୧୨ ତାରିଖ ଅପରାହ୍ନ ୨ଟାରେ ଚୁଡାନ୍ତ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ପିଲାମାନେ ୧୩ ଓ ୧୪ ତାରିଖ ମଧ୍ୟରେ ନାମ ଲେଖାଇବେ। ଏହାପରେ ଉପଲବ୍ଧ ସିଟ୍ ସଂଖ୍ୟାକୁ ନେଇ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ସମ୍ପର୍କିତ ସମୟସୂଚୀ ପ୍ରକାଶ ପାଇବ ବୋଲି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଅଗଷ୍ଟ ୫ରୁ ନିଟ୍-ୟୁଜି କାଉନ୍‌ସେଲିଂ ପଞ୍ଜୀକରଣ

ଭୁବନେଶ୍ୱର,୨।୮ (ସମିସ): ନିଟ୍-ୟୁଜି ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ସାରା ଦେଶରେ ମେଡିକାଲ୍ ଶିକ୍ଷାରେ ନାମଲେଖା ପାଇଁ ଆସନ୍ତା ୫ ତାରିଖରୁ ପଞ୍ଜିକରଣ ଆରମ୍ଭ ହେବ। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଜାରି ରହିବ ବୋଲି ମେଡିକାଲ୍ କାଉନ୍‌ସେଲିଂ କମିଟି (ଏମ୍‌ସିସି) ପକ୍ଷରୁ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଅଗଷ୍ଟ ୬ ରୁ ଚଏସ୍ ଫିଲିଂ ଓ ଲକିଂ ହେବାକୁ ଥିବାବେଳେ ୧୭ ତାରିଖରେ ପ୍ରଥମ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୨୨ ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ବ୍ୟାଚଲର୍ ଅଫ୍ ମେଡିସିନ୍ ଆଣ୍ଡ ବ୍ୟାଚଲର୍ ଅଫ୍ ସର୍ଜରୀ (ଏମ୍‌ବିବିଏସ୍), ବ୍ୟାଚଲର୍ ଅଫ୍ ଡେଣ୍ଟାଲ୍ ସର୍ଜରୀ (ବିଡିଏସ୍) ଓ ବିଏସ୍‌ସି ନର୍ସିଂରେ ୧୫ ପ୍ରତିଶତ ଅଲ୍ ଇଣ୍ଡିଆ କୋଟାରେ ନାମଲେଖା ହେବ। ଏହାଛଡ଼ା ଏମ୍‌ସିସି ପରିଚାଳିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଡିମ୍ଡ ବିଶ୍ୱବିଦ୍ୟାଳୟ, ଇଏସ୍‌ଆଇସି, ଏଏଫ୍‌ଏମ୍‌ସି ସମେତ ଅନ୍ୟ ଶିକ୍ଷାନୁଷ୍ଠାନ ପାଇଁ ମଧ୍ୟ କାଉନ୍‌ସେଲିଂ ହେବ।

# ବୋଡକ ନିକଟରେ ଧୋଇଗଲା ୫୦୦ ମିଟର ରାସ୍ତା

## ଶୈବପୀଠକୁ କାଉଡ଼ିଆ ଯାନ ଚଳାଚଳ ବନ୍ଦ; ସ୍ଥାନୀୟ ଅଧିବାସୀଙ୍କ ଅସନ୍ତୋଷ



ଆରଡ଼ି,୨।୮ (ସମିସ): ବୈତରଣୀ ବନ୍ୟା କମିଯାଇଥିଲେ ମଧ୍ୟ ଏହାର ପ୍ରଭାବ ଏବେ ବି ଏନ୍‌ଏଚ୍-୨୦ ଉପରେ ସ୍ପଷ୍ଟ ଦେଖିବାକୁ ମିଳୁଛି। ଚାନ୍ଦବାଲି ବ୍ଲକ୍ ଓଲଗ ପଞ୍ଚାୟତ ଅଧୀନ ବୋଡକ ନିକଟରେ ପ୍ରାୟ ୫୦୦ ମିଟର ରାସ୍ତା ବନ୍ୟାରେ ଧୋଇଯାଇ ଅନେକ ସ୍ଥାନରେ ୪ ଫୁଟ୍‌ରୁ ଅଧିକ ଗଭୀର ଖାଲ ସୃଷ୍ଟି ହୋଇଛି। ଫଳରେ ଆରଡ଼ି-ଭୁବନେଶ୍ୱର ସଡ଼କ ଯୋଗାଯୋଗ ବ୍ୟାହତ ହୋଇ ବସ୍ ସମେତ ସମସ୍ତ ଭାରୀଯାନ ଚଳାଚଳ ବନ୍ଦ ରହିଛି। ବନ୍ୟା ସମୟରେ ଏହି ସ୍ଥାନରେ ପ୍ରାୟ ୪ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଥିବାରୁ ଭଦ୍ରକର ଆରଡ଼ି ଓ ଧୂଷୁରୀ ପୁଲିସ ଏବଂ ଯାଜପୁରର ମଙ୍ଗଳପୁର ପୁଲିସ ରାସ୍ତାକୁ ସିଲ୍ କରି ଯାତାୟାତ ବନ୍ଦ କରିଥିଲେ। ରବିବାର ସକାଳେ ପାଣି କମିଥିଲେ ମଧ୍ୟ ରାସ୍ତାର ଅବସ୍ଥା ସୁଧୁରିନାହିଁ। ମଙ୍ଗଳପୁର ପୁଲିସ ଏବେ ବି କାଉଡ଼ିଆ, ବାଇକ୍ ଚାଳକ ଓ ପଥଚାରୀଙ୍କୁ ସତର୍କ କରି ଅଟକାଉଛି। ଏହାର ପ୍ରଭାବରେ ସୋମବାର ଆଖଣ୍ଡଳମଣି ପୀଠକୁ ଯାଉଥିବା କାଉଡ଼ିଆଙ୍କ ଗାଡ଼ି ପ୍ରାୟ ୭ କିଲୋମିଟର ଦୂରରେ ଅଟକି ରହିବା ସମ୍ଭାବନା ରହିଛି। ରାସ୍ତାଟି ଏନ୍‌ଏଚ୍-୨୦ ଅଧୀନରେ ଥିବାରୁ ଜଳସେଚନ ବିଭାଗ ମରାମତି କରିପାରୁ ନ ଥିବାବେଳେ, ବିଭାଗୀୟ ସମନ୍ୱୟର ଅଭାବକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଧାମନଗର ଜଳସେଚନ ବିଭାଗର ଏସ୍‌ଡିଓ ଶମ୍ଭୁ ପ୍ରକାଶ ମଲ୍ଲିକ କହିଛନ୍ତି, ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମିଳିଲେ ବିଭାଗ ମରାମତି କାମରେ ସହଯୋଗ କରିବ। ଅନ୍ୟପକ୍ଷରେ ଭଦ୍ରକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଛନ୍ତି, ସମ୍ପୃକ୍ତ ଦୁଇ ବିଭାଗ ସହ ଆଲୋଚନା କରି ଶୀଘ୍ର ସମସ୍ୟାର ସମାଧାନ କରାଯିବ। ମଧ୍ୟାହ୍ନରେ ସ୍ଥାନୀୟ ଲୋକେ ବାଲିବସ୍ତା ପକାଇ ସାମୟିକ ଭାବେ ବାଇକ୍ ଓ ପଥଚାରୀଙ୍କ ଯାତାୟାତ ସ୍ୱାଭାବିକ କରିଥିବା ସୂଚନା ମିଳିଛି।

## ଆଇଏଫ୍‌ଏସ୍ ଅଧିକାରୀ ସଂଗ୍ରାମ ବେହେରା ନିଲମ୍ବିତ

ଭୁବନେଶ୍ୱର,୧।୮ (ସମିସ): ବହୁଚର୍ଚ୍ଚିତ ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ଗିରଫ ହୋଇଥିବା ଆଇଏଫ୍‌ଏସ୍ ଅଧିକାରୀ ସଂଗ୍ରାମ କେଶରୀ ବେହେରା ଚାକିରିରୁ ନିଲମ୍ବିତ ହୋଇଛନ୍ତି। ଏହି ମାମଲାରେ ଗିରଫ ହେବା ପରେ ରାଜ୍ୟ ସରକାର ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ନିଲମ୍ବିତ କରିଛନ୍ତି। ବର୍ତ୍ତମାନ ସେ ଓଡ଼ିଶା ଫରେଷ୍ଟ ଡେଭେଲପମେଣ୍ଟ କର୍ପୋରେସନ୍ (ଓଏଫ୍‌ଡିସି)ର ବାଣିଜ୍ୟ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ସଂଗ୍ରାମ କେଶରୀ ବେହେରା ୨୦୨୧ ମସିହାରେ ଗଜପତି ଜିଲ୍ଲାର ଡିଭିଜନାଲ ଫରେଷ୍ଟ ଅଫିସର ଭାବେ କାର୍ଯ୍ୟରତ ଥିବା ସମୟରେ ପାରଳାଖେମୁଣ୍ଡି ବନଖଣ୍ଡର ତତ୍କାଳୀନ ସହକାରୀ ବନ ସଂରକ୍ଷକ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ବିବାଦକୁ ଆସିଥିଲେ। ସଦ୍ୟ ଏହି ମାମଲାରେ ସଂଗ୍ରାମ କେଶରୀ ବେହେରାଙ୍କୁ ନ୍ୟାୟିକ ହେପାଜତକୁ ପଠାଯାଇଛି। ଏହାପରେ ରାଜ୍ୟ ସରକାର ପକ୍ଷରୁ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନିଲମ୍ବନ ଆଦେଶ ଜାରି କରିଛନ୍ତି। ସରକାରଙ୍କ ମତରେ, ଜଣେ ସରକାରୀ ଅଧିକାରୀ ନ୍ୟାୟିକ ହେପାଜତରେ ଥିବା ପରିସ୍ଥିତିରେ ସେବା ନିୟମାବଳୀ ଅନୁଯାୟୀ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

**ପିପିଲି କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକଙ୍କୁ ଆକ୍ରମଣ ମାମଲାରେ ବର୍ଷିଲେ ସଞ୍ଜୟ**

## ସରକାରୀ କାର୍ଯ୍ୟାଳୟରେ ଆକ୍ରମଣ ଅତି ନିନ୍ଦନୀୟ

ଭୁବନେଶ୍ୱର,୨।୮ (ସମିସ): ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ପିପିଲି ଶାଖା ପରିଚାଳକଙ୍କୁ ଆକ୍ରମଣକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଏନେଇ ବିଜେଡି ବରିଷ୍ଠ ଉପ ସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ପିପିଲି ଶାଖା ପରିଚାଳକ ବିକାଶ ରଞ୍ଜନ ପରିଡ଼ାଙ୍କୁ ସରକାରୀ କାର୍ଯ୍ୟାଳୟ ଭିତରେ ପିପିଲି ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ ଗତ ୩୧ ତାରିଖରେ ଆକ୍ରମଣ କରିଛନ୍ତି। ବିଜେପି ନେତା ମାନେ ଆକ୍ରୋଶ ମୂଳକ ଭାବେ ସରକାରୀ କାର୍ଯ୍ୟାଳୟରେ ଆକ୍ରମଣ କରିବା ଅତି ନିନ୍ଦନୀୟ ଅଟେ। ସେ ଏହାକୁ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିର ଆଉ ଏକ ଉଦାହରଣ ଅଟେ ବୋଲି ସେ କହିଛନ୍ତି।



ଶ୍ରୀ ଦାସବର୍ମା କହିଛନ୍ତି ଯେ ସରକାରୀ ଅଧିକାରୀଙ୍କୁ ସରକାରୀ କାର୍ଯ୍ୟାଳୟ ମଧ୍ୟରେ ଏପରି ଆକ୍ରମଣ କରିବା ଗୁରୁତର ବିଷୟ ଅଟେ। ଉକ୍ତ ଘଟଣା ପରେ ସ୍ଥାନୀୟ ପିପିଲି ଥାନା ଅଧିକାରୀଙ୍କୁ ଅଭିଯୋଗ କରିବା ସତ୍ତ୍ୱେ ଏହାକୁ ଗୁରୁତର ଭାବେ ଗ୍ରହଣ କରିବା ପରିବର୍ତ୍ତେ ରାଜନୈତିକ ବ୍ୟକ୍ତିଙ୍କ ହାତବାରିସି ସାଜି ଘଟଣାକୁ ଚାପି ଦେଉଛନ୍ତି। ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଏହାର ଆପୋସ ବୁଝାମଣା କରାଇବା ଦିଗରେ ଉଦ୍ୟମ କରିଛନ୍ତି। ଉକ୍ତ ଘଟଣା ଦିନ ଥାନା ଅଧିକାରୀ ସେଠାରେ ପହଞ୍ଚି ପ୍ରଥମେ ଆକ୍ରମଣକାରୀଙ୍କୁ କିପରି ଖସାଇବେ ସେ ଦିଗରେ ପ୍ରଚେଷ୍ଟା କରିଥିଲେ। ଏହାପରେ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଥାନାକୁ ଡକାଇ ଆପୋସ ବୁଝାମଣା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଯାହାକି ପିପିଲି ଥାନା ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ ଜନତାଙ୍କୁ ନ୍ୟାୟ ଦେବା ବଦଳରେ ଭରସା ହରାଇବାରେ ଲାଗିଛି। ଉକ୍ତ ଘଟଣା ନେଇ ବ୍ୟାଙ୍କ ପକ୍ଷରୁ ଗତ ୧ ତାରିଖରେ ପୁରୀ ଏସପିଙ୍କୁ ଅଭିଯୋଗ ଜଣାଇଥିଲେ। କିନ୍ତୁ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଲେ ନାହିଁ। ବ୍ୟାଙ୍କ କର୍ମଚାରୀମାନଙ୍କୁ ମାମଲା ପ୍ରତ୍ୟାହାର ଲାଗି ବିଭିନ୍ନ ଆଡୁ ଧମକ ଚମକ ଦେଉଛନ୍ତି ବୋଲି ଶ୍ରୀ ଦାସବର୍ମା ଅଭିଯୋଗ କରିଛନ୍ତି। ଏହା ସାଧାରଣ ସରକାରୀ କର୍ମଚାରୀ ମାନଙ୍କ ପାଇଁ ଖରାପ ପରିସ୍ଥିତି ସୃଷ୍ଟି କରିଛି। ଦାବି କରିଛନ୍ତି ଯେ, ତୁରନ୍ତ ସରକାର, ପୁଲିସ ପ୍ରଶାସନ ଏବଂ ପୁଲିସ ମହାନିର୍ଦ୍ଦେଶକ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତଙ୍କୁ ଗିରଫ କରନ୍ତୁ। ନଚେତ ଆଗକୁ ପରିସ୍ଥିତିର ଜଟିଳ ହେବ। ଏଥି ପାଇଁ ରାଜ୍ୟ ସରକାର ଦାୟୀ ରହିବେ। ଏଥିସହିତ ପୁରୀ ଆରକ୍ଷୀ ଅଧିକାରୀଙ୍କୁ କର୍ମଚାରୀ ସଂଘ ପକ୍ଷରୁ ପ୍ରେରଣ କରାଯାଇଥିବା ଅଭିଯୋଗ କପି ଓ ଘଟଣା ସମୟର ଭିଡିଓ ଜାରି କରାଯାଇଛି। ଏହା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଘଟିବା ବ୍ୟାଙ୍କ କର୍ମଚାରୀ ସଂଘର ମନୋବଳ ଭାଙ୍ଗିଯାଇଛି ବୋଲି ସେ କହିଛନ୍ତି। ବିଜେପି ସରକାର ଅପରାଧକୁ ପ୍ରଶ୍ରୟ ନଦେଇ ତୁରନ୍ତ ଦୋଷୀଙ୍କ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

**■ ବନ୍ଦ ହେଲା ହୀରାକୁଦର ୩ ଗେଟ୍**

## ୧୯ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ



ସମ୍ବଲପୁର,୨। ୮(ସମିସ): ହୀରାକୁଦ ଉପର ମୁଣ୍ଡରେ ବର୍ଷା ପରିମାଣ କମିଛି। ଡ୍ୟାମ୍‌କୁ ବନ୍ୟାଜଳ ପ୍ରବେଶ କମିଛି। ଯାହାକୁ ନଜର ରଖି ଆଜି ହୀରାକୁଦ ଡ୍ୟାମ କର୍ତ୍ତୃପକ୍ଷ ତିନୋଟି ଗେଟ୍ ବନ୍ଦ କରିଛନ୍ତି। ଖବର ଲେଖାହବା ପର୍ଯ୍ୟନ୍ତ ୧୯ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ସୂଚନା ଅନୁସାରେ ଏବେ ଜଳ ଭଣ୍ଡାରରେ ଜଳସ୍ତର ୬୨୨.୯୭ ଫୁଟ ପହଞ୍ଚିଛି। ପ୍ରତି ସେକେଣ୍ଡରେ ଡ୍ୟାମ୍‌କୁ ୧୬୬୧୩୦ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ବାମପଟର ୧୫ ଓ ଡାହାଣପଟର ୭ ମୋଟ ୨୨ ଗେଟଦେଇ ୩୮୭୦୬୦ କ୍ୟୁସେକ ଜଳ ନିଷ୍କାସନ ହେଉଛି। ଆଗକୁ ବାମପଟର ୧୩ ଓ ଡାହାଣ ପଟର ୬ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ ହେବ।

## ଆଜି ଆସୁଛନ୍ତି ରାଷ୍ଟ୍ରପତି: ଏମକେସିଜିରେ ବେସ୍ ହସ୍ପିଟାଲ ପ୍ରସ୍ତୁତ

ବ୍ରହ୍ମପୁର,୨।୮ (ସମିସ): ଆସନ୍ତା ୩ ଓ ୪ ତାରିଖରେ ରାଷ୍ଟ୍ରପତିଙ୍କ ଦୁଇଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସୁରକ୍ଷା ଓ ଜରୁରୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ଅବସରରେ ମେଡିକାଲ ପରିସରସ୍ଥିତ ପିଏମଏସଏସୱାଇ କୋଠାରେ ଏକ ବେସ୍ ହସ୍ପିଟାଲ ସ୍ଥାପନ କରାଯାଇଛି। ଏଥିରେ ବିଭିନ୍ନ ବିଭାଗର ୨୨ ଜଣ ଡାକ୍ତରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଆବଶ୍ୟକ ପଡ଼ିଲେ ନିୟୋଜନ ପାଇଁ ଅତିରିକ୍ତ ୬ ଜଣ ଡାକ୍ତରଙ୍କୁ ପ୍ରସ୍ତୁତ ରଖାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଅର୍ଥାତ୍ ଚଳିତ ମାସ ୩ ଓ ୪ ତାରିଖରେ ବେସ୍ ହସ୍ପିଟାଲରେ ପ୍ରତିଦିନ ତିନୋଟି ସିଫ୍ଟରେ ଡାକ୍ତରମାନେ କାର୍ଯ୍ୟ କରିବେ। ସେହିପରି ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଓ-ନେଗେଟିଭ୍ ବ୍ଲଡ୍ ସମେତ ସମସ୍ତ ଆବଶ୍ୟକ ଜରୁରୀକାଳୀନ ଔଷଧ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖିବାକୁ ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ସୁଦୀପ ଦାଶ ସମ୍ପୃକ୍ତ ବିଭାଗ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଏମକେସିଜି ମେଡିକାଲ ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକ ସ୍ୱାସ୍ଥ୍ୟସେବା ଓ ଜରୁରୀକାଳୀନ ପ୍ରସ୍ତୁତି ସମ୍ପୂର୍ଣ୍ଣ କରାଯାଇଥିବା ସୂଚନା ମିଳିଛି।

## ରାଜ୍ୟ ଆଇନଜୀବୀ ପରିଷଦର ପାଞ୍ଚ ଦଫା ଦାବି

**ଆଡଭୋକେଟ୍ ଏକାଡେମୀ ଓ ଆଇନଜୀବୀ ସୁରକ୍ଷା ବିଲ୍ ପ୍ରଣୟନ ପାଇଁ ସରକାରଙ୍କୁ ସ୍ମାରକପତ୍ର**

କଟକ,୨।୮ (ସମିସ): ରାଜ୍ୟର ଆଇନଜୀବୀମାନଙ୍କର ଦୀର୍ଘଦିନର ଆର୍ଥିକ ନିରାପତ୍ତା ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ଓଡ଼ିଶା ଷ୍ଟେଟ୍ ବାର୍ କାଉନସିଲ୍ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବାର୍ କାଉନସିଲ୍‌ର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏକ ଚିଠି ମାଧ୍ୟମରେ ରାଜ୍ୟ ସରକାରଙ୍କ ଆଗରେ ୫ଟି ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରିବା ସହ ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

ପ୍ରଦତ୍ତ ସ୍ମାରକପତ୍ର ଅନୁଯାୟୀ, ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ରାଜ୍ୟ ସରକାରଙ୍କର ଦିଆଯାଉଥିବା ବାର୍ଷିକ ଅନୁଦାନ ରାଶିକୁ ୧୦ କୋଟି ରୁ ୫୦ କୋଟିକୁ ବୃଦ୍ଧି ଏବଂ ଉକ୍ତ ପାଣ୍ଠିରୁ ସଦସ୍ୟ ଆଇନଜୀବୀଙ୍କୁ ଅବସର କାଳୀନ ସହାୟତା ରାଶିକୁ ୪ ଲକ୍ଷ ୫୦ ହଜାରରୁ ୯ ଲକ୍ଷ କୁ ବୃଦ୍ଧି କରିବାକୁ ନିବେଦନ କରାଯାଇଛି। ସେହିପରି ରାଜ୍ୟର ସମସ୍ତ ଆଇନଜୀବୀମାନଙ୍କୁ ୧୦ ଲକ୍ଷ ରାଶି ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରିବା, ଆଇନଜୀବୀମାନଙ୍କର ନିରନ୍ତର ଶିକ୍ଷା ତଥା ଦକ୍ଷତା ବିକାଶ ନିମନ୍ତେ 'ଆଡଭୋକେଟ୍ ଏକାଡେମୀ' ପ୍ରତିଷ୍ଠା ନିମନ୍ତେ ଆବଶ୍ୟକ ଭିତ୍ତଭୂମି ତଥା ଜମି ଅଧିଗ୍ରହଣ, ବାର୍ଷିକ ଅନୁଦାନ ରାଶି ପ୍ରଦାନ, ଆଇନଜୀବିଙ୍କର ସୁରକ୍ଷା ନିମନ୍ତେ ଆଇନଜୀବୀ ସୁରକ୍ଷା ବିଲ୍ ପ୍ରଣୟନ କରିବାକୁ ଦାବିପତ୍ରରେ ଉପସ୍ଥାପିତ କରାଯାଇଛି। ଉପର ଲିଖିତ ଦାବି ପ୍ରସଙ୍ଗରେ ରାଜ୍ୟ ଆଇନଜୀବୀ ପରିଷଦର ନିରନ୍ତର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ତଥା ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ଅଧ୍ୟକ୍ଷ ଲ. କମିସନ୍ ଓ ଆଡଭୋକେଟ୍ ଜେନେରାଲଙ୍କର ଦୃଷ୍ଟି ଆକର୍ଷଣ ଫଳରେ ଦିଆଯାଉଥିବା ଅନୁଦାନ ରାଶି ୪ ଲକ୍ଷ ୫୦ ହଜାରରୁ ୯ ଲକ୍ଷକୁ ବୃଦ୍ଧି, ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ରାଜ୍ୟ ସରକାରଙ୍କର ଦିଆଯାଉଥିବା ବାର୍ଷିକ ଅନୁଦାନ ରାଶିକୁ ୧୦ କୋଟିରୁ ୧୫ କୋଟିକୁ ବୃଦ୍ଧି ଏବଂ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ କରିବା ପାଇଁ ତତ୍ପରତା ପ୍ରକାଶ କରିଛନ୍ତି। ରାଜ୍ୟ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ ନିମନ୍ତେ ରାଜ୍ୟ ସରକାରଙ୍କ ଆଇନ ବିଭାଗର ପତ୍ରସଂଖ୍ୟା ଏମ୍‌ଜେ-ସି-୫/୨୩/୦/୩୮ ଏଲ୍, ୨୧ଜୁଲାଇ ୨୦୨୬ ମାଧ୍ୟମରେ ରାଜ୍ୟ ଆଇନଜୀବୀ ପରିଷଦକୁ ଉକ୍ତ ପ୍ରସଙ୍ଗରେ ଏକ ଚିଠା ବିଲ୍ ଯଥା ଶୀଘ୍ର ଉପସ୍ଥାପନ କରିବା ନିମନ୍ତେ ଅନୁରୋଧ କରାଯାଇଛି।

**ଛାତ୍ର କଂଗ୍ରେସର 'ସଂକଳ୍ପ ସମାବେଶ'**

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ଉଦ୍ୟମ ବେଳେ ଧସ୍ତାଧସ୍ତି



'ଛାତ୍ରମାନଙ୍କୁ ଅତ୍ୟାଚାର କରିବାକୁ ଗୁପ୍ତ ନିର୍ଦ୍ଦେଶ ରହିଛି'

ଭୁବନେଶ୍ୱର,୨।୮ (ସମିସ): ଯନ୍ତରମନ୍ତରରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ପ୍ରତିବାଦରେ ଆନ୍ଦୋଳନ କରୁଥିବା ଛାତ୍ର ସମାଜ ପ୍ରତି କେନ୍ଦ୍ର ସରକାର ଯେଉଁ ଆଚରଣ ପ୍ରଦର୍ଶନ କଲା ଏହା ଦୁର୍ଭାଗ୍ୟଜନକ। ସାରା ଦେଶର ବିଭିନ୍ନ ରାଜ୍ୟରେ ଛାତ୍ର ସମାଜ ଭୁଶୁଡ଼ି ଯାଇଥିବା ଶିକ୍ଷାବ୍ୟବସ୍ଥା ବିରୋଧରେ ଲଢ଼େଇ କରୁଛନ୍ତି। ଯନ୍ତରମନ୍ତରରେ ଛାତ୍ରଙ୍କ ଉପରେ ଅମାନବୀୟ ଲାଠିଚାର୍ଜ, ଟିୟରଗ୍ୟାସ ପ୍ରୟୋଗ ଏବଂ ପଥରମାଡ଼ ଘଟଣା ଏ ଦେଶରେ ଚାଲିଥିବା ହିଟଲରୀରାଜ୍‌କୁ ପଦାରେ ପକାଇଛି ବୋଲି ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସଭାପତି ବିନୋଦ ଜାଖର କହିଛନ୍ତି। ରବିବାର ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକ ଠାରେ ଆୟୋଜିତ 'ଛାତ୍ର ସଂକଳ୍ପ ସମାବେଶ'ରେ ଯୋଗ ଦେଇ ଶ୍ରୀ ଜାଖର କହିଛନ୍ତି, ନ୍ୟାୟ ମାଗୁଥିବା ଛାତ୍ରମାନଙ୍କୁ ଅକଥନୀୟ ଅତ୍ୟାଚାର କରିବାକୁ ସରକାରଙ୍କର ଗୁପ୍ତ ନିର୍ଦ୍ଦେଶ ରହିଛି। ଛାତ୍ରମାନଙ୍କୁ ଏବଂ ଅଭିଭାବକମାନଙ୍କୁ ଏନକାଉଣ୍ଟର କରି ମାରିଦେବାକୁ ଧମକ ଦିଆଯାଉଛି। ଯେଉଁ ଅଭିଭାବକ ମାନେ କରଜ କରି, ଜମି ବିକି ପିଲାମାନଙ୍କୁ ପାଠ ପଢ଼ାଉଛନ୍ତି କିନ୍ତୁ ଶିକ୍ଷା ବ୍ୟବସ୍ଥା ପିଲାମାନଙ୍କ ପ୍ରତି ବିଶ୍ୱାସଘାତକତା କରୁଛି। ଏ ସରକାର ଶିକ୍ଷା ଦଲାଲମାନଙ୍କ କବଜାରେ ରହିଛି ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଲେ ଯେ ଓଡ଼ିଶାର ଛାତ୍ରଛାତ୍ରୀ ରାଜରାସ୍ତାରେ ଛଡ଼ା ହେଉନଥିବାରୁ କଲେଜ ଓ ୟୁନିଭର୍ସିଟିରେ ଛାତ୍ର ସଂସଦ ନିର୍ବାଚନ ହେଉନାହିଁ। ଛାତ୍ରମାନଙ୍କ ପ୍ରତି ବାରମ୍ବାର ଅନ୍ୟାୟ ହେଉଛି। ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଶିକ୍ଷା ବ୍ୟବସ୍ଥାର ମାଆବାପା କେହି ନାହାନ୍ତି। ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଓଡ଼ିଶାର ଗଣଶିକ୍ଷା ବିଭାଗ ଓଡ଼ିଶାର ଛାତ୍ରଛାତ୍ରୀ ମାନଙ୍କୁ ନିମ୍ଭୁଡ଼ା ନୃତ୍ୟ କରିବାପାଇଁ ବ୍ୟବସ୍ଥା କରିଦେଇଛନ୍ତି। ସରକାରୀ ପାଠ୍ୟପୁସ୍ତକରେ ୨୦୦୦ ରୁ ଉର୍ଦ୍ଧ୍ୱ ତ୍ରୁଟି ରହିଛି। ଛାତ୍ରଶକ୍ତି ଜାଗ୍ରତ ହେଲେ ଓଡ଼ଶା ଜାଗିବ ବୋଲି ଶ୍ରୀ ଦାସ କହିଛନ୍ତି।

ନବନିଯୁକ୍ତ ଛାତ୍ର କଂଗ୍ରେସ ସଭାପତି ବିଭୁତି ଭୂଷଣ ମହାପାତ୍ର କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର କଂଗ୍ରେସ ସଂଗଠନକୁ ମଜବୁତ କରାଯିବ ବୋଲି କହିଛନ୍ତି। ଛାତ୍ର କଂଗ୍ରେସ ଏ ସରକାରକୁ ହଟାଇବ। ଓଡ଼ିଶାର ଶିକ୍ଷାବ୍ୟବସ୍ଥାର ସୁଧାର ପାଇଁ ଏବଂ ଓଡ଼ିଶାର ଛାତ୍ର ସମାଜର ସ୍ୱାର୍ଥ ପାଇଁ ଛାତ୍ର କଂଗ୍ରେସ ଅବିଶ୍ରାନ୍ତ ଲଢ଼େଇ କରିବ ବୋଲି ସେ କହିଛନ୍ତି। ସଭା ପରେ ଏକ ବିଶାଳ ବିକ୍ଷୋଭ ରାଲି ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରି ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ ପାଇଁ ଯାଇଥିଲା। ଲୋୟର ପିଏମଜିଠାରେ ପୁଲିସ ସହ ଏକଘଣ୍ଟା କାଳ ଧସ୍ତାଧସ୍ତି ହୋଇଥିଲା। ଛାତ୍ର କଂଗ୍ରେସ କର୍ମକର୍ତ୍ତା ତିନୋଟି ପୁଲିସ ବାରିକେଡ ଭାଙ୍ଗି ଅଗ୍ରସର ହେଉଥିବା ବେଳେ ସେମାନଙ୍କୁ ପୁଲିସ ଭ୍ୟାନଯୋଗେ ଉଠାଇ ନେଇଥିଲା। ସୂଚନା ଥାଉ କି ନବନିଯୁକ୍ତି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ବିଭୁତିଭୂଷଣ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯିବ ସହ ଶ୍ରୀ ଜାଖରଙ୍କୁ ଏୟାରପୋର୍ଟଠାରୁ ଏକ ବିଶାଳ ମୋଟରସାଇକେଲ ରାଲିରେ ମାଷ୍ଟରକ୍ୟାଣ୍ଟିନ ଛକପର୍ଯ୍ୟନ୍ତ ଅଣାଯାଇଥିଲା।

**■ ବନ୍ୟା ଅଞ୍ଚଳରେ ରିଲିଫ ତଦାରଖ ପାଇଁ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରସଙ୍ଗ**

## ବନ୍ୟା ଅବସ୍ଥା ସଙ୍ଗିନ ବୋଲି ବିଳମ୍ବରେ ଅନୁଭବ କଲେ ସରକାର: ବିଜେଡି

ଭୁବନେଶ୍ୱର,୨।୮ (ସମିସ): ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡିକରେ ରିଲିଫ ପ୍ରଦାନ କାମକୁ ତଦାରଖ କରିବା ଲାଗି ରାଜ୍ୟ ସରକାର ମନ୍ତ୍ରୀ ମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ବନ୍ୟା ପରିସ୍ଥିତି ଗୁରୁତର ହୋଇଛି ରାଜ୍ୟ ସରକାର ବିଳମ୍ବରେ ଅନୁଭବ କରିଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ବନ୍ୟା ପରିସ୍ଥିତି ସଂଗୀନ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପିର ବରିଷ୍ଠ ନେତାମାନେ ଦିଲ୍ଲୀରେ ରହିଥିଲେ, ଯାହାଫଳରେ ବନ୍ୟା ପ୍ରଭାବିତ ଲୋକଙ୍କୁ ସହଯୋଗ କରିବା ପାଇଁ ପ୍ରଶାସନିକ ତତ୍ପରତା ଦେଖା ଯାଇ ନଥିଲା ବୋଲି ଦଳ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି।

ଦଳ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତ୍ତିରେ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ ଯେ ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସଙ୍ଗୀନ ହୋଇଥିବା ନେଇ ବିଜେଡି ପକ୍ଷରୁ ବାରମ୍ବାର କୁହା ଯାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ତତ୍ପରତା ଦେଖିବାକୁ ମିଳି ନଥିଲା। ଏହି କାରଣରୁ ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡିକରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବନ୍ୟାର ପ୍ରକୋପରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩୮୦ ଗୃହପାଳିତ ପଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ହଜାର ହଜାର ଏକର ଚାଷ ଜମି ଜଳମଗ୍ନ ହୋଇଥିଲା। ବନ୍ୟାରେ ରାଜ୍ୟର ବିଭିନ୍ନ ଅଞ୍ଚଳ ଉବୁଟୁବୁ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ବିଜେପିର ବରିଷ୍ଠ ନେତାମାନେ ଦିଲ୍ଲୀରେ ଥିଲେ। ବିଜେଡି ସମେତ ଅନ୍ୟ ବିରୋଧୀ ଦଳ ମାନେ ବାରମ୍ବାର ବନ୍ୟା ସ୍ଥିତ ସଙ୍ଗୀନ ହୋଇଥିବା କହିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ନିଦ୍ରା ଭଙ୍ଗ ହୋଇ ନଥିଲା। ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରିବା ପରେ ବନ୍ୟା ସ୍ଥିତି ସଙ୍ଗୀନ ଥିବା ଅନୁଭବ କରି ସେ କିଛି ମନ୍ତ୍ରୀ ମାନଙ୍କୁ ବନ୍ୟାଞ୍ଚଳ ଗୁଡ଼ିକରେ ତଦାରଖ ପାଇଁ ଦାୟିତ୍ୱ ଦେଇଛନ୍ତି। ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ ପୂର୍ବରୁ ପ୍ରଶାସନିକ ତତ୍ପରତା ଦେଖାଇଥିଲେ, ବନ୍ୟାରେ ୭ ଜଣଙ୍କର ମୃତ୍ୟୁ ହୋଇନଥାନ୍ତା। ବନ୍ୟା ପରିସ୍ଥିତିରେ ଲୋକଙ୍କ ସହିତ ଛିଡା ନହୋଇ ଦିଲ୍ଲୀରେ ରହିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି।

**■ ବନ୍ୟା ସମୟରେ ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ବିଜେପି ନେତା ଦିଲ୍ଲୀରେ ଉପସ୍ଥିତ ଥିଲେ**

**■ ପ୍ରଶାସନିକ ତତ୍ପରତା ଥିଲେ ସାତ ଜଣଙ୍କ ମୃତ୍ୟୁ ହୋଇ ନ'ଥାନ୍ତା**

## ତାଲୁକ୍ ଆଇନସେବା ସମିତି ପକ୍ଷରୁ ଦାରିଦ୍ର୍ୟ ଦୂରୀକରଣ ସଚେତନତା




ଆନନ୍ଦପୁର, ୨।୮ (ସମିସ): ଆନନ୍ଦପୁର ତାଲୁକ୍ ଆଇନସେବା ସମିତି ପକ୍ଷରୁ ରବିବାର ଘସିପୁରା ବ୍ଲକ ଦରଗିପାଳ ପଞ୍ଚାୟତ ସଭାଗୃହରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦାରିଦ୍ର୍ୟ ଦୂରୀକରଣରେ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ-୨୦୨୫ ଓ ନାଲସାର ସ୍ୱହା ଯୋଜନା-୨୦୨୫ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ୍ ଆଇନସେବା ସମିତିର ଅଧ୍ୟକ୍ଷ ଦେବଦତ୍ତ ଦାସ୍ ମହାପାତ୍ର ଜାତୀୟ କର୍ମନିଯୁକ୍ତି, ଖାଦ୍ୟସୁରକ୍ଷା, ଆବାସ, ସ୍ୱାସ୍ଥ୍ୟ ପ୍ରଭୃତି ମୌଳିକ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଆଇନଗତ ପ୍ରାବଧାନକୁ ଆଲୋଚନା କରିଥିଲେ। ଉପଖଣ୍ଡ ନ୍ୟାୟିକ ବିଚାରପତି ଗୌରାଙ୍ଗଙ୍କର ପଣ୍ଡା, ଆନନ୍ଦପୁର ଓକିଲ ସଂଘର ସଭାପତି ଦୟାନିଧି ଦାଶ, ସମ୍ପାଦିକା ମଧୁସ୍ମିତା ଦାସ, ଆଇନସେବା ସମିତିର ଆଇନଜୀବୀ ହେମରଞ୍ଜନ ବେହେରା, ଆଇନଜୀବୀ ଚନ୍ଦ୍ରପ୍ରସାଦ ଓଝା, ଦରଗିପାଳ ସରପଞ୍ଚ ପଞ୍ଚାୟତ ସମିତି ସଭ୍ୟ, ଘସିପୁରା ଥାନାଧିକାରୀ ଅତିଥି ଭାବେ ଯୋଗ ଦେଇଥିଲେ। ତାଲୁକ୍ ଆଇନସେବା ସଦସ୍ୟ ତଥା ଆଇନଜୀବୀ ବାଉଧର ସେଠୀ ସଂଯୋଜନା କରିଥିବା ବେଳେ ତାଲୁକ୍ ଆଇନସେବା ସମିତିର କାର୍ଯ୍ୟନିର୍ବାହୀ ଦେବାଶିଷ ବେହେରା ଓ କର୍ମଚାରୀ ନବକିଶୋର ଏବଂ ଜାତୀୟ ସମରଶିକ୍ଷାର୍ଥୀ ବାହିନୀ ସହଯୋଗ କରିଥିଲେ। ଘସିପୁରା ପୁଲିସ ତରଫରୁ ଶୃଙ୍ଖଳା ରକ୍ଷା ଦାୟିତ୍ୱ ନିର୍ବାହ କରାଯାଇଥିଲା।

## ଆନନ୍ଦପୁର ବ୍ୟାରେଜ୍‌ରେ ତ୍ରୁଟିପୂର୍ଣ୍ଣ ଜଳ ପରିଚାଳନା

# ବନ୍ୟାଜଳରେ ଉଜୁଡ଼ି ଯାଇଛି ଚାଷ

ଆନନ୍ଦପୁର, ୨।୮ (ସମିସ)



ଆନନ୍ଦପୁର ବ୍ୟାରେଜର ତ୍ରୁଟିପୂର୍ଣ୍ଣ ଜଳ ପରିଚାଳନା ଯୋଗୁଁ ଆନନ୍ଦପୁର ଉପଖଣ୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବ୍ୟାରେଜର ଜଳ ଧାରଣ ପରିମାଣକୁ ଦୃଷ୍ଟିରେ ରଖି ପର୍ଯ୍ୟାୟକ୍ରମେ ଖୋଲିବା ପରିବର୍ତ୍ତେ ଏକାଥରେ ୨୭ଟି ଗେଟ ଖୋଲାଯାଇଥିବାରୁ ଚଳିତ ବର୍ଷର ବନ୍ୟା ପରିସ୍ଥିତି ମନୁଷ୍ୟକୃତ ବୋଲି ସାଧାରଣରେ ଗୁରୁତର ଅଭିଯୋଗ ହୋଇଛି। ବୈତରଣୀରେ ପ୍ରତିବର୍ଷ ବନ୍ୟା ଏପରିକି ବଡ ଧରଣର ବନ୍ୟା ଆସି ମଧ୍ୟ ଏଭଳି କ୍ଷତି ହୋଇନଥିଲା। ଗତ ୧୯୯୯ର ପ୍ରଳୟଙ୍କରୀ ମହାବାତ୍ୟାରେ ମଧ୍ୟ ରିଙ୍ଗରୋଡକୁ ବନ୍ୟାଜଳ ଛୁଇଁ ପାରି ନଥିଲା। ବନ୍ୟା ସମୟରେ ବ୍ୟାରେଜରେ ଏପରି ତ୍ରୁଟିପୂର୍ଣ୍ଣ ଜଳ ପରିଚାଳନା ଲୋକଙ୍କ ଧନଜୀବନ ସହିତ ଖେଳିବା ସଦୃଶ ହୋଇଛି। ଚଳିତ ବର୍ଷର ବନ୍ୟାଜଳରେ ଚାଷ ଜମି ବୁଡିରହିଥିବାରୁ ଧାନଚାଷ ସହିତ ପନିପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଆନନ୍ଦପୁର ବ୍ଲକର ପଞ୍ଚୁପଲି, ଜଳସୁଆଁ, ହରିଡାପାଳ, ଘସିପୁରା ବ୍ଲକର ଶାଳବେଢ଼, ବାତୋ, ଡରୁଆଁ ଓ ହାଟଡିହି ବ୍ଲକର ପଞ୍ଚୁଗୋଛିଆ, ସମଣା, ଆମ୍ରୋ, ଆଇତିପୁର, ହାବଳେଶ୍ୱର, ଡଅଁର, ଷଡ଼ଙ୍ଗ ପ୍ରଭୃତି ପଞ୍ଚାୟତରେ ବନ୍ୟାଜଳ ପଶି କ୍ଷୟକ୍ଷତି ଘଟାଇଛି। ଖପରାଖାଇ-ପଞ୍ଚୁପଲୀ ବୈତରଣୀ ନଦୀବନ୍ଧର ପଞ୍ଚୁପଲୀଠାରେ ବନ୍ଧ ନଥିବା ବେଳେ ହାଟଡିହି ବ୍ଲକର ଆମ୍ରୋ-ସମଣା ନିକଟରେ ବନ୍ଧ ନଥିବାରୁ ବୈତରଣୀ ବନ୍ୟାଜଳ ପଶିଆସି ଅନେକ କ୍ଷତି ପହଞ୍ଚାଇଥିବାରୁ ଚାଷୀକୁଳ ଚିନ୍ତିତ ହୋଇପଡ଼ିଛନ୍ତି। ହାଟଡିହି ବ୍ଲକର ପନଚୁଗୋଛିଆ, ଆମ୍ରୋ, ସମଣା, ହାବଳେଶ୍ୱର, ଆଇତିପୁର, ଗେଡ଼ମା, ଷଡ଼ଙ୍ଗ, ରମ୍ଭାସ ସମଣା, ଗୋବିନ୍ଦପୁର, ବାହାରିପୁର, ଚାପୁଣ୍ଡିଆ, କୋଦମଡିହି, କୁଆଡ, ମରୁଆ, ଗିରିଗାଁ, ତେଲିସିଂଗା, କରଗୋଳା, ଆଗିରିଆ ଗ୍ରାମରେ ବନ୍ୟାଜଳ ପଶି ରହିଥିବାରୁ ଚଳିତବର୍ଷର ଚାଷ ସମ୍ପୂର୍ଣ୍ଣ ଉଜୁଡିଯାଇଛି। ଏହି ଅଞ୍ଚଳରୁ ପ୍ରଚୁର ପରିମାଣରେ ଉତ୍ପାଦିତ ହେଉଥିବା ପନିପରିବା ଫସଲ ପାଣିରେ ବୁଡି ରହିଥିବାରୁ ଧାରସୂତ୍ରରେ ଅର୍ଥ ଆଣି ଚାଷ କରିଥିବା ଚାଷୀକୁଳ ହତାଶ ହୋଇପଡ଼ିଛନ୍ତି। ବରେଶ୍ୱର ଶିବନାରାୟଣପୁର ଗ୍ରାମରେ ଧାନଚାଷ ସହିତ ପୋଟଳ ବାଇଗଣ, କଲରା ଭଳି ଚାଷ କରିଥିବା ଚାଷୀମାନେ ଚାଷ କ୍ଷେତକୁ ଚାହିଁ ଆମ୍ବହରା ହୋଇପଡ଼ିଛନ୍ତି। ସେହିପରି ଘଷପୁରା ବ୍ଲକ ବାତୋ ପଞ୍ଚାୟତର ଅତା, ମଧୁକେଶରୀ, ଉଲଳ, କରଡାପାଳ, ଅଞ୍ଜିରା, ଫତେପୁର, ପରମାନନ୍ଦପୁର, ଶାଳଦେ ପନଚାୟତର ଓଡପଡ଼ା, ନପଙ୍ଗା, ବେଲଦା, ବ୍ରାହ୍ମଣଦା, ଡିହକଟିଣା, ବାଲିବରୁଆଁ, କଇଥପାଟଣା, ପଦନପୁର ଡରୁଆଁ ପନଚାୟତର ସାଇଁପାଳ, ଚଣ୍ଡାଳି, ଅଲିଗାଁ ଏବଂ ଆନନ୍ଦପୁର ବ୍ଲକର ଜଳସୁଆଁ ହରିଡାପାଳ, ପନଚୁପଲୀ ପଞ୍ଚାୟତର ଚାଷଜମିରେ ଫସଲହାନି ହୋଇଥିବାରୁ ପ୍ରଶାସନ ପକ୍ଷରୁ ଏହାର କ୍ଷୟକ୍ଷତି ଆକଳନ କରିବା ପାଇଁ ଦାବି ହେଉଛି।

## ବନ୍ୟା କ୍ଷୟକ୍ଷତିର ସମୀକ୍ଷା କଲେ ଜୟଦେବ ଜେନା



ହାଟଡ଼ିହୀ,୨।୮ (ସମିସ): ହାଟଡ଼ିହୀ ବ୍ଲକ୍ ସୋସୋ ପଞ୍ଚାୟତର କାନପୁର ଓ ମରଚାଇପଦା ଗ୍ରାମକୁ ସାଳନ୍ଦୀ ନଦୀର ବନ୍ୟାଜଳ ଭୟଙ୍କର ଭାବେ କ୍ଷତିଗ୍ରସ୍ତ କରିଛି। ନଦୀର କରାଳ ସ୍ରୋତ ଅନେକ ବାସଗୃହ ଓ ସ୍ଥାୟୀ ପକ୍କା ଶୌଚାଳୟକୁ ଭସାଇ ନେଇଥିବା ବେଳେ ବର୍ତ୍ତମାନ ଉଭୟ ଗ୍ରାମ ଅତ୍ୟନ୍ତ ବିପଦସଙ୍କୁଳ ପରିସ୍ଥିତିରେ ରହିଛି। ଆଜି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଘଟଣାସ୍ଥଳରୁ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଆନନ୍ଦପୁର ଉପଜିଲ୍ଲାପାଳ, ହାଟଡ଼ିହୀ ତହସିଲଦାର ଓ ହାଟଡ଼ିହୀ ବିଡିଓଙ୍କ ସହ ଏହି ଗୁରୁତର ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇଟି ଗ୍ରାମକୁ ସ୍ଥାୟୀ ସୁରକ୍ଷା ଯୋଗାଇବା ପାଇଁ ତୁରନ୍ତ କଂକ୍ରିଟ୍ ସୁରକ୍ଷା ନଦୀବନ୍ଧ ନିର୍ମାଣ କରିବା, ନଦୀଗର୍ଭରେ ଘର ହରାଇଥିବା ପରିବାରମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଘର ପ୍ରଦାନ କରିବା ଏବଂ ବନ୍ୟା ପାଣି ଗାଁ ଭିତରେ ପ୍ରବେଶ କରି ରାସ୍ତା ନଷ୍ଟ କରିଥିବାରୁ ରାସ୍ତାର ପୁନଃନିର୍ମାଣ ସହ ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ପରିଦର୍ଶନ ସମୟରେ ଗ୍ରାମ ବିଜୟ ଜେନା, ବିଶ୍ୱରଞ୍ଜନ ପାଣିଗ୍ରାହୀ, ଗୌରାଙ୍ଗ ଚରଣ ରାଉତ, ଦେବେନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ଜେନା, ଗଣେଶଚନ୍ଦ୍ର ଜେନା, ନରହରି ଖମାରୀ, ପଦ୍ମନାଭ ବେହେରା, ଗଣେଶଚନ୍ଦ୍ର ଭୂୟାଁ, ଉତ୍ତମ ବେହେରା, ବିଜୟ ସାମଲ, ଗୋଲକ ଖମାରୀ, ମଞ୍ଜୁଲତା ବେହେରା, ମାଳତୀ ଖମାରୀ, ଅନିତା ବେହେରା, ପ୍ରହଲ୍ଲାଦ ବେହେରା, ବୃନ୍ଦାବନ ବେହେରା, ଶତ୍ରୁଘ୍ନ ମହାପାତ୍ର, ଅକ୍ଷୟ ବେହେରା, ପ୍ରଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


## ବଜ୍ରପାତରେ ଟଳିପଡ଼ିଲେ ଚାଷୀ

ଆନନ୍ଦପୁର, ୨।୮ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ କଇନିପୁରା ଗ୍ରାମର ଚାଷୀ ଚୈତନ୍ୟ ଚରଣ ସାହୁ ଆଜି ବଜ୍ରପାତରେ ପ୍ରାଣ ହରାଇଛନ୍ତି। ନିଜ ବିଲରେ ତଳି ରୁଆ ପୋତା କରୁଥିବା ବେଳେ ବଜ୍ରପାତ ହେବାରୁ ବିଲରେ ଟଳି ପଡ଼ିଥିଲେ। ପାଖ ବିଲରେ ଥିବା ଚାଷୀମାନେ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାକୁ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ଶବ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ଚୈତନ୍ୟ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇଦେବାକୁ ଘସିପୁରା ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ବେହେରା ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି।

## ବଜ୍ରପାତରେ ମହିଳା ଗୁରୁତର


ତୁରୁମୁଙ୍ଗା, ୨।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଞ୍ଚଳରେ ରବିବାର ଅପରାହ୍ନରେ ହଠାତ ଘଡଘଡି ହେବା ସହ ବର୍ଷା ହୋଇଥିଲା। ଚିନାମାଳିପଶି ଗ୍ରାମର ଦୁର୍ଯ୍ୟୋଧନ ମହାନ୍ତଙ୍କ ସ୍ତ୍ରୀ କ୍ଷୀରୋଦା (୪୪) ନିଜ ଘର ବାଡିପଟେ କାମ କରୁଥିବା ବେଳେ ବଜ୍ରପାତର ଶିକାର ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ପୋଷ୍ଟ; ଯୁବକ ଗିରଫ



ହାଟଡ଼ିହୀ,୨।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିରୋଧରେ ଅଶ୍ଳୀଳ ପୋଷ୍ଟ କରି ଜଣେ ଯୁବକ ଗିରଫ ହୋଇଥିବା ସୂଚନା ମିଳିଛି। କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା କଳିଗାଁ ପଞ୍ଚାୟତ ଅଧୀନସ୍ଥ ଇଚ୍ଛାପୁର ଗ୍ରାମର ସ୍ୱର୍ଗତ ସୁବାସ ଦାସଙ୍କ ପୁଅ ସୁଶାନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିରୋଧରେ ଅଶ୍ଳୀଳ ପୋଷ୍ଟ କରିଥିବା ନେଇ କଳିଗାଁ ଗ୍ରାମର କହ୍ନେଇ ଚରଣ ଦାସ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ୍ ତୁରନ୍ତ ମାମଲା ରୁଜୁ ସହ ଆଇଟି ଆଇନ ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ଅନ୍ତର୍ଜାତୀୟ ସମ୍ମିଳନୀରେ ଅଧ୍ୟାପକ ସମ୍ବର୍ଦ୍ଧିତ



ଆନନ୍ଦପୁର, ୨।୮ (ସମିସ): ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ଡ. ବିଜୟ କୁମାର ସାହୁଙ୍କୁ ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ପରିବେଶ, କୃଷି ଓ ସାମାଜିକରୂପାନ୍ତରସୋସାଇଟି, ଓଡିଶା ଏବଂ ସିଦଭିଫାଉଣ୍ଡେସନ, ଆନ୍ଧ୍ରପ୍ରଦେଶ ତରଫରୁ ଆୟୋଜିତ ହୋଇଥିବା ତୃତୀୟ ଆଭାସୀ ଅନ୍ତର୍ଜାତୀୟ ସମ୍ମିଳନୀରେ ଡ. ସନ୍ଦୀପ ରାଉତ ସଭାପତିତ୍ୱ କରିଥିଲେ। ସୋଆ ବିଶ୍ୱବିଦ୍ୟାଳୟର କୁଳପତି ତଥା ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ବିଜୟ କୁମାର ସାହୁ ମୁଖ୍ୟଅତିଥି, ମୁଖ୍ୟ ସଂଗଠନ ସମ୍ପାଦକ ଡ. ଆଶିଷ ସିରା, ସମ୍ମିଳନୀ ଉପଦେଷ୍ଟା ଡ. ଅରୁଣା କୁମାରୀ ନାକେଲ୍ଲା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କଲେଜର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର, ସମସ୍ତ ଅଧ୍ୟାପକଅଧ୍ୟାପିକା ଡ. ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ନାବାଳିକା ନିଖୋଜ ଘଟଣାରେ ମାନବାଧିକାର କମିସନରେ ଅଭିଯୋଗ

# ଏସ୍‌ପିଙ୍କୁ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ନିର୍ଦ୍ଦେଶ

କେନ୍ଦୁଝର/ହାଟଡ଼ିହୀ,୨।୮ (ସମିସ): କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ନନ୍ଦିପଦା ଥାନାଞ୍ଚଳରୁ ଜଣେ ୧୬ବର୍ଷୀୟା ନାବାଳିକା ନିଖୋଜ ଘଟଣାରେ ପୁଲିସର ନିଷ୍କ୍ରିୟତା ଓ ଅବହେଳାକୁ ଅଭିଯୋଗ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରିୟବ୍ରତ ବିଶ୍ୱାଳ ରାଜ୍ୟ ମାନବାଧିକାର କମିସନଙ୍କ ନିକଟରେ ଏକ ଅଭିଯୋଗ କରିଥିଲେ। ଓଡ଼ିଶା ମାନବାଧିକାର କମିସନ ଏହାକୁ ଗୁରୁତ୍ୱର ସହ ବିଚାରକୁ ନେଇ କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ (ଏସପି)ଙ୍କୁ ତଦନ୍ତ କରି ପରବର୍ତ୍ତୀ ଶୁଣାଣି ପୂର୍ବରୁ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ନନ୍ଦିପଦା ଥାନା ଷଡ଼ଙ୍ଗ ଅଞ୍ଚଳରୁ ଜଣେ ନାବାଳିକା ଗତ ମଇ ମାସ ୮ ତାରିଖରେ ନିଖୋଜ ହୋଇଯାଇଥିଲେ। ପରେ ନିକଟସ୍ଥ ବଜାରରୁ କେବଳ ତାଙ୍କ ସାଇକଲ ମିଳିଥିଲା। ଏହି ଘଟଣାରେ ନାବାଳିକାଙ୍କ ମା' ପରଦିନ ନନ୍ଦିପଦା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ନନ୍ଦିପଦା ପୁଲିସ ଗତ ୯.୦୫.୨୦୨୬ରେ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଆବେଦନକାରୀ ଶ୍ରୀ ବିଶ୍ୱାଳ ଗତ ଜୁନ୍ ମାସ ୨୨ ତାରିଖରେ ରାଜ୍ୟ ମାନବାଧିକାର କମିସନଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଡ଼ିଶା ମାନବାଧିକାର କମିସନଙ୍କ ହସ୍ତକ୍ଷେପକୁ ନେଇ ନିଖୋଜ ନାବାଳିକାଙ୍କ ସୁରକ୍ଷିତ ଉଦ୍ଧାର ଓ ମାମଲାର ତ୍ୱରିତ ତଦନ୍ତ ନେଇ ଆବେଦନକାରୀ ଆଶା ବ୍ୟକ୍ତ କରିଛନ୍ତି। ଏପର୍ଯ୍ୟନ୍ତ ନାବାଳିକାଙ୍କ କୌଣସି ସନ୍ଧାନ ମିଳି ନଥିବାରୁ ପରିବାରଲୋକ ଗଭୀର ମାନସିକ ଚାପ ଓ ଚିନ୍ତାରେ ରହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ମାସ ୧୬ ତାରିଖକୁ ଧାର୍ଯ୍ୟ କରାଯାଇଛି।

## ଘଟଗାଁ ରାଜ୍ୟସ୍ତରୀୟ ଓଡ଼ିଶା ବ୍ରାହ୍ମଣ ମହାସଙ୍ଘ ସମ୍ମିଳନୀ ୧୬ରେ



କେନ୍ଦୁଝର, ୨।୮ (ସମିସ): ମା' ତାରିଣୀ ପୀଠ ଘଟଗାଁସ୍ଥିତ ପ୍ରିନ୍ସ କଲ୍ୟାଣ ମଣ୍ଡପରେ ବ୍ରାହ୍ମଣ ସମାଜ ଘଟଗାଁ ଆନୁକୂଲ୍ୟରେ ଆସନ୍ତା ଅଗଷ୍ଟ ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଓଡିଶା ବ୍ରାହ୍ମଣ ମହାସଂଘ ସମ୍ମିଳନୀର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଘଟଗାଁ ବ୍ରାହ୍ମଣ ସମାଜ ସଭାପତି ଦିଲୀପ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବୈଠକରେ ରାଜ୍ୟ ସଂଯୋଜକ ମଧୁସୂଦନ ମିଶ୍ର, ଆଞ୍ଚଳିକ ବ୍ରାହ୍ମଣ ସମାଜ ସଭାପତି ମଧୁସୂଦନ ଦାସ, ବ୍ରାହ୍ମଣ ସମାଜ ଘଟଗାଁ ସମ୍ପାଦକ ପ୍ରଳୟ ପ୍ରଭଞ୍ଜନ ଶତପଥୀ ଓ ପ୍ରଦୀପ କୁମାର ମିଶ୍ର, ଶଶିଭୂଷଣ ମହାପାତ୍ର, ଶରତଚନ୍ଦ୍ର ମିଶ୍ର, ମଦନମୋହନ ମିଶ୍ର, ରମେଶଚନ୍ଦ୍ର ମିଶ୍ର, ସନ୍ତୋଷ କୁମାର ପତି, ଦୋଳଗୋବିନ୍ଦ ପଣ୍ଡା, ବିଜୟ କୁମାର ଶତପଥୀ, ଜନାର୍ଦ୍ଦନ ମିଶ୍ର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

## ନିଶାମୁକ୍ତ ଭାରତ ସଂକଳ୍ପ ମହାଅଭିଯାନ ଆରମ୍ଭ

ଯୋଡ଼ା, ୨।୮ (ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବଡ଼ବିଲ ଶାଖାରେ ଭାରତ ସରକାରଙ୍କ ନିଶା ମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ଅବସରରେ ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, ଯୋଡ଼ା ବିଡିଓ ଦିନେଶ କୁମାର ବେହେରା, ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ଓ ପୂର୍ବତନ ପୌରାଧ୍ୟକ୍ଷ ଦିଲ୍ଲୀପ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।




ବ୍ରହ୍ମାକୁମାରୀ ଜୟନ୍ତୀ ଭଉଣୀ ଆଧ୍ୟାତ୍ମିକ ଜୀବନଶୈଳୀ ମାଧ୍ୟମରେ ବ୍ୟସନମୁକ୍ତିର ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଜଣ ସଦସ୍ୟଙ୍କ ସମେତ ବିଭିନ୍ନ ସାମାଜିକ, ଧାର୍ମିକ ଓ ଶିକ୍ଷାନୁଷ୍ଠାନର ପ୍ରତିନିଧି ସାମୂହିକ ବ୍ୟସନମୁକ୍ତି ସଂକଳ୍ପ ଗ୍ରହଣ କରିଥିଲେ। ଡିଜିଟାଲ୍ ସଂକଳ୍ପପତ୍ର ପୂରଣ ସମ୍ପର୍କରେ ମଧ୍ୟ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ ହେଉଛି ସମାଜକୁ ନିଶା କବଳରୁ ମୁକ୍ତ କରି ଲୋକଙ୍କୁ ସ୍ୱାସ୍ଥ୍ୟବାନ ଓ ଯୋଗବାନ କରି ସୁସ୍ଥ ସମାଜ ଗଠନ କରିବା।

## ବରିଷ୍ଠ ତୀର୍ଥଯାତ୍ରା ଯୋଜନାରେ ଆବେଦନ ଆହ୍ୱାନ

କେନ୍ଦୁଝର, ୨।୮ (ସମିସ): କେନ୍ଦୁଝର ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ଚଳିତ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ମାଗଣା ତୀର୍ଥଯାତ୍ରା ଯୋଜନାର ଲାଭ ଉଠାଇବାକୁ ଯୋଗ୍ୟ ବରିଷ୍ଠ ନାଗରିକମାନଙ୍କୁ ଆହ୍ୱାନ କରାଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ, ମନୋନୀତ ହିତାଧିକାରୀମାନେ ବିନା ମୂଲ୍ୟରେ ହରିଦ୍ୱାର, ଋଷିକେଶ, ବାରାଣସୀ ଏବଂ ଅଯୋଧ୍ୟା ଭଳି ତୀର୍ଥସ୍ଥାନ ଭ୍ରମଣ କରିବେ। ୬୦ ବର୍ଷ ବା ତା'ଠାରୁ ଅଧିକ ବୟସର ବରିଷ୍ଠ ନାଗରିକ ଯେଉଁମାନଙ୍କ ପାଖରେ ରାସନ କାର୍ଡ ରହିଛି, ସେମାନେ ଏହି ଯୋଜନା ପାଇଁ ଆବେଦନ କରିବାକୁ ଯୋଗ୍ୟ। ଆଗ୍ରହୀ ଆବେଦନକାରୀମାନେ ଅନଲାଇନ୍ ମାଧ୍ୟମରେ କିମ୍ବା କେନ୍ଦୁଝର ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ଆସି ନିଜର ଆବେଦନ ପତ୍ର ଦାଖଲ କରିପାରିବେ। ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ଯେ ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ୧୪ ଅଗଷ୍ଟ ୨୦୨ ରହିଛି। ଯୋଗ୍ୟ ବରିଷ୍ଠ ନାଗରିକମାନଙ୍କୁ ସମୟ ସୀମା ପୂର୍ବରୁ ଆବେଦନ କରିବାକୁ ଏବଂ ସରକାରଙ୍କ ଏହି କଲ୍ୟାଣକାରୀ ପଦକ୍ଷେପର ଲାଭ ଉଠାଇବାକୁ ଉତ୍ସାହିତ କରାଯାଇଛି।

## ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ଦେଲେ ରତିକାନ୍ତ



ହାଟଡ଼ିହୀ,୨।୮ (ସମିସ): ଲଗାଣ ବର୍ଷା ଯୋଗୁଁ ହାଟଡ଼ିହୀ ବ୍ଲକର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ଅନେକ ଗ୍ରାମ ଜଳବନ୍ଦି ହୋଇପଡ଼ିଛି। ଘରେ ଘରେ ବନ୍ୟାଜଳ ପ୍ରବେଶ କରିବା ସହ ଅନେକ ପରିବାର ଖାଦ୍ୟ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଏଭଳି କଠିନ ପରିସ୍ଥିତିରେ ହାଟଡିହୀ ବ୍ଲକ ଉପାଧ୍ୟକ୍ଷ ତଥା ରାଜ୍ୟ ବିଜେଡ଼ି ସମ୍ପାଦକ ରତିକାନ୍ତ ରାଉତ ଆଜି ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ପୀଡ଼ିତ ପରିବାରଙ୍କ ଦୁଃଖଦୁର୍ଦ୍ଦଶା ବୁଝିବା ସହ ରିଲିଫ୍ ସାମଗ୍ରୀ ବଣ୍ଟନ କରିଛନ୍ତି। ରତିକାନ୍ତ ରାଉତ ବଞ୍ଝୋ ପଞ୍ଚାୟତ ସିଙ୍ଗଡୋଭ ଗ୍ରାମର ୧୧ ଓ ୧୨ ନମ୍ବର ୱାର୍ଡର ବିଭିନ୍ନ ବନ୍ୟା ପ୍ରଭାବିତ ସାହି ପରିଦର୍ଶନ କରିଥିଲେ। ଜଳବନ୍ଦି ଅବସ୍ଥାରେ ଥିବା ପରିବାର ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିବା ସହିତ ୭ ଶହରୁ ଊର୍ଦ୍ଧ୍ୱ ପାଞ୍ଚ କିଲୋ ଲେଖାଁ ଅଟା ପ୍ୟାକେଟ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ରତିକାନ୍ତ ରାଉତ କିଛିଦିନ ପୂର୍ବରୁ ସିଙ୍ଗଡୋଭ ଗ୍ରାମରେ ଘଟିଥିବା ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବୁଲ ବେହେରାଙ୍କ ପରିବାରକୁ ମଧ୍ୟ ଭେଟିଥିଲେ। ପରିବାରର ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ଥିବାବେଳେ ମୃତ ବୁଲା ବେହେରାଙ୍କ ୧୧ବର୍ଷ ବୟସର ଜଣେ ପୁଅ ରହିଛନ୍ତି। ପରିବାରର ଦୁଃଖରେ ସାମିଲ ହୋଇ ରତିକାନ୍ତ ରାଉତ ସମବେଦନା ଜଣାଇବା ସହ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସରକାରୀ ସହାୟତା ଯୋଗାଇ ଦେବା ପାଇଁ ମଧ୍ୟ ସେ ପ୍ରୟାସ କରିବେ ବୋଲି ପରିବାରକୁ ଆଶ୍ୱାସନା ଦେଇଥିଲେ। ଏହି ସହାୟତା କାର୍ଯ୍ୟକ୍ରମରେ ସୁଦନ ବରାଳ, ପ୍ରିୟବ୍ରତ ନାୟକ ଓ ମୁସନ ଖଟୁଆ ପ୍ରମୁଖ ସାମିଲ ହୋଇ ବନ୍ୟା ବିପନ୍ନଙ୍କ ନିକଟରେ ରିଲିଫ୍ ସାମଗ୍ରୀ ପହଞ୍ଚାଇବାରେ ସହଯୋଗ କରିଥିଲେ।

## ହାତୀପଲ ଭଙ୍ଗାରୁଜା ଜାରି; ଗ୍ରାମବାସୀ ଅତିଷ୍ଠ

ତୁରୁମୁଙ୍ଗା, ୨।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ଥମୁନି ହାତୀପଲଙ୍କ ଆତଙ୍କ। ୧୯ ଟିକିଆ ହାତୀପଲ ବିଳମ୍ବିତ ରାତିରେ ଦହିବାହାଳି ଗ୍ରାମର ମାଳତୀ ନାଏକଙ୍କ ଖପର ଘର ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ମକା ଫସଲ ନଷ୍ଟ ସହ ପାଚେରି ଭାଙ୍ଗିଛନ୍ତି। ସେହିପରି ଶ୍ରୀମତୀ ନାଏକଙ୍କ ଆଜବେଷ୍ଟସ ଘର ଏବଂ ପୁଟୁଳିଆର ଗୋବର୍ଦ୍ଧନ ପାତ୍ର ରୋଷେଇ ଘର ଆନନ୍ଦ ପାତ୍ରଙ୍କ ଘରର ଝରକା ଭାଙ୍ଗିଦେଇଛନ୍ତି। ଏହାସହ ପାଟଣା ଶିବ ମନ୍ଦିର ପରିସରରେ ଥିବା ଗୋଶାଳା ଭାଙ୍ଗି ଗୋଖାଦ୍ୟ ଖାଇଦେଇଛନ୍ତି। ଆଉ ଏକ ଦନ୍ତା ବଣ ମହୁଲଡିହା ଗ୍ରାମରେ ଗୋଟିଏ ଘର ଭାଙ୍ଗି





ଧାନ, ଚାଉଳ ଖାଇ ନଷ୍ଟ କରିଦେଇଛି। ୧୯ ଟିକିଆ ହାତୀପଲ ଜାମୁପଶି ଗାଁ ନିକଟରେ ଡେରା ପକାଇଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗତ ଏକ ସପ୍ତାହ ମଧ୍ୟରେ ପାଟଣା ଓ ଚମ୍ପୁଆ ରେଞ୍ଜରେ ହାତୀପଲଙ୍କ ଉପଦ୍ରବରେ ପ୍ରାୟ ୫୦ଟି ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ବନ ବିଭାଗ ହାତୀଙ୍କ ଗତିବିଧି ଉପରେ ନଜର ରଖିଛି। କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ କ୍ଷତିପୂରଣ ଓ ସ୍ଥାୟୀ ସମାଧାନ ପାଇଁ ଗ୍ରାମବସୀ ଦାବି କରିଛନ୍ତି।

## ଯମୁନାପଶି କ୍ଲଷ୍ଟର୍‌ରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ତୁରୁମୁଙ୍ଗା, ୨।୮ (ସମିସ): ଯମୁନାପଶି କ୍ଲଷ୍ଟର ପକ୍ଷରୁ ରବିବାର ଖିରେଇଟାଙ୍ଗିରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି।

ଗୋଧିସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମହେନ୍ଦ୍ର କୁମାର ମହାନ୍ତ ଏବଂ କୋଡ଼ଖମଣ ପୁରୁଣାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଚନ୍ଦ୍ରମଣି ମିଶ୍ର ଅବସର ଗ୍ରହଣ କରିଥିବାରୁ ଉଭୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରକାଶ ରାୟ ଓ ଜଗଦୀଶ ନାଏକ, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ଦାସ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରିଥିଲେ। ଅବସରପରେ ଉଭୟଙ୍କ ସୁସ୍ଥ, ସୁଖମୟ ଓ ଦୀର୍ଘାୟୁ ଜୀବନ କାମନା କରିଥିଲେ। ସଭାକୁ ଶିକ୍ଷକ ସଞ୍ଜୟ ଜେନା ପରିଚାଳନା କରିଥିବା ବେଳେ ଶିକ୍ଷକ ବିଜନ ପରିଡା, ନରେନ ମହାନ୍ତ, ନନ୍ଦକିଶୋର ମହାନ୍ତ, ଚନ୍ଦନ ରାଉତ, ରମେଶଚନ୍ଦ୍ର ମହାନ୍ତ, ରଶ୍ମିରେଖା ଦାସ, ପୂଜାଶ୍ରୀ ପରିଡା, ସୋନାଲି ପୃଷ୍ଟି, ରୋଜାଲିନ ପୁହାଣଙ୍କ ସମେତ କ୍ଲଷ୍ଟରର ବହୁ ଶିକ୍ଷକଶିକ୍ଷୟିତ୍ରୀ, ବିଶିଷ୍ଟ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ।



## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ତେଲକୋଇ, ୨।୮ (ସମିସ): ତେଲକୋଇ ବ୍ଲକ ଅନ୍ତର୍ଗତ କତରାପାଲି କ୍ଲଷ୍ଟର ଅଧୀନ ଓରିଆ ଗ୍ରାମପଞ୍ଚାୟତର ସରକାରୀ ପିଟାନାଳୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଇନ୍ଦ୍ରମଣି ସୁବୁଦ୍ଧିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଶ୍ରୀ ସୁବୁଦ୍ଧି ଗତ ଶୁକ୍ରବାର ୩୧ ତାରିଖ ଅବସର ଗ୍ରହଣ କରିଥିବା ବେଳେ ରବିବାର ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସିଆରସିସି ନିର୍ମଳଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି ତଥା ଶିକ୍ଷାବିତ ଦ୍ବଲୋଚନ ସାହୁ, ମୁଖ୍ୟବକ୍ତା ଭାବେ ସମାଜସେବୀ ପ୍ରଫୁଲ୍ଲ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘର ଉପସଭାପତି ଉଦୟନାଥ ପରିଡ଼ା, ଶିକ୍ଷକ ସଂଘର ସଭାପତି ମିଳିତ ଗୋଲଖ ବିହାରୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଦେବାନନ୍ଦ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କୀର୍ତ୍ତନ ଜୁଆଙ୍ଗ ପ୍ରମୁଖ ସାମିଲ ରହିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷକ ଛବି କେତନ ସାହୁ ପରିଚାଳନା କରିଥିବା ବେଳେ ଲଳିତ କୁମାର ସାହୁ ସହଯୋଗ କରିଥିଲେ। ସେହିପରି ବ୍ଲକର ସମସ୍ତ କ୍ଲଷ୍ଟାର ସିଆରସିସି ଅଂଶଗ୍ରହଣ କରିଥିବା ବେଳେ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଅନ୍ତର୍ଭୁକ୍ତ ରହିଥିଲେ। ଶ୍ରୀ ସୁବୁଦ୍ଧିଙ୍କୁ ଏକ ବଡ଼ ପଟୁଆରେ ନିଜ ବାସଭବନ କତରାପାଲିକୁ ଆଣିଆସିଥିଲେ।

## ନୀଳଗିରି-ପଞ୍ଚଲିଙ୍ଗେଶ୍ୱର-ବଉଳଗଡ଼ିଆ ରାସ୍ତା ଶୋଚନୀୟ

# ଖଣ୍ଡିଆଖାବରା ହେଉଛନ୍ତି କାଉଡ଼ିଆ



ନୀଳଗିରି,୨।୮ (ସମିସ)

ଶ୍ରାବଣ ମାସର ତୃତୀୟ ପାଳିରେ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ନୀଳଗିରି ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ଜଳାଭିଷେକ ପାଇଁ ରାଜ୍ୟ ଏବଂ ରାଜ୍ୟ ବାହାରୁ ବାହାରିଛନ୍ତି ହଜାର ହଜାର କାଉଡ଼ିଆ। ବିଶେଷକରି ନୀଳଗିରି-ପଞ୍ଚଲିଙ୍ଗେଶ୍ୱର-ବଉଳଗଡ଼ିଆ ରାସ୍ତାରେ କାଉଡ଼ିଆଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିବାବେଳେ ଏହି ରାସ୍ତାର ଦୁରବସ୍ଥା କାଉଡ଼ିଆଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ପଞ୍ଚଲିଙ୍ଗେଶ୍ୱର ପୀଠକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତାର ଏହି ଦୁରବସ୍ଥା ପାଇଁ ବୋଲବମ୍ ଭକ୍ତଙ୍କ ଗୋଡ଼ରୁ ରକ୍ତ ଝରିବା, ଚାଲିବାରେ ଅସୁବିଧା ହେବା, ଏପରିକି ମହିଳା ଭକ୍ତମାନେ ରାସ୍ତାଖରାପ ଯୋଗୁଁ ପଡ଼ି ଖଣ୍ଡିଆଖାବରା ହେବ ଘଟଣା ଦେଖିବାକୁ ମିଳିଛି। ସେହିପରି ଜଳାଭିଷେକ କରି ସୋମବାର ଫେରିବା ବେଳକୁ ନୀଳଗିରି ପଞ୍ଚଲିଙ୍ଗେଶ୍ୱର ବଉଳଗଡ଼ିଆ ରାସ୍ତାରେ ଆଣ୍ଠୁଏ ଲେଖାଏଁ ଖାଲ ଥିବାରୁ ବସ୍ ଚଳାଚଳ ବନ୍ଦ ରହିବା ଶୁଣି କାଉଡ଼ିଆମାନେ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଛନ୍ତି। ରାସ୍ତା ମରଣଯନ୍ତା ପ୍ରାୟ ହୋଇଥିବାରୁ ଏହି ରାସ୍ତାରେ ବସ୍ ଚଳାଚଳ କରିବା ଦ୍ୱାରା ଗାଡ଼ିଗୁଡ଼ିକ କ୍ଷତିଗ୍ରସ୍ତ ହେଉଛି। ତେଣୁ ଏହି ରାସ୍ତାରେ କ୍ଷତିରେ ବସ୍ ଚଳାଇବା କଷ୍ଟକର ବୋଲି କିଛି ବସ୍ କର୍ମଚାରୀ କହିଛନ୍ତି। ତେଣୁ ୮ଟି ବସ୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚଳାଚଳ ବନ୍ଦ ରଖିଛନ୍ତି। ଯେଉଁ କିଛି କାଉଡିଆ ଜଳାଭିଷେକ କରି ଫେରିବା ବେଳକୁ ବସ୍ ଉପରେ ନିର୍ଭର କରିଥାନ୍ତି, ଉକ୍ତ ରାସ୍ତାରେ ବସ୍ ଚଳାଚଳ ବନ୍ଦ ଥିବାକଥା ଶୁଣି ଆସିଥିବା କିଛି କାଉଡିଆ ଭିତରେ ଅଶାନ୍ତି ଦେଖା ଯାଇଥିଲା। ରାସ୍ତା ପାଇଁ ପୂର୍ବରୁ ୨୫ ଥର ଲୋକ ଧାରଣା ଦେଉଥିଲା ବେଳେ, ଏବେ ବସ୍ ମାଲିକମାନେ ବି ଧାରଣା ଦେଇଛନ୍ତି। ତେବେ ଆଗାମୀ ସୋମବାର ଚତୁର୍ଥ ପାଳି ପାଇଁ ପ୍ରଶାସନ ତତ୍ପରତାର ସହିତ ପଦକ୍ଷେପ ନେଲେ ସମସ୍ୟାର ସମାଧାନ ସହିତ ପଞ୍ଚଲିଙ୍ଗେଶ୍ୱର ପୀଠର ସୁନାମରେ ଆଞ୍ଚ ଆସିବନାହିଁ ବୋଲି ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି।

## ବନ୍ୟାଞ୍ଚଳରେ ସ୍ଥିତି ପରଖିଲା ପ୍ରଦେଶ କଂଗ୍ରେସର ସ୍ୱତନ୍ତ୍ର ଟିମ୍



**ବାଲେଶ୍ୱର,୨।୮ (ସମିସ):** ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱରରେ ବନ୍ୟା ପରିସ୍ଥିତି ସାଂଘାତିକ ହୋଇଛି। ଏହି ବନ୍ୟାରେ ବାଲେଶ୍ୱର ସଦର ବ୍ଲକ୍ ଅଧୀନ ବହୁ ପଞ୍ଚାୟତ ପାଣି ଘେରରେ ରହିବା ସହ ଲୋକମାନଙ୍କର ଘର ଦ୍ୱାର ଭାଙ୍ଗିଯାଇଛି। ବନ୍ୟା କମିଥିଲେ ବି ଧନଜୀବନ ବିପର୍ଯ୍ୟସ୍ତ ହେବା ସହ ଭୋକ ଉପବାସରେ ଲୋକେ ଜୀବନ ବିତାଉଛନ୍ତି। ପ୍ରଶାସନ ପକ୍ଷରୁ ସବୁଅଞ୍ଚଳରେ ରିଲିଫ ସାମଗ୍ରୀ ପହଞ୍ଚି ପାରିନାହିଁ। ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ପ୍ରଦେଶ କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ବନ୍ୟା ବିପର୍ଯ୍ୟୟର ତଦାରଖ ପାଇଁ କଂଗ୍ରେସର ଏକ ସ୍ୱତନ୍ତ୍ର ଟିମ୍ ସଦର ବ୍ଲକର ବନ୍ୟା ପ୍ରଭାବିତ କେତେକ ଅଞ୍ଚଳ ରବିବାର ପରିଦର୍ଶନ କରିଥିଲେ। ବାସୁଦେବପୁର ବିଧାୟକ ଅଶୋକ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଷ୍ଟେସନ ଛକ ଠାରେ ପହଞ୍ଚିବା ପରେ ସଦର, ରେମୁଣା ନିର୍ବାଚନ ମଣ୍ଡଳୀର ନେତୃମଣ୍ଡଳୀ ସ୍ୱାଗତ ଜଣାଇଥିଲେ। ପରେ ସ୍ୱତନ୍ତ୍ର ଟିମ୍ ସଦର ବ୍ଲକ୍ ବଇଁଚା ପଞ୍ଚାୟତର ବାଲିସାହି, ସିନ୍ଧିଆ ପଞ୍ଚାୟତର ଡୁମୁରିଆ ପ୍ରଭୃତି ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ ପଚାରି ବୁଝିଥିଲେ। ତତ୍ସହିତ ଶୁଖିଲା ଖାଦ୍ୟ ମଧ୍ୟ ବଣ୍ଟନ କରିଥିଲେ। ଏହି ପରିଦର୍ଶନ ସମୟରେ ବିଧାୟକ ଶ୍ରୀ ଦାସଙ୍କ ସହିତ ରାଜ୍ୟ କଂଗ୍ରେସ ସେବାଦଳ ସଭାପତି ଶୁଭେନ୍ଦୁ ମହାନ୍ତିଙ୍କ ସମେତ ଅନ୍ୟ ସେବା ଦଳର କର୍ମକର୍ତ୍ତା, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଜୟସ୍ମିତା ମହାନ୍ତି, ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ସଦର ନିର୍ବାଚନମଣ୍ଡଳୀର ଯୁବନେତା ସରୋଜ କୁମାର ଲେଙ୍କା, ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ନାରୀନେତ୍ରୀ ଅର୍ଚ୍ଚନା ନନ୍ଦୀ, ଜିଲ୍ଲା ମହିଳା କଂଗ୍ରେସ ସଭାପତି ଉର୍ମିଳା ମାଝୀ, ବାସନ୍ତୀ ସାମଲ, ଜ୍ୟୋସ୍ନା ସେନାପତି,ଶ୍ରୀକାନ୍ତ ବୁଗୁଡାଇ, ଟାଉନ କଂଗ୍ରେସ ସଭାପତି ଅନୁପ ସ୍ୱାଇଁ, ଅଜଗର ଅଲ୍ଲୀ ନିଶିଥ ବାରିକ, ଗୋପୀନାଥ ପାଢ଼ୀ, ଗୁରୁ ପ୍ରଶନ୍ନ ମିଶ୍ର,କେଶବ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଅପରାହ୍ଣରେ ଉପଜିଲ୍ଲାପାଳଙ୍କୁ ଭେଟି ବିଭିନ୍ନ ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ଏବଂ ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ।

## କୁଲଡ଼ିହା ଅଭୟାରଣ୍ୟରୁ ଶିକାରୀ ଗିରଫ

**ନୀଳଗିରି,୨।୮ (ସମିସ):** କୁଲଡ଼ିହା ବିଟ୍ ୨ର ଫରେଷ୍ଟ ଗାର୍ଡ ଓ ଶିକାର ବିରୋଧ ଟିମ୍ ତନଖିବେଳେ ଜଣେ ଶିକାରୀକୁ ଧରିଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣଙ୍କ ସୋର ଥାନା ଅଧୀନ ସିନ୍ଧୁଆ ଗ୍ରାମର ଭୀମ ସିଂଙ୍କ ପୁଅ ମୃତ୍ୟୁଞ୍ଜୟ ସିଂ(୩୬)। ହାତୀଖୁଲିଆ ଗ୍ରାମ ନିକଟରେ ନିଜର ହାତ ଗୋଡ଼ରେ ଲାଗିଥିବା କାଦୁଅ ଧୋଉଥିବା ସମୟରେ ଏହି ଟିମ୍ ଧରିଥିଲା। ପରେ ମୃତ୍ୟୁଞ୍ଜୟଙ୍କ ଘରୁ ଦୁଇଟି ଦେଶୀ ବନ୍ଧୁକ, ଦୁଇଟି ହେଡ୍ ଟର୍ଚ୍ଚ ଲାଇଟ୍, ଗୋଟିଏ ଲାଇଟ୍, ୪୦ ଟି ସୀସା, ସାଇକଲ ବଲ୍, ଗୋଟିଏ ଲୁହା ରଡ୍, ଗନ୍ ପାଉଡର ୩୦ଗ୍ରାମ୍, ଗୋଟିଏ ବିଲ୍ ହୁକ୍, ଦୁଇଟି ପ୍ଲାଷ୍ଟିକ ବ୍ୟାଗ ଏବଂ ଗୋଟିଏ କାଟା ପୁଲ୍ଲ ଜବତ କରିଛି। ପରେ ଅଭିଯୁକ୍ତକୁ ଗିରଫ କରି କୋର୍ଟର୍ ଚାଲାଣ କରାଯାଇଥିବା ଜଣାପଡ଼ିଛି।




## ବନ୍ୟାରେ ଖଇରା ବ୍ଲକ୍‌ରେ ବ୍ୟାପକ କ୍ଷୟକ୍ଷତି



**ଖଇରା,୨।୮ (ସମିସ):** ଖଇରା ବ୍ଲକ୍‌ରେ ବନ୍ୟା ଯୋଗୁଁ ୧୨ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅବଶିଷ୍ଟ୨୫ ପଞ୍ଚାୟତରେ ଆଂଶିକ କ୍ଷୟକ୍ଷତି ହୋଇଛି। କ୍ଷତିର ପରିମାଣ ପାଖାପାଖି ୧୬କୋଟି ହେବ ବୋଲି କୁହାଯାଉଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରଶାସନ ୨ଦିନ ଧରି ଜଳବନ୍ଦି ଘେରରେ ରହିଥିବା ବିପନ୍ନଙ୍କ ପାଇଁ ଶୁଖିଲା ଖାଦ୍ୟ, ପ୍ରାଣିମାନଙ୍କ ପାଇଁ ଗୋଖାଦ୍ୟ ତଥା ଜଳପରିମଳ ବିଭାଗ ପକ୍ଷରୁ ୫ହଜାର ପାଣି ବୋତଲ ଜଳବନ୍ଦି ଅଞ୍ଚଳକୁ ପଠାଯାଇଥିବା ବେଳେ ୧୨୦ ନଳକୂପକୁ ପ୍ରଦୂଷଣ ମୁକ୍ତ କରାଯାଇଛି। ଶନିବାର ସନ୍ଧ୍ୟାରେ ଖଇରା ବ୍ଲକ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଖଇରା ବ୍ଲକ ପ୍ରଶାସନ ଓ ବିଧାୟକ ପଦ୍ମଲୋଚନ ପଣ୍ଡା ପ୍ରାଥମିକ କ୍ଷୟକ୍ଷତି ତଥା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ବ୍ଲକ୍‌ର ଝିଙ୍କିରିଆ, ସାରଡାଙ୍ଗ, ପଳସା, ଗଡ଼ପୋଖରୀ, କୁରୁଡ଼ା, ମାଖନପୁର, ନହଙ୍ଗ, ନୟାଖଣ୍ଡି, ଗଗନଧୁଳି, ବଡଜୟିପୁର, ସୁଣ୍ଡିରା ପଞ୍ଚାୟତର ୩୪ଗାଁରେରେ ଅଧିକ କ୍ଷୟକ୍ଷତି ଓ ଅନ୍ୟ ପଞ୍ଚାୟତଗୁଡ଼ିକରେ ମଧ ଆଂଶିକ କ୍ଷତି ହୋଇଥିବା ନେଇ ବିଭିନ୍ନ ଲୋକପ୍ରତିନିଧି ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରାଥମିକ ରିପୋର୍ଟ ଆଧାରରେ ସଂଗ୍ରହ କରାଯାଇଛି। ସେହିଭଳି ଜଳସେଚନ ବିଭାଗ ଅଧୀନରେ ୭୮ଟି ପ୍ରକଳ୍ପ ଧୋଇ ଯାଇଥିବା ବେଳେ ୬ କିମିର ଆରଡି ରାସ୍ତା ନଷ୍ଟ ହୋଇଛି। ଭୋକରେ ରହିଥିବା ଗୋରୁଙ୍କ ପାଇଁ ପ୍ରଥମ ପର୍ଯ୍ୟାୟରେ ୫୦ କ୍ୱିଣ୍ଟାଲ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୦୬ କ୍ୱିଣ୍ଟାଲ କୁଣ୍ଡା ବଣ୍ଟାଯାଇଛି। ଉକ୍ତ ବୈଠକରେ ବିଡିଓ ନାରାୟଣ ସାହୁ, ବ୍ଲକ୍ ଅଧକ୍ଷା ଅଭିଲିପ୍ସା ସାହୁ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଶୁଭାଶିଷ ମହାପାତ୍ର, ମୁଖ୍ୟ କିରାଣି ବ୍ରହ୍ମାନନ୍ଦ ଦାଶ, ଏମ୍‌ଆଇ ଶୁଭାଷିନୀ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ନାୟକ, ଯୁବନେତା ପତିତପାବନ କର, ସିପି ଶଶିକାନ୍ତ ଦାସ, ଅନନ୍ତ କୁଅଁର ଉପସ୍ଥିତ ଥିଲେ।

## ବନ୍ୟାଞ୍ଚଳରେ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର




**ବାଲେଶ୍ୱର,୨।୮ (ସମିସ):** ମେଡିକାଲ ସର୍ଭିସ ସେଣ୍ଟରର ବାଲେଶ୍ୱର ଚାପ୍ଟର ଉଦ୍ୟୋଗରେ ସଦରରେ ସବୁଠାରୁ କ୍ଷତିଗ୍ରସ୍ତ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ କଷିମିଳା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଏକ ଫ୍ରି ମେଡିକାଲ କ୍ୟାମ୍ପ ଅନୁଷ୍ଠିତ ହୋଇଛି। ଚଳିତ ମାସ ଲଗାଣ ବର୍ଷା ଓ ବନ୍ୟା ଫଳରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଗ୍ରାମ ତଥା ସହରର ବସ୍ତି ଅଞ୍ଚଳ ଜଳମଗ୍ନ ହେବା ସହିତ ବ୍ୟାପକ କ୍ଷୟକ୍ଷତି ହୋଇ ଲୋକମାନେ ନାହିଁ ନଥିବା ସମସ୍ୟା ଭୋଗିବା ସହିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ମେଡିକାଲ କ୍ୟାମ୍ପ କରାଯାଇଛି। ଡାକ୍ତର ଡ. ପ୍ରଜ୍ଞା ଅନିର୍ବାଣ, ଡ. ସଞ୍ଜୟ ମଲିକ, ଡ. ସଂଗ୍ରାମ ବ୍ରହ୍ମ, ଡ. ସୋଏବ ଅଲ୍ଲୀଙ୍କ ସମେତ ୧୦ ଜଣ ଡାକ୍ତର ଏବଂ ଫାର୍ମାସିଷ୍ଟ ଏଥିରେ ଯୋଗଦେଇ ରୋଗୀମାନଙ୍କ ଚିକିତ୍ସା କରିଥିଲେ। କଷିମିଳା, କେଶପୁର ତଥା ଅକ୍ତିଆରପୁର ସମେତ ପାଖାପାଖି ଅଞ୍ଚଳରୁ ପ୍ରାୟ ୨୦୯ ରୁ ଅଧିକ ରୋଗୀଙ୍କୁ ଏହି କ୍ୟାମ୍ପରେ ଚିକିତ୍ସା କରାଯାଇଥିଲା। କଷିମିଳା ଗ୍ରାମର ବିଶିଷ୍ଟ ଗ୍ରାମବାସୀ ଅଜୁ ସ୍ୱାଇଁ, ସୁଦର୍ଶନ ବେହେରା, କାର୍ତ୍ତିକ ବେହେରା ସମେତ ଅନେକ ଗ୍ରାମବାସୀ ତଥା ୱାର୍ଡ ମେମ୍ବର ଓ ଛାତ୍ରଛାତ୍ରୀ ସହାୟତା କରିଥିଲେ।

## ପୂର୍ବତନ ବିଧାୟକ ଅରୁଣ ଦେଙ୍କ ଶ୍ରାଦ୍ଧବାର୍ଷିକୀରେ ଦିବ୍ୟାଙ୍ଗ ଶିଶୁଙ୍କୁ ରନ୍ଧାଖାଦ୍ୟ ବଣ୍ଟନ



**ବାଲେଶ୍ୱର,୨।୮ (ସମିସ):** ପୂର୍ବତନ ବିଧାୟକ ସ୍ୱର୍ଗତ ଅରୁଣ ଦେଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅବସରରେ ଦାଦା ପରିବାର ପକ୍ଷରୁ ବାଲେଶ୍ୱର ମିଶନ ପରିସରରେ ଥିବା ମୂକ ଓ ବଧିର ବିଦ୍ୟାଳୟରେ ଏକ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମୂକ ଓ ବଧିର ଶିଶୁମାନଙ୍କ ସହିତ ଦୃଷ୍ଟିହୀନ ଏବଂ ବୌଦ୍ଧିକ ଦିବ୍ୟାଙ୍ଗ ଶିଶୁମାନଙ୍କୁ ରନ୍ଧାଖାଦ୍ୟ ପରିବେଷଣ କରାଯାଇଥିଲା। ଏହି ସେବା କାର୍ଯ୍ୟକ୍ରମରେ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ସତ୍ୟ ଶିବ ସୁନ୍ଦର ଦାସ, ଭାଗବତ ସାହୁ, ବରଦା ପ୍ରସନ୍ନ ପଟ୍ଟନାୟକ, ଶମ୍ଭୁ ସିଂ, ରଘୁନାଥ ଲେଙ୍କା, ମନୋଜ ନାୟକ, ପୁନ ନାଏକ, ରାଜେନ୍ଦ୍ର ଦାସ, ସର୍ବେଶ୍ୱର ଜେନା, ସତ୍ୟେନ୍ଦ୍ର ଦାସ, ଆଶ୍ରିତା ତରେଇ, ଛବିରାଣୀ ମନ୍ତ୍ରୀ, ବାପୁ ଦାସ, ଲମ୍ବୋଦର ମାଝୀ, ଶ୍ରୀମନ୍ତ ମାଝୀ, ବାବୁଲି ଦାସ, ଦିଲଦାର ହୁସେନ ଶାନ୍ତନୁ ପାଣି, ସାହିରୁଲ ହକ, ରାଜେନ୍ଦ୍ର ଦାସ, କାର୍ତ୍ତିକ ସାହୁ, ପର୍ଶୁରାମ ପ୍ରଧାନଙ୍କ ସମେତ ବହୁ ବୁଦ୍ଧିଜୀବୀ, ସମାଜସେବୀ ଯୋଗଦେଇ ସ୍ୱର୍ଗତ ଅରୁଣ ଦେଙ୍କ ପ୍ରତିଛବିରେ ପୁଷ୍ପାଞ୍ଜଳି ଅର୍ପଣ କରି ତାଙ୍କର ଜନସେବା, ନିଷ୍ଠା ଓ ସମାଜ ପ୍ରତି ଅବଦାନକୁ ସ୍ମରଣ କରିଥିଲେ।

## ୨୪୦ ଏସ୍‌ଆଇଆର୍ ଅଭିଯୋଗର ଶୁଣାଣି କଲେ ତହସିଲଦାର

**ରାଜଘାଟ,୨।୮ (ସମିସ):** ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ଏସ୍‌ଆଇଆର୍ ପ୍ରକ୍ରିୟା ଅନ୍ତର୍ଗତ ଦାବି ଓ ଅଭିଯୋଗର ଶୁଣାଣି ରବିବାର ଦିନ ବସ୍ତା ବ୍ଲକ ଦାଣ୍ଡି ଶାସନ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ବସ୍ତା ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ ସ୍ୱୟଂ ଉପସ୍ଥିତ ରହି ୨୪୦ଟି ମାମଲାର ଶୁଣାଣି କରିଛନ୍ତି। ଶୁଣାଣିର ମୁଖ୍ୟ ବିଷୟ ଗୁଡିକ ନୂତନ ଭୋଟର ଓ ସ୍ଥାନାନ୍ତରିତ ହୋଇ ଆସିଥିବା ଲୋକଙ୍କ ଆବେଦନ, ମୃତ ଓ ଅନ୍ୟ ସ୍ଥାନକୁ ଚାଲିଯାଇଥିବା ବ୍ୟକ୍ତିଙ୍କ ନାମ ବାଦ ପାଇଁ ଆବେଦନ, ନାମ, ଠିକଣା, ବୟସ ଓ ଫଟୋ ସଂଶୋଧନ ଆବେଦନ ଆଦି ରହିଥିଲା। ଶୁଣାଣି ସମୟରେ ତହସିଲଦାର ଶ୍ରୀ ପଟ୍ଟନାୟକ ପ୍ରତ୍ୟେକ ଆବେଦନକାରୀଙ୍କ କାଗଜପତ୍ର ଯାଞ୍ଚ କରି ସମସ୍ୟା ଶୁଣିଥିଲେ। ଅସମ୍ପୂର୍ଣ୍ଣ ଆବେଦନକାରୀଙ୍କୁ ୩ ଦିନ ମଧ୍ୟରେ ଡକ୍ୟୁମେଣ୍ଟ ଦାଖଲ କରିବାକୁ ସୁଯୋଗ ଦିଆଯାଉ ବୋଲି କହିଥିଲେ। ବିଏଲଓ ମାନଙ୍କୁ ଘର ଘର ଯାଇ ଫିଲ୍ଡ ଭେରିଫିକେସନ କରିବାକୁ ମଧ୍ୟ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଛୁଟିଦିନ (ରବିବାର)ରେ ଶୁଣାଣି ହେବାରୁ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ। ଏହି ଶୁଣାଣିରେ ୮୨ନମ୍ବର ତାଳପଦା ବୁଥରୁ ୪୬ଟି ଓ ୮୩ନମ୍ବର ବୃନ୍ଦାବନପୁର ବୁଥରୁ ୧୯୪ ଟି ମୋଟ ୨୪୦ ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଏଲ୍ଓ ସୁପରଭାଇଜର ସୁଦୀପ କୁମାର ପ୍ରଧାନ, ବିଏଲ୍ଓ ଅରୁଣ କୁମାର ଜେନା ଓ ନିତ୍ୟାନନ୍ଦ ମଣ୍ଡଳଙ୍କ ସହ ବିଦ୍ୟାଳୟର ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ।



## କହ୍ନେଇଲାଲଙ୍କ ଶ୍ରାଦ୍ଧୋତ୍ସବ

**ବାଲେଶ୍ୱର,୨।୮ (ସମିସ):** ପ୍ରଖ୍ୟାତ କଥାଶିଳ୍ପୀ କହ୍ନେଇଲାଲ ଦାସଙ୍କ ୫୨ତମ ଶ୍ରାଦ୍ଧୋତ୍ସବ ଫକୀରମୋହନ ସାହିତ୍ୟ ପରିଷଦ ସଭାକକ୍ଷରେ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ପରିଷଦର ପ୍ରାକ୍ତନ ସଭାପତି ଡ. ହରିଶ୍ଚନ୍ଦ୍ର ବେହେରା ଯୋଗଦେଇ କହ୍ନେଇଲାଲଙ୍କୁ ଜଣେ ପ୍ରଚଣ୍ଡ କବି, ଗାଳ୍ପିକ, ଔପନ୍ୟାସିକ ଭାବରେ ଚିତ୍ରଣ କରିବା ସହ ସେ ଅନାମ ଆନ୍ଦୋଳନର ଆଗଧାଡ଼ିର ଲେଖକ ରୂପେ ଅଭିହିତ କରିଥିଲେ। ତା'ଛଡ଼ା ସେ ମଧ ଫକୀରମୋହନ ସାହିତ୍ୟ ପରିଷଦର ଯୁଗ୍ମ ସମ୍ପାଦକ ଦାୟିତ୍ୱ ନିର୍ବାହ କଥା ଉଲ୍ଲେଖ କରିଥିଲେ। ବରିଷ୍ଠ କଥାଶିଳ୍ପୀ ଉଦୟ ନାରାୟଣ ଦାସ କହ୍ନେଇଲାଲ ଦାସଙ୍କୁ ପ୍ରେରଣାଦାୟୀ ଗୁରୁରୂପେ ବରଣ ପୂର୍ବକ କଥାଶିଳ୍ପୀର ମାନ୍ୟତା ପ୍ରାପ୍ତ ହୋଇଛନ୍ତି ବୋଲି ସ୍ୱୀକାର କରିଥିଲେ। ପରିଷଦ କାର୍ଯ୍ୟବାହୀ ସଦସ୍ୟା ସ୍ମୃତିଲତା ଦାସ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ପାଦକ ଡ.ରତ୍ନାକର ସିଂହ ପ୍ରାକକଥନ ଉପସ୍ଥାପନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ରାଜେଶ ଗିରି ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।




## ବାଇକ୍-ଅଟୋ ଧକ୍କା, ଜଣେ ଗୁରୁତର

**ଜଳେଶ୍ୱର ବ୍ଲକ,୨।୮ (ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ବରଡ଼ିହା ଗ୍ରାମ ପଞ୍ଚାୟତର ରଙ୍ଗମାଟିଆ ଗ୍ରାମର ରାମଚନ୍ଦ୍ର ସିଂଙ୍କ ପୁତ୍ର ରାଜୁ ସିଂ(୨୦) ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ସେ ବାଇକ୍ ଯୋଗେ କୌଣସି କାମରେ ବାରିପଦା ଯିବା ବେଳେ ମୋରଡ଼ ନିକଟସ୍ଥ ଏକ ରାସ୍ତାରେ ଅଟୋ ସହିତ ଦୁର୍ଘଟଣା ଘଟି ଗାଡ଼ି ସହିତ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ଯାହା ଫଳରେ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଯୁବ ସମାଜସେବୀ ଜଗନ୍ନାଥ ବେରା ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



**ସିମୁଳିଆ,୨।୮ (ସମିସ):** ସିମୁଳିଆ ବ୍ଲକ ସରସ୍ୱତୀ ଶିଶୁ ମନ୍ଦିର ମାର୍କୋଣାରେ ୨୮ ତମ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୬ ଜଣ ଛାତ୍ରଛାତ୍ରୀ ସଂକୁଳସ୍ତରକୁ ଉନ୍ନୀତ ହୋଇଛନ୍ତି। ପ୍ରଧାନ ଗୁରୁଜୀ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସରସ୍ୱତୀ ଶିଶୁ ମନ୍ଦିର ମାର୍କୋଣାର ୨୮ ତମ ଜ୍ଞାନବିଜ୍ଞାନ ମେଳାରେ ପରିଚାଳନା କମିଟି ସଭାପତି ହୃଷିକେଶ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସମ୍ପାଦକ ରଘୁନାଥ ରାଉତ, ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ନିମନ୍ତେ ଜ୍ଞାନବିଜ୍ଞାନ ମେଳା ଉପଯୁକ୍ତ ଫୋରମ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଏଥିରେ ୧୮୭ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ଶିଶୁ ବର୍ଗ, ବାଲ ବର୍ଗ ଓ କିଶୋର ବର୍ଗରୁ ମୋଟ ୫୬ ଜଣ ସଂକୁଳସ୍ତରକୁ ମନୋନୀତ ହୋଇଥିଲେ। ବିଚାରକ ଭାବେ ବାଟିର ବିଜ୍ଞାନ ଶିକ୍ଷକ ନରେନ୍ଦ୍ର ନାଥ ବେହେରା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରଣତି ମହାନ୍ତି, ବିଜ୍ଞାନ ଶିକ୍ଷକ ରବିନାରାୟଣ ସାହୁ, ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ, ଜୀବନ କାନ୍ତ ଭୂୟାଁ, କୁମୁଦ ବନ୍ଧୁ ନାୟକ, ଦୟାନିଧି ପାତ୍ର, ଅଧ୍ୟାପକ ମାଷ୍ଟର ଆପୋଲୋ, ଡାକ୍ତର ଶୁକଦେବ ମଲ୍ଲିକ, ଅଧ୍ୟାପିକା ଅର୍ଚ୍ଚନା ବାରିକ, ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଟି.ଭି ରାଜଲକ୍ଷ୍ମୀ, ଅବସରପ୍ରାପ୍ତ ଗୁରୁଜୀ ରାମଚନ୍ଦ୍ର ବାରିକ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ।

## ସୌର ଶକ୍ତି ପ୍ରସାରକୁ ସୁଦୃଢ଼ କଲା ଟିପିଏନ୍‌ଓଡିଏଲ୍

# ପିଏମ୍ ସୂର୍ଯ୍ୟ ଘର ଯୋଜନାରେ ୧୮ ହଜାର ପରିବାର ସାମିଲ

ବାଲେଶ୍ୱର,୨।୮ (ସମିସ)

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍), ଆର୍ଥିକ ବର୍ଷ ୨୦୨୬-୨୭ର ପ୍ରଥମ ତ୍ରୈମାସିକରେ ସମଗ୍ର ଉତ୍ତର ଓଡ଼ିଶାରେ ସୌର ଶକ୍ତି ବ୍ୟବହାର କ୍ଷେତ୍ରରେ ସଫଳତା ହାସଲ କରିଛି। ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନା ଏବଂ ୟୁଟିଲିଟି-ଲେଡ୍ ଏଗ୍ରିଗେସନ୍ (ୟୁଏଲ୍ଏ) ମଡେଲର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଦ୍ୱାରା, ଆର୍ଥିକ ବର୍ଷ-୨୭ ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ଟିପିଏନ୍‌ଓଡିଏଲ୍ ୧୮,୪୧୫ ଟି ନୂତନ ରୁଫଟପ୍ ସୋଲାର ସ୍ଥାପନା କରିଛି। ଏହା ଦ୍ୱାରା ଆଞ୍ଚଳିକ ଗ୍ରୀଡରେ ୩୬.୧୮ ମେଗାୱାଟ୍ ସବୁଜ ଶକ୍ତି ଯୋଡ଼ିହୋଇ ଅଞ୍ଚଳରେ ପିଏମ୍ ସୂର୍ଯ୍ୟ ଘର: ମୁଫତ ବିଜୁଳି ଯୋଜନା ଅଧୀନରେ ସବୁଜ ଶକ୍ତି ଉତ୍ପାଦନ କ୍ଷମତା ୯୦.୨୫ ମେଗାୱାଟରେ ପହଞ୍ଚିଛି। ବ୍ୟାପକ ପ୍ରଚାର ପ୍ରସାର ସହିତ ସୁଗମ ସଂସ୍ଥାପନ ବ୍ୟବସ୍ଥା ଯୋଗୁଁ ସମସ୍ତ ଆର୍ଥିକ ଓ ସାମାଜିକ ବର୍ଗର ଉପଭୋକ୍ତାଙ୍କ ପାଇଁ ସୌର ଭିତ୍ତିଭୂମି ଆପଣାଇବା ଆହୁରି ସହଜ ହୋଇଥିବାବେଳେ ଘରୋଇ ଉପଭୋକ୍ତାମାନେ ମଧ୍ୟ ସୌର ଶକ୍ତି ପ୍ରତି ବିଶେଷ ଆକୃଷ୍ଟ ହେଉଥିବାର ଦୃଷ୍ଟିଗୋଚର ହେଉଛି ଓ ଟିପିଏନ୍‌ଓଡିଏଲ୍ ଅଞ୍ଚଳରେ ବିଗତ ତ୍ରୈମାସିକରେ ସୋଲାର ସ୍ଥାପନ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇଛି। ଏପ୍ରିଲରେ ୪୫୧୨, ମେ ମାସରେ ୬୨୩୩ ଏବଂ ଜୁନ୍ ମାସରେ ୭୬୭୦ଟି ସ୍ଥାପନା ରେକର୍ଡ କରାଯାଇଛି। ଯୋଡ଼ିହୋଇଥିବା ୩୬.୧୮ ମେଗାୱାଟ୍ କ୍ଷମତା ମଧ୍ୟରୁ ପିଏମ୍ ସୂର୍ଯ୍ୟ ଘର ଯୋଜନା ଅନ୍ତର୍ଗତ ୮୨୩୫ଟି ସ୍ଥାପନାରେ ୨୬ ମେଗାୱାଟ୍ ଏବଂ ୟୁଏଲ୍ଏ ମଡେଲ ଅଧୀନରେ ୧୦୧୮୦ ଟି ସ୍ଥାପନାରେ ୧୦.୧୮ ମେଗାୱାଟ୍ ଶକ୍ତି ଉତ୍ପାଦନ କ୍ଷମତା ରହିଛି। ଆର୍ଥିକ ବର୍ଷ ୨୦୨୬୨୭ର ପ୍ରଥମ ତ୍ରୈମାସିକରେ ବାଲେଶ୍ୱର ସର୍କଲ ୬୪୪୯ଟି ସ୍ଥାପନ ସହ ୧୩ ମେଗାୱାଟ୍ କ୍ଷମତା ଯୋଡ଼ି ସବୁଠାରୁ ଆଗରେ ରହିଛି। ଏହା ପଛକୁ ବାରିପଦା ସର୍କଲ ୩୯୩୯ ଟି ସ୍ଥାପନରୁ ୭ ମେଗାୱାଟ୍, ଯାଜପୁର ସର୍କଲ ୩୨୯୩ ଟି ସ୍ଥାପନରୁ ୭.୪୬ ମେଗାୱାଟ୍, ଭଦ୍ରକ ସର୍କଲ ୨୭୦୨ ଟି ସ୍ଥାପନରୁ ୪.୬ ମେଗାୱାଟ୍ ଏବଂ କେନ୍ଦୁଝର ସର୍କଲ ୨୦୩୨ ଟି ସ୍ଥାପନରୁ ୪.୧୨ ମେଗାୱାଟ୍ ନୂତନ ସୌର ଶକ୍ତି କ୍ଷମତା ଯୋଡିଛନ୍ତି।"ଏହି ସମ୍ପର୍କରେ ଟିପିଏନଓଡିଏଲ୍‌ର ସିଇଓ ଶ୍ରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି ଯେ, ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନାରେ ରୁଫଟପ୍ ସୋଲାର ସ୍ଥାପନା ସହିତ ଉତ୍ତର ଓଡ଼ିଶାରେ ସବୁଜ ଶକ୍ତିର ବ୍ୟବହାର ବହୁଳ ମାତ୍ରାରେ ବୃଦ୍ଧି ପାଇଛି। ଜୁନ୍ ୨୦୨୬ରେ, ଟିପିଏନ୍‌ଓଡିଏଲ୍ ବିଦ୍ୟୁତ ବିତରଣ ଅଞ୍ଚଳରେ ୧୦,୭୧୫ ଜଣ ଉପଭୋକ୍ତା ଜିରୋ ୟୁନିଟ୍ ବିଲିଂ ପାଇଛନ୍ତି। ଏଥିମଧ୍ୟରେ ବାଲେଶ୍ୱରରୁ ସର୍ବାଧିକ ୪୦୪୨, ବାରିପଦାରୁ ୨୬୨୮ ଜଣ, ଯାଜପୁରରୁ ୧୪୯୬ ଜଣ, କେନ୍ଦୁଝରରୁ ୧୪୬୬ ଜଣ ଏବଂ ଭଦ୍ରକରୁ ୧୦୮୩ ଉପଭୋକ୍ତା ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ୯୩୨୮ ଜଣ ଉପଭୋକ୍ତାଙ୍କ ବିଜୁଳି ବିଲ୍ ୫୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଏହି ବର୍ଗରେ ବାଲେଶ୍ୱରର ୩୨୨୧ ଜଣ, ଯାଜପୁରର ୧୯୧୪, ବାରିପଦାର ୧୬୮୪, ଭଦ୍ରକର ୧୪୨୧ ଏବଂ କେନ୍ଦୁଝରର ୧୦୮୮ ଜଣ ଉପଭୋକ୍ତା ଉପକୃତ ହୋଇଛନ୍ତି।



# ସମ୍ପାଦକୀୟ



ଯଦି ସମସ୍ତେ ଗୋଟିଏ ଲକ୍ଷ୍ୟ ପୂରଣ ପାଇଁ ପାଦରେ ପାଦ ମିଳାଇ ଚାଲିବେ ତେବେ ସଫଳତା ଆପେଆପେ ଆସିଯିବ।
-ହେନେରି ଫୋର୍ଡ

ସକାଳ THE SAKALA

## ହିକ୍‌ଲିନ୍ ଆହ୍ୱାନ

ସିଜେପି ଆନ୍ଦୋଳନ ଚାପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବା ପରେ ଏହାକୁ କେନ୍ଦ୍ର ସରକାରଙ୍କ ଦମ୍ଭର ପରାଜୟ ଏବଂ ଯୁବଶକ୍ତିର ବିଜୟ ଭାବେ ଅଭିହିତ କରାଯାଉଛି। କିନ୍ତୁ ସେତେବେଳେ ଚାପରେ ସରକାର ମୁଣ୍ଡ ନୁଆଁଇଥିଲେ ମଧ୍ୟ ଏହି ପରାଜୟକୁ ବୋଧହୁଏ ସହଜରେ ଗ୍ରହଣ କରିପାରିନାହାନ୍ତି। ଆନ୍ଦୋଳନ ସମୟରେ ଯେଉଁମାନେ ସାମାଜିକ ଗଣମାଧ୍ୟମରେ ଭିଡିଓ ଓ ଫଟୋ ପୋଷ୍ଟ କରିଥିଲେ, ପ୍ରତିକ୍ରିୟା ରଖିଥିଲେ, ସରକାର ବିରୋଧୀ ସ୍ଲୋଗାନ୍ ଦେଇଥିଲେ ସେମାନଙ୍କୁ ଖୋଜି ଖୋଜି ବାହାର କରି ଆଇନ ଅନୁଯାୟୀ ଦଣ୍ଡିତ କରିବାକୁ ଦିଲ୍ଲୀ ପୁଲିସ ପ୍ରଶାସନ ୨୦୫ରୁ ଊର୍ଦ୍ଧ୍ୱ ଅଧିକାରୀ, ବିଶେଷଜ୍ଞ, ସଂସ୍ଥାଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ସେମାନେ ବିକ୍ଷୋଭ କରିଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ 'ଜିରୋ ଏଫଆଇଆର' ଦାଖଲ କରୁଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅପଶବ୍ଦ ଓ ଅରୁଚିକର ଶବ୍ଦ ପ୍ରୟୋଗ କରୁଥିବା ଯୁବକଯୁବତୀଙ୍କ ବିରୋଧରେ ପୁଲିସ ପ୍ରଶାସନ ଅତ୍ୟଧିକ ପ୍ରତିଶୋଧ ପରାୟଣ ହୋଇପଡ଼ିଥିବା ଅଭିଯୋଗ ହେଉଛି।

ଅଶୋଭନୀୟ ଓ ଅସଭ୍ୟ ଶବ୍ଦ ବ୍ୟବହାର କରିଥିବା ଛାତ୍ରଛାତ୍ରୀଙ୍କୁ କ୍ଷମା କରିଦେଇଥିବା ଏକ ଭିଡିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ ପୁଲିସ ତା'ର କାର୍ଯ୍ୟଧାରା ଜାରି ରଖିଛି। ଅପରପକ୍ଷରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ନାହିଁ ବୋଲି ସିଜେପି କର୍ମକର୍ତ୍ତାଙ୍କ ସହିତ କେନ୍ଦ୍ର ସରକାର ବୁଝାମଣା କରିଥିଲେ ମଧ୍ୟ ସେଥିରୁ ଓହରି ଯାଇଥିବାରୁ ସିଜେପି ପୁଣି ଏକ ବଡ଼ ଧରଣର ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି। ସର୍ବୋପରି ଗଣତାନ୍ତ୍ରିକ ଦେଶରେ ବାକ୍ ସ୍ୱାଧୀନତାର ଅର୍ଥ ଏବଂ ଅଶ୍ଳୀଳ, ଅପଶବ୍ଦ, ଅରୁଚିକର, ଅଭଦ୍ର, କୁଶବ୍ଦ, ଆପତ୍ତିଜନକ ଆଦିର ସଂଜ୍ଞାର ବ୍ୟାଖ୍ୟାନ ଓ ବିତର୍କ ଆରମ୍ଭ ହୋଇଛି।

ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅଶାଳୀନ ଶବ୍ଦ ବ୍ୟବହାର ଅଭିଯୋଗ ଓ ଆରୋପ ପାଇଁ ପୁଲିସ ଭାରତୀୟ ନ୍ୟାୟ ସଂହିତାର ଧାରା ୩୫୨, ୩୫୩(୧), ୩୫୬(୧) ଉପଯୋଗ କରିଛି। ସେହିପରି ଭାରତୀୟ ନ୍ୟାୟ ସଂହିତାର ଧାରା ୨୯୬ ଅନୁଯାୟୀ କାହା ବିରୋଧରେ ଯେ କେହି ବି ହେଉ ନା କାହିଁକି ସର୍ବସାଧାରଣ ସ୍ଥଳରେ ଅଶ୍ଳୀଳ ଶବ୍ଦ ପ୍ରୟୋଗ କଲେ ଅପରାଧ ବୋଲି ଧରାଯିବ, ଯେଉଁଥିରେ ତିନିମାସର ଜେଲ ଦଣ୍ଡର ବ୍ୟବସ୍ଥା ରହିଛି। କିନ୍ତୁ ଅଭିଯୁକ୍ତ ବ୍ୟବହାର କରିଥିବା ଶବ୍ଦ ଆପତ୍ତିଜନକ କିମ୍ବା ଆଇନର କାଠଗଡ଼ା ଭିତରକୁ ଆସୁଛି କି ନାହିଁ ତାହାର ତର୍ଜମା ଅତ୍ୟାବଶ୍ୟକ। ଏ ସମ୍ପର୍କରେ ଆଇନ ଅଦାଲତର ଆଭିମୁଖ୍ୟ ସମ୍ପର୍କରେ କିଞ୍ଚିତ ଆଲୋଚନା ପ୍ରାସଙ୍ଗିକ ହେବ।

୧୯୬୫ ମସିହାରେ 'ରଞ୍ଜିତ୍ ଡି. ଉଦେଶି ବନାମ ମହାରାଷ୍ଟ୍ର' ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ମହାରାଷ୍ଟ୍ର ସରକାରଙ୍କ ସପକ୍ଷରେ ରାୟ ଦେଇଥିଲେ। ଔପନ୍ୟାସିକ ଡି ଏଚ୍ ଲରେନ୍ସ୍‌ଙ୍କ ଉପନ୍ୟାସ 'ଲେଡି ଚାଟର୍ଲିସ୍ ଲଭର(ଚାଟର୍ଲିଙ୍କ ପ୍ରେମିକ) ଉପନ୍ୟାସରେ ଅଶ୍ଳୀଳ ଓ ଅରୁଚିକର ଶବ୍ଦ ବ୍ୟବହାର ହୋଇଥିବା ଦର୍ଶାଇ ମହାରାଷ୍ଟ୍ର ସରକାର ତାହାର ବିକ୍ରି ଉପରେ ନିଷେଧାଦେଶ ଜାରି କରିଥିଲେ। ମାମଲା ଆଇନ କାଠଗଣ୍ଡି ଭିତରକୁ ଯିବା ପରେ ସର୍ବୋଚ୍ଚ ନ୍ୟାୟାଳୟ ଉପନ୍ୟାସର ବିକ୍ରି ଉପରେ ନିଷେଧାଦେଶ ସପକ୍ଷରେ ମତ ଦେବା ପାଇଁ ବହୁଚର୍ଚ୍ଚିତ 'ହିକ୍‌ଲିନ୍ ଟେଷ୍ଟ' ଉପଯୋଗ କରିଥିଲେ। ଏହି ପଦ୍ଧତିରେ କୌଣସି ଗଦ୍ୟ, ପଦ୍ୟ, ଚିତ୍ରର ଏକ ନିର୍ଦ୍ଦିଷ୍ଟ ଅଂଶକୁ ସମାଜର ଏକ ନିର୍ଦ୍ଦିଷ୍ଟ ବର୍ଗ ଯଥା କିଶୋର/କିଶୋରୀ, ଆଦ୍ୟ ଯୌବନରେ ପାଦ ଦେଇଥିବା ଯୁବକ/ଯୁବତୀଙ୍କୁ ପଢ଼ିବାକୁ ଦିଆଯାଏ। ସୃଜନଶୀଳତାକୁ ଅଣଦେଖା କରି କେବଳ ଉକ୍ତ ଲେଖା ବା ଚିତ୍ର ପାଠକ/ଦର୍ଶକଙ୍କ ମନରେ କି ପ୍ରଭାବ ବା ଭାବ ସୃଷ୍ଟି କରୁଛି ନିରୀକ୍ଷଣ କରାଯାଏ। ଏହି ପରୀକ୍ଷଣରେ 'ଲେଡି ଚାଟର୍ଲିସ୍ ଲଭର' ବିଫଳ ହୋଇ ଭାରତୀୟ ବଜାରରୁ ବିଦାୟ ନେଇଥିଲା।

ଏହି କୌଶଳ ପୁନଃ ବ୍ୟବହୃତ ହୋଇଥିଲା ୨୦୦୬ ମସିହାରେ 'ଦୂରଦର୍ଶନ ବନାମ ଆନନ୍ଦ ପଟ୍ଟବର୍ଦ୍ଧନ' ମାମଲାରେ। ଆନନ୍ଦଙ୍କ ଦ୍ୱାରା ପ୍ରସ୍ତୁତ ଡକ୍ୟୁମେଣ୍ଟାରୀ 'ଫାଦର ସନ୍ ଆଣ୍ଡ ହୋଲି ୱାର'କୁ 'କେବଳ ବୟସ୍କ ପାଇଁ ଉଦ୍ଦିଷ୍ଟ' ବା 'ଆଡଲ୍ଟ' ଦର୍ଶାଇ ଏହାର ପ୍ରସାରଣ ପାଇଁ ଦୂରଦର୍ଶନ ମନା କରିଦେବା ପରେ ମାମଲା ଅଦାଲତକୁ ଯାଇଥିଲା। 'ହିକ୍‌ଲିନ୍ ପଦ୍ଧତି'ରେ ଉତ୍ତୀର୍ଣ୍ଣ ହେବା ପରେ ଏହାର ପ୍ରସାରଣ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସବୁଜ ସଙ୍କେତ ଦେଇଥିଲେ। ଅପରପକ୍ଷରେ ୨୦୧୪ ମସିହାରେ 'ପଶ୍ଚିମବଙ୍ଗ ବନାମ ଅଭିକ ସରକାର' ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ 'ହିକ୍‌ଲିନ୍ ଟେଷ୍ଟ' ପଦ୍ଧତିକୁ ପରିହାର କରି ଟେନିସ୍ ତାରକା ବରିସ୍ ବେକର ଓ ତାଙ୍କ ଭାବି ପତ୍ନୀଙ୍କ ଏକ ନଗ୍ନଚିତ୍ରକୁ ଅଶ୍ଳୀଳ ଆଖ୍ୟା ଅପବାଦରୁ ମୁକ୍ତ କରିଥିଲେ। ଏ ସମ୍ପର୍କରେ ଟିପ୍ପଣୀ ଦେଇ ଅଦାଲତ କହିଥିଲେ ଯେ ଯଦି କୌଣସି ଅଶ୍ଳୀଳ ଚିତ୍ର, ଲେଖା ଯୌନୋପଦ୍ଦୀପ ହେବ ତେବେ ଯାଇ ତାହାକୁ ଅଶ୍ଳୀଳ ଆଖ୍ୟା ଦିଆଯାଇପାରିବ। ଅଶ୍ଳୀଳ କି ନୁହେଁ ତାହା ବିଚାର କରିବାକୁ ଏକ ନିର୍ଦ୍ଦିଷ୍ଟ ବର୍ଗର ମତ ନିଆଯାଇପାରିବ; କିନ୍ତୁ ତାହାର ପ୍ରୟୋଗ ବେଳେ ସାମୂହିକ ବା ଗୋଷ୍ଠୀଗତ ମତାମତ ଓ ପ୍ରତିକ୍ରିୟାକୁ ବିଚାରକୁ ନିଆଯିବା ଦରକାର। ସେହିପରି ୨୦୨୪ରେ ଟିଭିଏଫ୍‌ର ୱେବ୍‌ସିରିଜ୍ 'କଲେଜ୍ ରୋମାନ୍ସକୁ' ଆଇଟି ଆଇନ ଅଧୀନରେ ଅଶ୍ଳୀଳ ବୋଲି ଦର୍ଶାଇ ପ୍ରସାରଣ ବନ୍ଦ କରାଯାଇ ପ୍ରଯୋଜକଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ସର୍ବୋଚ୍ଚ ନ୍ୟାୟାଳୟ ବିଷୟବସ୍ତୁକୁ ଅଶ୍ଳୀଳ ବୋଲି କହିଥିଲେ ମଧ୍ୟ 'ଏଫ୍‌ଆଇଆର'କୁ ବାତିଲ୍ କରିଦେଇଥିଲେ। ଅପରପକ୍ଷରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କଲେ ତାହା ଆଇନତଃ ଅପରାଧ ଭାବେ ଧରାଯିବ ବୋଲି ୨୦୨୬ ଏପ୍ରିଲ୍ ମାସରେ ଏକ ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ରାୟ ଦେଇଥିଲେ।

ଏହି ଆଧାରରେ ତର୍ଜମା କଲେ 'ଜିରୋ ଏଫ୍‌ଆଇଆର'ରେ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ସିଜେପି ଆନ୍ଦୋଳନ ବେଳେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ପ୍ରଦର୍ଶିତ ଓ କଥିତ ଶବ୍ଦାବଳୀ, ପୋଷ୍ଟର, ବ୍ୟାନର, ସ୍ଲୋଗାନ୍ ଆଦି ମଧ୍ୟ 'ହିକ୍‌ଲିନ ଟେଷ୍ଟ' ଦେଇ ଗତି କରିବାକୁ ପଡ଼ିବ। ଦିଲ୍ଲୀ ଜନ୍ତରମନ୍ତର ମାମଲାରେ ଯେଉଁ 'ଜିରୋଏଫ୍‌ଆଇଆର'ମାନ ଦାଏର କରାଯାଇଛି, ଯାହା ସର୍ବସାଧାରଣରେ ବିଶୃଙ୍ଖଳା, ଅପମାନ ଦେବା, ମାନହାନି ପାଇଁ ଉଦ୍ଦିଷ୍ଟ। ଭାରତୀୟ ନ୍ୟାୟ ସଂହିତାର ଧାରା ୩୫୨ ଅନୁଯାୟୀ ଏହା ପ୍ରମାଣ କରିବାକୁ ପଡ଼ିବ ଯେ ଉକ୍ତ କାର୍ଯ୍ୟଧାରା ଉଦ୍ଦେଶ୍ୟମୂଳକ ଥିଲା ବା ଜାଣିଶୁଣି କରାଯାଇଥିଲା। ଆହୁରି ମଧ୍ୟ ୨୦୨୫ ସେପ୍ଟେମ୍ବର ମାସରେ ତେଲଙ୍ଗାନା ହାଇକୋର୍ଟ ଦେଇଥିବା ରାୟ ଅନୁଯାୟୀ କୌଣସି ରାଜନୈତିକ ଦଳ ବିରୋଧରେ ଅଶ୍ଳୀଳ ଶବ୍ଦ ପ୍ରୟୋଗ ଦ୍ୱାରା ସର୍ବସାଧାରଣ ବିଶୃଙ୍ଖଳା ବୋଲି ଧରି ନିଆଯାଇପାରିବ ନାହିଁ। ନ୍ୟାୟିକ ଜଟିଳତା ଭିତରେ 'ହିକ୍‌ଲିନ୍ ଟେଷ୍ଟ'ରେ ଅଭିଯୁକ୍ତମାନେ ଉତ୍ତୀର୍ଣ୍ଣ ହେବେ କି ନାହିଁ ତାହା ଭିନ୍ନ କଥା। କିନ୍ତୁ ସେତେବେଳକୁ ସେମାନେ ଜୀବନର ଅଗ୍ନିପରୀକ୍ଷା ଦେଇସାରିଥିବେ।

# ସମାବେଶୀ ବିକାଶରେ ସମ୍ଭାବନାର ସୂର୍ଯ୍ୟୋଦୟ ସମ୍ଭବ

**ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ**

**ମୋ ସ୍ୱପ୍ନର ଓଡ଼ିଶା**

ପୂର୍ବପ୍ରକାଶିତ ଉତ୍ତାରୁ...

୫)ରାଜ୍ୟରେ ଥିବା ଖଣିଗୁଡ଼ିକୁ ବାହାର ରାଜ୍ୟର ଶିଳ୍ପପତିମାନଙ୍କ ହାତକୁ ଟେଣ୍ଡର ମାଧ୍ୟମରେ ଟେକି ଦିଆଯାଉଛି। ସେମାନେ ନିଜର ମୁନାଫା କମାଇବା ପାଇଁ ଖଣିଜ ସମ୍ପଦକୁ ଖନନ କରି ବିଦେଶକୁ ରପ୍ତାନୀ କରୁଛନ୍ତି। ଏହାଫଳରେ ଆଉ କିଛିବର୍ଷ ମଧ୍ୟରେ ଆମ ରାଜ୍ୟର ଖଣିଜସମ୍ପଦ ଶେଷ ହୋଇଯିବ। ସେତେବେଳେ ରାଜ୍ୟର ଅବସ୍ଥା କିପରି ହେବ ତାହା ସରକାର ବିଚାର କରି କେବଳ ଶିଳ୍ପ ସଂସ୍ଥାର ନିଜସ୍ୱ ବ୍ୟବହାର(କ୍ୟାପ୍‌ଟିଭ୍ କଞ୍ଜପସନ୍) ପାଇଁ ଅନୁମତି ଦେବା ଉଚିତ। ନ ହେଲେ ଯେଉଁ ଖଣିଜ ସଂପଦ ପାଇଁ ଆମେ ଗର୍ବ କରୁଛନ୍ତି ତାହାର ଶୂନ୍ୟଗର୍ତ୍ତମାନଙ୍କୁ ଆମେ ଦିନେ ଜଳକା ହୋଇ ଚାହିଁଥିବା। ତେଣୁ ଖଣିଜ ସମ୍ପଦର ବିଦେଶ ରପ୍ତାନୀ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରାଯାଉ ଏବଂ ଆମରେ ରାଜ୍ୟରେ ଖଣିଜ ସମ୍ପଦର ମୂଲ୍ୟଯୁକ୍ତ ବିନିଯୋଗ(ଭାଲ୍ୟୁ ଆଡିସନ୍) କରାଯାଉ।

୬)ଅଧିକ ନିଯୁକ୍ତି ପାଇଁ ଟେକ୍ସଟାଇଲ ଶିଳ୍ପ ପ୍ରତିଷ୍ଠା ଦିଗରେ ସରକାର ଗୁରୁତ୍ୱ ଦେବା ଉଚିତ। ଯାହା ରାଜ୍ୟର ଅଧିକ ଯୁବକ, ଯୁବତୀଙ୍କୁ ନିଯୁକ୍ତି ଦେଇପାରିବ ଏବଂ ଅଧିକ ରାଜସ୍ୱ ବୃଦ୍ଧି ହେବ।

୭)ଶିକ୍ଷା ହେଉଛି ଗୋଟିଏ ଦେଶ ଓ ଜାତିର ମେରୁଦଣ୍ଡ। ଯେଉଁଦେଶର ଲୋକ ଯେତେ ଶିକ୍ଷିତ, ସେ ଦେଶ ଛୋଟ ହେଲେ ମଧ୍ୟ ସେତେ ଉନ୍ନତ ଓ ସମୃଦ୍ଧ। ତେଣୁ ଓଡ଼ିଆ ଭାଷା ଏବଂ ସଂସ୍କୃତିକୁ ବଞ୍ଚାଇ ରଖିବା ସହିତ ଶିକ୍ଷାର ବିକାଶ ପାଇଁ ସରକାରୀ ବିଦ୍ୟାଳୟଗୁଡ଼ିକୁ ଉପଯୁକ୍ତ ଭାବରେ ବିକଶିତ କରିବା ସହିତ ଶୈକ୍ଷିକ ବାତାବରଣ, ଭଲ ଶିକ୍ଷକ ନିଯୁକ୍ତି ଉପରେ ଗୁରୁତ୍ୱ ଦେବା ଉଚିତ। ଏହା ହୋଇପାରିଲେ ଅଭିଭାବକମାନଙ୍କର ପ୍ରଥମ ପସନ୍ଦ ଘରୋଇ ବିଦ୍ୟାଳୟ ଅପେକ୍ଷା ସରକାରୀ ବିଦ୍ୟାଳୟ ହୋଇପାରିବ। ପୂର୍ବରୁ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀ ମଣ୍ଡନ କରି ଦେଶବିଦେଶରେ ରାଜ୍ୟର ନାଁ କୁ ପ୍ରତିଷ୍ଠିତ କରିପାରିଥିଲେ। ମାତ୍ର ଆଜି ରାଜ୍ୟରେ ପ୍ରାୟ ୧୫୦୦ ବିଦ୍ୟାଳୟରେ ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପାଠ୍ୟ ପୁସ୍ତକରେ ପୁଳା ପୁଳା ଭୁଲ। ଏଥିରେ କିଭଳି ଶିକ୍ଷାର ମାନ ଉନ୍ନତ ହୋଇପାରିବ? ଆଜି କାହିଁକି ସରକାରୀ ସ୍କୁଲରୁ ଅଭିଭାବକଙ୍କର ମୋହଭଙ୍ଗ ଘଟୁଛି ସରକାର ତାହାର ତର୍ଜମା କରି ଉପଯୁକ୍ତ ପଦକ୍ଷେପ ନେବା ଦରକାର। ଇଂରାଜୀ ମାଧ୍ୟମ ବିଦ୍ୟାଳୟକୁ ଅଧିକ ପ୍ରୋତ୍ସାହନ ଦିଆ ନ ଯାଉ। ସରକାର ଶିକ୍ଷିତ ଯୁବକମାନଙ୍କୁ ନିଯୁକ୍ତିକ୍ଷମ କରିବା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଏବଂ ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ ଢାଞ୍ଚାରେ ପ୍ରସ୍ତୁତ କରିବା ଦିଗରେ ପ୍ରାଥମିକତା ଦିଅନ୍ତୁ, ଯେପରି ଆମର ମାନବସମ୍ବଳ ସର୍ବଶ୍ରେଷ୍ଠ ଓ ସୁଦକ୍ଷ ହୋଇପାରିବ।

୮)ଓଡ଼ିଶାର ପ୍ରାୟ ୮୬ ପ୍ରତିଶତ ଲୋକସଂଖ୍ୟା ହେଉଛନ୍ତି ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗର। ସେହି ବର୍ଗର ସାମୂହିକ ବିକାଶ ବିନା ଏ ରାଜ୍ୟ ଯେ ସମୃଦ୍ଧ ହେବ ଏକଥା ସରକାର ଭୁଲିଯିବା ଉଚିତ ନୁହେଁ। ରାଜ୍ୟର ସେହି ସର୍ବାଧିକ ବଞ୍ଚିତ, ଅବହେଳିତ ଓ ଶୋଷିତ ବର୍ଗର ବିକାଶ ଦିଗରେ ସରକାର ସଫଳ ପଦକ୍ଷେପ ଗ୍ରହଣ କଲେ ହିଁ ତାହା ରାଜ୍ୟର ପରିଚୟକୁ ବଦଳାଇ ଦେଇପାରିବ।

୯)ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ପ୍ରତି ଜିଲ୍ଲାରେ ମେଡିକାଲ କଲେଜ ଏବଂ ସରକାରୀ ତଥା ବେସରକାରୀ କ୍ଷେତ୍ରରେ ଅଧିକ ସଂଖ୍ୟକ ମେଡିକାଲ ପ୍ରତିଷ୍ଠା କରିବା ସହିତ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ବ୍ୟାପକ ଓ ସୁଦୃଢ଼ କରିବା ପାଇଁ ସରକାର ପଦକ୍ଷେପ ନିଅନ୍ତୁ।

୧୦)ରାଜ୍ୟରେ ଚାକିରିଆମାନଙ୍କର ଦରମା ହାରରେ ତାରତମ୍ୟ ରହୁଛି। ସରକାରୀ କିମ୍ବା ଶିଳ୍ପ ସଂସ୍ଥାରେ ଉଚ୍ଚ ପଦପଦବୀରେ ଥିବା କର୍ମଚାରୀମାନେ ଭଲଦରମା ପାଉଥିବା ବେଳେ ଶ୍ରମିକ ଶ୍ରେଣୀ ଅଥବା ଠିକା କର୍ମଚାରୀମାନେ ଖୁବ୍ କମ ପରିମାଣରେ ମଜୁରୀ ପାଉଛନ୍ତି। ମୁଣ୍ଡପିଛା ଆୟ ବଢ଼ାଇବା ପାଇଁ ଶ୍ରମିକଙ୍କ ମଜୁରୀ ବୃଦ୍ଧି ହେବା ଦରକାର। ତେଣୁ ସରକାର ଧାର୍ଯ୍ୟ କରିଥିବା ସର୍ବନିମ୍ନ ମଜୁରୀକୁ ଅତିକମ୍‌ରେ ତିନିଗୁଣ ବୃଦ୍ଧି କରାଯାଉ।

୧୧)ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ବାର୍ଷିକ ୧୦ ହଜାର ଟଙ୍କା ଦେବା କେବେହେଲେ ତାଙ୍କ ଭାଗ୍ୟକୁ ବଦଳାଇ ପାରିବ ନାହିଁ। ଏହା ବଦଳରେ ସେମାନେ କିପରି ନିଜେ ଆତ୍ମନିର୍ଭରଶୀଳ ହୋଇ କ୍ଷୁଦ୍ରଶିଳ୍ପ, ବ୍ୟବସାୟିକ ଅନୁଷ୍ଠାନ ପ୍ରତିଷ୍ଠା କରିପାରିବେ ଏବଂ ଭବିଷ୍ୟତରେ ସଫଳ ଉଦ୍ୟୋଗୀ ହୋଇପାରିବେ ସେ ଦିଗରେ ସରକାର ଯଥେଷ୍ଟ ଧ୍ୟାନ ଦେବାର ଆବଶ୍ୟକତା ଅଛି।

୧୨)ଗ୍ରାମାଞ୍ଚଳ ଏବଂ ଅଗମ୍ୟ ଅଞ୍ଚଳକୁ ଯୋଗାଯୋଗର ମାଧ୍ୟମ ସୁଦୃଢ଼ କରିବା ସହିତ ରାଜ୍ୟରେ ୪୦ ପ୍ରତିଶତରୁ ଅଧିକ ବାସପଯୋଗୀ ଅଞ୍ଚଳକୁ ସହରାଞ୍ଚଳରେ ପରିଣତ କରିବା ସହିତ ଭୁବନେଶ୍ୱର ପରି ରାଜ୍ୟର ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ବାଲେଶ୍ୱର ଓ ଜୟପୁର ଇତ୍ୟାଦି ସହରର ବିକାଶ କରାଯାଉ।

୧୩)ବିଭିନ୍ନ ପ୍ରକାର ଶିଳ୍ପ, ସେମିକଣ୍ଡକ୍ଟର ଶିଳ୍ପ, ଫାର୍ମାସି ଶିଳ୍ପ, କୃଷି ଶିଳ୍ପ, ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପ, ପର୍ଯ୍ୟଟନ ଶିଳ୍ପ, ପରିବେଶ ପର୍ଯ୍ୟଟନ, ଆର୍ଟିଫିସିଆଲ ଇଂଟେଲିଜେନ୍ସ(ଏ.ଆଇ)ର ବିକାଶ, ବିଦ୍ୟୁତ ଚାଳିତ ଯାନବାହନ ଏବଂ ଏହାର ବ୍ୟାଟେରି ଶିଳ୍ପ ଏବଂ ମହାକାଶ ଗବେଷଣା ସହିତ ଅତ୍ୟାଧୁନିକ ବିଜ୍ଞାନ କ୍ଷେତ୍ରରେ ବିକାଶ ହେବା ମଧ୍ୟ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପଥରେ ଗୋଟିଏ ଗୋଟିଏ ମାଇଲଖୁଣ୍ଟ ହୋଇପାରିବ।

ଯେଉଁ ଦେଶ କିମ୍ବା ରାଜ୍ୟର ଗଣତନ୍ତ୍ର ଯେତେ ସୁଦୃଢ଼ ସେ ରାଜ୍ୟ ଓ ଦେଶ ସେତେ ସୁଦୃଢ଼। ମାତ୍ର ଆଜିକାଲି ଗଣତନ୍ତ୍ରର ଅବକ୍ଷୟ ହୋଇଚାଲିଛି। ସେବା ବଦଳରେ ପ୍ରଥମେ ବ୍ୟକ୍ତିଗତ ଉନ୍ନତିର ପଥକୁ ସୁଗମ କରିବା ଚିନ୍ତାରେ ଅଧିକାଂଶ ପଡ଼ି ଯାଉଛନ୍ତି। ଜନପ୍ରତିନିଧିମାନେ ନୀତି, ନୈତିକତା ଓ ଆଦର୍ଶକୁ ଭୁଲି ଯିବା ଏବଂ ସାମ, ଦାମ, ଦଣ୍ଡ, ଭେଦ ଆଗରେ ନଇଁ ଯିବା କେବେହେଲେ ଏକ ସମୃଦ୍ଧ ରାଜ୍ୟ ବା ଦେଶ ପାଇଁ ଶୁଭଲକ୍ଷଣ ନୁହେଁ। ଉତ୍କଳଗୌରବ କୂଳବୃଦ୍ଧ ମଧୁସୂଦନ ଦାସ ଦିନେ କହିଥିଲେ- 'ଜାତି ନନ୍ଦିଘୋଷ ଚାଲିବକି ଭାଇ ସ୍ୱାର୍ଥକୁ ସାରଥି କଲେ, ଟାଣେ କିରେ ଗାଡ଼ି ଦାନାର ତୋବଡ଼ା ଘୋଡ଼ା ମୁହେଁ ବନ୍ଧା ଥିଲେ'। ତେଣୁ ସମସ୍ତ ଲୋକପ୍ରତିନିଧି ଓ ରାଜନେତା ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ସମାଜର ପ୍ରଭୂତ ଉନ୍ନତି ଏବଂ ଦେଶ ଗଠନକୁ ପ୍ରାଥମିକତା ଦେବା ଉଚିତ। ଶାସକଦଳମାନେ ଆଜି ସମ୍ବିଧାନର ବିଧି ବ୍ୟବସ୍ଥାକୁ ମାଡ଼ିମକଚି ଦେଉଛନ୍ତି। ସାଂପ୍ରତିକ ପରିସ୍ଥିତିରେ ଗଣତନ୍ତ୍ରର ସୁରକ୍ଷା ଆମ୍ଭମାନଙ୍କର ପ୍ରାଥମିକତା ଅଟେ। ଜନମତ ଆଗରେ ସରକାର କିପରି ମୁଣ୍ଡ ନୁଆଁଇଲା ତାହା ସି.ଜେ.ପି ଏବଂ ଜେନ-ଜେଡ୍ ଆନ୍ଦୋଳନ ପ୍ରମାଣ କଲା। ଦେଶରେ ଦେଖା ଯାଉଥିବା ଅନ୍ୟାୟ, ଅନୀତି, ଭ୍ରଷ୍ଟାଚାର, ନାରୀ ନିର୍ଯ୍ୟାତନା, ଦାରିଦ୍ର୍ୟତା, ବେକାରୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ସମୟ ଆଜି ଉପନୀତ।

ଅପରପକ୍ଷରେ ଆମସମସ୍ତଙ୍କୁ କେବଳ ଆତ୍ମଚିନ୍ତନ ନକରି ସମାଜ ଓ ରାଜ୍ୟର ପ୍ରଭୂତ ଉନ୍ନତି କଥା ଚିନ୍ତା କରିବାକୁ ପଡ଼ିବ। ଯେଉଁ ପବିତ୍ର କଳିଙ୍ଗ ମାଟି ଦିନେ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା, ଯାହାର ସାଧବ ପୁଅର ବୋଇତ ସାତଦରିଆ ପାରିହୋଇ ଜାଭା, ସୁମାତ୍ରା, ବାଲି ଓ ସିଂହଳ ଇତ୍ୟାଦି ଦେଶରେ ନୌବାଣିଜ୍ୟର ପସରା ମେଲିଦେଇଥିଲା, ସେ ରାଜ୍ୟର ସୁଯୋଗ୍ୟ ସନ୍ତାନ ଭାବରେ ଆମେ କିଭଳି ଆମ ରାଜ୍ୟର ସମୃଦ୍ଧ ଇତିହାସ ଓ ପରମ୍ପରା ପଛରେ ଅନୁଧାବନ କରି ଏହାକୁ ବିକାଶର ଶିଖରରେ ପହଞ୍ଚାଇ ପାରିବା ଏହା ହିଁ ଆମର ପରମ କର୍ତ୍ତବ୍ୟ ହେବା ଉଚିତ। ସବୁଠାରୁ ପ୍ରଣିଧାନଯୋଗ୍ୟ ବିଷୟ ଏହିକି ଯେ ଆମରାଜ୍ୟର ପ୍ରତିଭଦୀପ୍ତ ଶିକ୍ଷିତ ଯୁବକମାନେ ଉଚ୍ଚ କର୍ମସଂସ୍ଥାନ ଏବଂ ଭଲ ସୁଯୋଗ ଉଦ୍ଦେଶ୍ୟରେ ଦେଶବିଦେଶକୁ ଚାଲିଯାଉଛନ୍ତି। ଏହାର ବହୁବିଧ କାରଣ ଅଛି। ଏତଦ୍ୱାରା ଆମ ରାଜ୍ୟର ପ୍ରତିଭା ପଳାୟନ ହେଉଛନ୍ତି ଯାହାକୁ ଇଂରାଜୀରେ 'ବ୍ରେନ୍ ଡ୍ରେନ୍' କୁହାଯାଏ। ତେଣୁ ସେହି ପ୍ରତିଭାଧର, ପ୍ରଜ୍ଞାବନ୍ତ ଓଡ଼ିଆମାନେ ଯିଏ ଯେଉଁଠାରେ ଥିଲେ ମଧ୍ୟ ନିଜ ରାଜ୍ୟ ତଥା ଜାତିର ଉନ୍ନତି ପାଇଁ ନିଜର ଅମୂଲ୍ୟ ଯୋଗଦାନ ଦେବାର ପ୍ରମୁଖ ଆବଶ୍ୟକତା ଅଛି। ଅସୂୟା, ପରଶ୍ରୀକାତରତା ହିଁ ପ୍ରଗତିର ମୁଖ୍ୟ ବାଧକ। ଏକତା ହିଁ ସବୁଠାରୁ ବଡ଼ ବଳ। ତେଣୁ ଆସନ୍ତୁ ସବୁ ଓଡ଼ିଆମାନେ ଏକହୋଇ ଏକ ସମୃଦ୍ଧ, ପ୍ରଗତିଶୀଳ ଏବଂ ବିକଶିତ ଓଡ଼ିଶାର ବିନ୍ଧାଣୀ ସାଜିବା।(ସମାପ୍ତ) ବନ୍ଦେ ଉତ୍କଳ ଜନନୀ।

ପୂର୍ବତନ ମନ୍ତ୍ରୀ, ଓଡ଼ିଶା

# ନିଶାମୁକ୍ତ ଓଡ଼ିଶା: ଆକାଶ କଇଁଆ ଚିଲିକା ମାଛ

**ସରୋଜ କୁମାର ବିଶ୍ୱାଳ**

ଆଧୁନିକ ସମାଜ ବିପର୍ଯ୍ୟୟର ବିବିଧ କାରଣ ମଧ୍ୟରୁ ନିଶା ଅନ୍ୟତମ। ନିଶା ଘର ଉଜାଡୁଛି, ଅକର୍ମଣ୍ୟ କରୁଛି, ଜୀବନ ମଧ୍ୟ ନେଉଛି। କାଶ୍ମୀରରୁ କନ୍ୟାକୁମାରୀ, ଗାଁ ରୁ ସହର ସବୁଠି ମଦ, ଗୁଟଖା, ବିଡ଼ି, ସିଗାରେଟ, ବ୍ରାଉନ ସୁଗର ପରି ମାରାତ୍ମକ ମାଦକ ଦ୍ରବ୍ୟ ଅବାଧରେ କାୟାବିସ୍ତାର କଲାଣି। ନିଶା ପାଇଁ ଯୁବକ ଠୁ ବୃଦ୍ଧ ସମସ୍ତେ ପାଗଳ। ନିଶା ଆଜିର ସମାଜକୁ କଳୁଷିତ କରୁଛି। ଯାହାଫଳରେ ରାଜ୍ୟରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। କଥାରେ ଅଛି 'ମଦ ବିଡ଼ି ନୁହେଁ ଛୋଟିଆ ନିଶା ଜଣା ପଡ଼େ ନାହିଁ ଟାଣେ ପଇସା'। ତେଣୁ ବିକଶିତ ଓଡ଼ିଶା ଗଠନ ରାସ୍ତାରେ ଏହା ଏକ କଣ୍ଟା ସଦୃଶ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ଭାରତରେ ପ୍ରତିବର୍ଷ ହାରାହାରି ୨.୬ ଲକ୍ଷ ଲୋକଙ୍କର ମଦ୍ୟପାନ ଜନିତ ମୃତ୍ୟୁ ଘଟୁଥିବା ବେଳେ ୧୩.୫ ଲକ୍ଷ ଲୋକ ଗୁଟଖା ଖାଇବା ଦ୍ୱାରା ମାରାତ୍ମକ କର୍କଟରେ ମୃତ୍ୟୁବରଣ କରୁଛନ୍ତି। ଏହାଛଡ଼ା ନିଶା ସେବନ ଦ୍ୱାରା ଅନ୍ୟାନ୍ୟ ମାରାତ୍ମକ ରୋଗ ହୋଇଥାଏ। ଏହାକୁ ଆଧାର କରି କେନ୍ଦ୍ର ସରକାରଙ୍କ ପକ୍ଷରୁ 'ନିଶାମୁକ୍ତ ଭାରତ ଅଭିଯାନ' ଅଗଷ୍ଟ ୧୫, ୨୦୨୦ ମସିହାରୁ ଆରମ୍ଭ ହୋଇଛି। ସେହିପରି ଓଡ଼ିଶାକୁ ନିଶାମୁକ୍ତ କରିବାକୁ ନିର୍ବାଚନୀ ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିବା ପରେ ସରକାରଙ୍କ ଦୋମୁଁହା ନୀତି ପଦାରେ ପଡ଼ିଛି।



୨୦୧୩ ରେ ତତ୍କାଳୀନ ଓଡ଼ିଶା ସରକାର ଓଡ଼ିଶାରେ ଗୁଟଖା ପ୍ରସ୍ତୁତି ଓ ବିକ୍ରୟ ଉପରେ ପ୍ରତିବନ୍ଧକ ଲଗାଇଥିଲେ। ମାତ୍ର ତାହା କେବଳ କାଗଜ କଲମରେ ସୀମିତ ଥିଲା। ସେହିପରି ବର୍ତ୍ତମାନ ସରକାର ଜାନୁଆରୀ, ୨୦୨୬ ରେ ଓଡ଼ିଶାରେ ଗୁଟଖା ପ୍ରସ୍ତୁତି, ବିକ୍ରୟ ଓ ଯୋଗାଣ ଉପରେ ସଂପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଥିଲେ। ମାତ୍ର ଫଳ ଯଥା ପୂର୍ବଂ ତଥା ପରଂ। ପରେ ନିକୋଟିନ୍ ମୁକ୍ତ ଗୁଟଖା ବିକ୍ରି କରାଯାଇ ପାରିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ପ୍ରକାଶ ପାଇବା ପରେ ଏବେ ସାରା ଓଡ଼ିଶା ଗୁଟଖା ପ୍ରସ୍ତୁତି କରୁଥିବା କମ୍ପାନୀମାନେ ଗୁଟଖା ଓ ନିକୋଟିନକୁ ଅଲଗା କରି ବିକ୍ରି କରୁଛନ୍ତି। ଗୁଟଖା ପ୍ରସ୍ତୁତ କରୁଥିବା କମ୍ପାନୀମାନେ ନାମୀ ଦାମୀ କଳାକାରମାନଙ୍କୁ ନେଇ ବଡ଼ ବଡ଼ ହୋର୍ଡିଂ ଓ ବିଜ୍ଞାପନ ମାଧ୍ୟମରେ ଯୁବ ପିଢ଼ିଙ୍କୁ ଆକୃଷ୍ଟ କରୁଛନ୍ତି। ଯଦିଓ ସରକାରଙ୍କ ପକ୍ଷରୁ ବେଳେ ବେଳେ ଚଢ଼ାଉ କରାଯାଏ ଛୋଟ ବ୍ୟବସାୟୀମାନଙ୍କଠାରୁ କିଛି ଜୋରିମାନା ଆଦାୟ କରାଯାଉଛି। କିନ୍ତୁ ଏହା ସମାଧାନ ନୁହେଁ।

ଜାତୀୟ ସ୍ୱାସ୍ଥ୍ୟ ସର୍ବେକ୍ଷଣ -୬ର ତଥ୍ୟ ଆଧାରରେ ଓଡ଼ିଶାରେ ପନ୍ଦର ବର୍ଷରୁ ଊର୍ଦ୍ଧ୍ୱ ବୟସର ୨୮.୮% ପୁରୁଷ ଓ ୩.୧% ମହିଳା ମଦ୍ୟପାନ କରୁଛନ୍ତି। ସେହିପରି ରାଜ୍ୟରେ ୪୮.୩% ପୁରୁଷ ଓ ୨୨.୮% ମହିଳା ଗୁଟଖା ସେବନ କରୁଛନ୍ତି। ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ପକ୍ଷରୁ ରାଜ୍ୟରେ ୧୧୬୪ ଟି ମଦ ଦୋକାନ ଲାଇସେନ୍ସ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ୨୯ ହଜାର ଆବେଦନକାରୀ ଫର୍ମ ପକାଇଥିଲା ବେଳେ ସରକାର ଫର୍ମ ଫି' ବାବଦରେ ୮୪୦ କୋଟି ଟଙ୍କାର ରାଜସ୍ୱ ପାଇଥିଲେ, ଯାହାକି ଓଡ଼ିଶା ଅବକାରୀ ଇତିହାସରେ ପ୍ରଥମ। ତେଣୁ ଗୋଟେପଟେ ସରକାର ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇ ମଦ ଦୋକାନ ଲାଇସେନ୍ସ ପ୍ରଦାନ କରିବା ସରକାରଙ୍କ ଦୋ ମୁଁହା ନୀତିକୁ ଦର୍ଶାଉଛି।

ବିହାର, ଗୁଜୁରାଟ, ମିଜୋରାମ ପରି ରାଜ୍ୟରେ ମଦକୁ ନିଷେଧ କରାଯାଇଥିଲା ବେଳେ ଓଡ଼ିଶାରେ କାହିଁକି କରାଯାଉ ନାହିଁ ତାକୁ ନେଇ ଜନସାଧାରଣରେ ଏକ ଗୁଞ୍ଜରଣ ସୃଷ୍ଟି ହୋଇଛି। ଅନେକ ସମୟରେ ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀଙ୍କ ପକ୍ଷରୁ ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ବିଭିନ୍ନ ଆନ୍ଦୋଳନ ଜାରି ରହିଥିଲା ବେଳେ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। ଅବକାରୀ ବିଭାଗରୁ ସରକାର ବହୁମାତ୍ରାରେ ରାଜସ୍ୱ ପାଉଥିବାରୁ ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ଅନିଚ୍ଛା ପ୍ରକାଶ କରୁଥିବାର ଚର୍ଚ୍ଚା ହେଉଛି। କିଛିଦିନ ହେବ ରାଜ୍ୟ ସରକାର ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ପ୍ରତି ବ୍ଲକରେ ନିଶା ବିରୋଧୀ କାର୍ଯ୍ୟକ୍ରମ କରିବା ପାଇଁ ଯୋଜନା କରିଛନ୍ତି। ଏଥିପାଇଁ ୪ କୋଟି ୬୨ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ପ୍ରତି ସ୍କୁଲ ଓ ପଞ୍ଚାୟତରେ ନିଶାମୁକ୍ତ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ କରାଯିବ, ଯାହାକି ଧର୍ମକୁ ଆଖି ଠାର। ଚାଉଳରେ ଗୋଡ଼ି ମିଶାଇ ତା'କୁ ପୁଣି ବାଛିବା ଯାହା, ସରକାରଙ୍କର ନିଶାମୁକ୍ତ ଓଡ଼ିଶା ଗଠନ ଯୋଜନା ଠିକ୍ ସେୟା। ଏପଟେ ଗାଁ ଠୁ ସହର ପର୍ଯ୍ୟନ୍ତ ମଦ ଦୋକାନ ପାଇଁ ଲାଇସେନ୍ସ ପ୍ରଦାନ କରାଯିବ ସେପଟେ ମଦ ନ ପିଇବା ପାଇଁ ସଚେତନତା କରାଯିବ। ସରକାର ଯଦି ବାସ୍ତବରେ ଓଡ଼ିଶାକୁ ନିଶାମୁକ୍ତ କରିବାକୁ ଚାହୁଁଛନ୍ତି ତାହାଲେ ନିଶାକୁ ସଂପୂର୍ଣ୍ଣ ନିଷିଦ୍ଧ ଘୋଷଣା କରନ୍ତୁ। ନହେଲେ 'ନିଶାମୁକ୍ତ ଓଡ଼ିଶା'ର ସ୍ୱପ୍ନ 'ଆକାଶ କଇଁଆ ଚିଲିକା ମାଛ' ପରି ଦିବା ସ୍ୱପ୍ନରେ ରହିଯିବ। ୨୦୩୬ ବେଳକୁ ଓଡ଼ିଶା ବିକଶିତ ଓଡ଼ିଶା ନୁହେଁ ବିନାଶ ଓଡ଼ିଶାରେ ପରିଣତ ହେବ।

ସୋର(ବାଲେଶ୍ୱର)ମୋ: ୬୩୭୨୩୨୧୧୦୪

# ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

**ମାଣ୍ଡିଆ**
Finger Millet or Ragi-
Eleusine coracana

**ପ୍ରକୃତି-ପରିବେଶ**

ମାଣ୍ଡିଆର ମୂଳଜାତ ପରିସର ହେଉଛି ଆଫ୍ରିକାର ଇଥିଓପିଆନ୍ ଉଚ୍ଚଭୂମିରୁ ଆରବୀୟ ଉପଦ୍ୱୀପ। ଏହା ସାଧାରଣତଃ ଭାରତ, ନେପାଳ, ବାଂଲାଦେଶ, ଶ୍ରୀଲଙ୍କା, ପୂର୍ବ ଚୀନ୍, ତାଞ୍ଜାନିଆ, କେନିଆ, ଉଗାଣ୍ଡା, ଉତ୍ତର ଏବଂ କେନ୍ଦ୍ରୀୟ ୟୁରୋପ ଇତ୍ୟାଦି ୨୫ ରୁ ଅଧିକ ଦେଶରେ ଚାଷ କରାଯାଏ। କୁହାଯାଏ ଯେ ପ୍ରାୟ ୪, ୦୦୦ ବର୍ଷ ପୂର୍ବରୁ ଭାରତରେ ଏହାର ପ୍ରବେଶ ହୋଇଥିଲା। ଏହା ସମୁଦ୍ର ପତ୍ତନରୁ ଆରମ୍ଭ କରି ହିମାଳୟର ୨, ୩୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବଢ଼ିଥାଏ।

ମାଣ୍ଡିଆ ବା ରାଗି ଏକ ବାର୍ଷିକ ତୃଣ ଭଳି କ୍ଷୁଦ୍ର କ୍ଷୁପ, ଯାହା ଶୁଷ୍କ ଅଞ୍ଚଳରେ ଶସ୍ୟ ଫସଲ ରୂପେ ବ୍ୟାପକ ଭାବରେ ଚାଷ କରାଯାଏ। ଏହାର କାଣ୍ଡ ଚେପଟା, ଫମ୍ପା ଓ ସିଧା। ପ୍ରାୟ ୦.୫ ରୁ ୧.୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରେ। ନିମ୍ନ ଭାଗରୁ ପ୍ରଚୁର ପରିମାଣରେ ନୂତନ ପାର୍ଶ୍ୱ କାଣ୍ଡମାନ ଉତ୍ପନ୍ନ ହୁଏ। ଏହାସହିତ କ୍ରମାଗତ ଭାବରେ ଗୋଲାକାର ଗଣ୍ଠିରେ ଅନେକ ଶାଖା ବିସ୍ତାରିତ ହୁଏ। ଏହାର ତନ୍ତୁଜ ବା ତନ୍ତୁଯୁକ୍ତ ମୂଳ ଦୃଢ଼ ଭାବରେ ମାଟିରେ ଅବସ୍ଥାପିତ ହୋଇଥାଏ। ପତ୍ରଗୁଡ଼ିକ ପ୍ରାୟତଃ ଉଦ୍ଭିଦର ମୂଳ ଭାଗରୁ ସୃଷ୍ଟି ହୋଇଥାଏ। ପତ୍ର ଡେମ୍ଫ କାଣ୍ଡକୁ ଏକ ଆବରଣ ଭଳି ଗୁଡ଼ାଇ ହୋଇଥାଏ। ପତ୍ରର ବାହ୍ୟ ଧାର ଲୋମଶ। ପତ୍ର-ବ୍ଲେଡ୍‌ଗୁଡ଼ିକ ସଂଯୋଜିତ। ପୁଷ୍ପ ଦଣ୍ଡ ଶୀର୍ଷରେ ପୁଷ୍ପଦଗମ ବହନ କରେ ଯାହା ଏକ ରେସିମ ବା ଅସୀମ ସ୍ତବକ। ଏହା ୨ ରୁ ୮ ଟି ସ୍ପାଇକ ବା ଶୂକୀ କିମ୍ବା ଦାନ୍ତୀ ବହନ କରେ। ସ୍ପାଇକ ଅନେକ ଶାଖା ବହନ କରେ ଯାହାକୁ ସ୍ପାଇକଲେଟ୍ କୁହାଯାଏ। ମଣିଷର ହାତ ପାପୁଲି ଆଙ୍ଗୁଠି ଭଳି ଏହା ବିସ୍ତାରିତ ଥାଏ। ତେଣୁ ଇଂରାଜୀ ଭାଷାରେ ଏହାକୁ ଫିଙ୍ଗର ମିଲେଟ କୁହାଯାଏ।

ପ୍ରତ୍ୟେକଟିରେ ଏକାଧିକ ବିହନ ଥାଏ। ଏହା ଏକ ସ୍ୱୟଂ-ପରାଗକ। ଫଳଟି ଗୋଟିଏ ବିହନ ଯୁକ୍ତ ଏବଂ ଏହାକୁ କ୍ୟାରିଓପସିସ୍ କୁହାଯାଏ। ପ୍ରାୟ ଗୋଲାକାରରୁ କିଛିଟା ଚେପଟା, ମସୃଣ କିମ୍ବା ସାଧାରଣ ଖଦଡ଼ା। ରଙ୍ଗ ଲାଲ-ବାଦାମୀରୁ ପ୍ରାୟଧଳା କିମ୍ବା କଳା। ମାଣ୍ଡିଆ ବିହନ ତିନୋଟି ମୁଖ୍ୟ ଉପାଦାନ ନେଇ ଗଠିତ: ବାହ୍ୟତମ ଟେଷ୍ଟା ସ୍ତର (ବୀଜ ଆବରଣ), ମଧ୍ୟବର୍ତ୍ତୀ ଏଣ୍ଡୋସ୍ପର୍ମ ସ୍ତର ଏବଂ ଅନ୍ତଃତମ ଭ୍ରୁଣ।

ମାଣ୍ଡିଆ ଗ୍ଲୁଟେନ୍-ମୁକ୍ତ (ଏକ ପ୍ରକାରର ପ୍ରୋଟିନ୍ ଯାହାର ଇଲାଷ୍ଟିକ୍ ଗୁଣ ଅଛି)। ଏହା ମଧୁମେହ ପ୍ରତିରୋଧୀ (ଟାଇପ୍ ୨ ମଧୁମେହ), ଡାଇରିଆ ପ୍ରତିରୋଧୀ, ଅଲସର ପ୍ରତିରୋଧୀ, ପ୍ରଦାହ ପ୍ରତିରୋଧୀ। ଏତଦ୍‌ବ୍ୟତୀତ ଏହା ଟ୍ୟୁମୋରିଜେନିକ୍ ପ୍ରଭାବ (କ୍ରନିକ୍ ମାଇଲଏଡ୍ ଲ୍ୟୁକେମିଆ), ଆଥେରୋସ୍କେଲରୋଜେନିକ୍ ପ୍ରଭାବ, ଆଣ୍ଟିମାଇକ୍ରୋବାଇଲ୍ ବା ଅଣୁଜୀବାଣୁ ପ୍ରତିରୋଧୀ ଗୁଣ ଏବଂ ଆଣ୍ଟିଅକ୍ସିଡାଣ୍ଟ ବା ବିଶୋଧକ ଗୁଣ ସମେତ ଅନେକ ସ୍ୱାସ୍ଥ୍ୟ ଲାଭ ଆଣିଥାଏ। ସାଧାରଣତଃ ମାଣ୍ଡିଆକୁ ପେସି ଅଟା ପ୍ରସ୍ତୁତ କରାଯାଏ। ଛୋଟ ଦାନା ହେତୁ ପେଷିବା କଷ୍ଟସାଧ୍ୟ ହୁଏ। ଏଥିରୁ ରୁଟି, ଦୋସା, ଇଡିଲି, ପାମ୍ପଡ, ଲଡୁ ସମେତ ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀ ତିଆରି କରାଯାଏ। ମାଣ୍ଡିଆ ପତ୍ର ଓ କାଣ୍ଡକୁ ପଶୁ ଖାଦ୍ୟ ଭାବରେ ବ୍ୟବହାର କରାଯାଏ। ମିଲେଟ୍ସ ରେସିପି ବୁକ୍ ବା ବହି (ଖାଦ୍ୟ ଓ କୃଷି ସଂଗଠନ, ୨୦୨୩) ରେ ବିଭିନ୍ନ ପ୍ରକାରର ଖାଦ୍ୟ ପାଇଁ ରେସିପି ରହିଛି, ଯେଉଁଥିରେ ମାଣ୍ଡିଆ ସ୍ମୁଦି ବା ତରଳ ପାନୀୟ ଉପଯୋଗୀ ଉପାଦାନ ଏବଂ ମିଠା ତଥା ସ୍ୱାଦିଷ୍ଟ ଖାଦ୍ୟ ଅନ୍ତର୍ଭୁକ୍ତ। ଏହାର ଉଚ୍ଚ ପୁଷ୍ଟିକର ପରିମାଣ, ବିଶେଷକରି ଲୌହ ଓ କ୍ୟାଲସିୟମ୍ ହେତୁ ଏହାକୁ ଶିଶୁ ଖାଦ୍ୟ ପ୍ରସ୍ତୁତ କରିବାରେ ମଧ୍ୟ ବ୍ୟବହାର କରାଯାଏ। କଞ୍ଚା ବିହନ କିମ୍ବା ଅଙ୍କୁରିତ ବିହନରୁ ମାଲ୍ଟିଂ ପ୍ରକ୍ରିୟା ମାଧ୍ୟମରେ ଆଲକହଲ ବା ବିୟର ଭଳି ପାନୀୟ ଉପାଦାନ ପ୍ରସ୍ତୁତ କରାଯାଏ। ମାଲ୍ଟିଂ ରୁ ଗ୍ଲୁଟେନ୍-ମୁକ୍ତ ବିୟର କିମ୍ବା ଶିଶୁମାନଙ୍କ ପାଇଁ ସହଜରେ ପାଚନଯୋଗ୍ୟ ଖାଦ୍ୟ ଉତ୍ପାଦନ କରିହେବ।

ମାଣ୍ଡିଆ ଏକ ପ୍ରତିଶ୍ରୁତିବଦ୍ଧ ଫସଲ, ଯାହା ଖାଦ୍ୟ, ପୁଷ୍ଟିକର ସୁରକ୍ଷା ଏବଂ ସ୍ଥାୟୀ କୃଷି କ୍ଷେତ୍ରରେ ପ୍ରମୁଖ ଆହ୍ୱାନଗୁଡ଼ିକୁ ସମାଧାନ କରିବାର ଅପାର ସମ୍ଭାବନା ରଖିଛି। ଏହାର ସମୃଦ୍ଧ ପୁଷ୍ଟିକରତା, ବିବିଧ ଜୈବିକ କାର୍ଯ୍ୟକଳାପ ଏବଂ ବହୁମୁଖୀ ଶିଳ୍ପ ପ୍ରୟୋଗ ସୁଯୋଗ ହେତୁ ମାଣ୍ଡିଆ କୁପୋଷଣ ମୁକାବିଲା ଏବଂ ମାନବ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମୂଲ୍ୟବାନ ସମ୍ବଳ ଭାବରେ ନିଜକୁ ଉପସ୍ଥାପନ କରେ। ଏହାବ୍ୟତୀତ, ଏହାର ଉଲ୍ଲେଖନୀୟ ଜଳବାୟୁ ସ୍ଥିରତା ଏହାକୁ ଜଳବାୟୁ-ସ୍ମାର୍ଟ କୃଷିର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ କରିଥାଏ। ମାଣ୍ଡିଆ ଅନେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭବିଷ୍ୟତ ସମ୍ଭାବନା ସୃଷ୍ଟି କରିପାରେ।(କ୍ରମଶଃ)

ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଗ୍ଲାସଗୋ ରେସ୍ତୋରାଁରେ ଭାରତର ଭୁଲ୍ ମାନଚିତ୍ର

# ଉତ୍ତର-ପୂର୍ବାଞ୍ଚଳ ର ଥିବାରୁ ଅସନ୍ତୋଷ ପ୍ରକାଶ କଲେ ବକ୍ସର ଲଭଲିନା

ଗ୍ଲାସଗୋ ,୨।୮(ଏଜେନ୍ସି): ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଐତିହାସିକ ସଫଳତା ପରେ ସ୍କଟଲ୍ୟାଣ୍ଡର ଗ୍ଲାସଗୋସ୍ଥିତ ଏକ ଭାରତୀୟ ରେସ୍ତୋରାଁକୁ ନୈଶଭୋଜି ପାଇଁ ଯାଇଥିବା ଭାରତୀୟ ବକ୍ସିଂ ଦଳ ଏକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିଛି। ରେସ୍ତୋରାଁର ନାପକିନ୍ ଏବଂ ବାହାରେ ଲାଗିଥିବା ଭାରତର ମାନଚିତ୍ରରୁ ଉତ୍ତର-ପୂର୍ବାଞ୍ଚଳ (ନର୍ଥ-ଇଷ୍ଟ) ଗାୟବ ଥିବା ଦେଖି ଅଲିମ୍ପିକ୍ସ ପଦକ ବିଜେତା ବକ୍ସର ଲଭଲିନା ବୋରଗୋହାଇନ୍ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଗ୍ଲାସଗୋର ମିଷ୍ଟର ସିଂହସ ଇଣ୍ଡିଆ ରେସ୍ତୋରାଁରେ ଆୟୋଜିତ ଭୋଜି ସମୟରେ ଆସାମର ବକ୍ସର ଲଭଲିନା ଏହି ଭୁଲ୍



ମାନଚିତ୍ର ପ୍ରତି ଧ୍ୟାନ ଆକର୍ଷଣ କରିଥିଲେ। ସେ କହିଥିଲେ ଯେ, "ମାନଚିତ୍ରରୁ ଉତ୍ତର-ପୂର୍ବ ଭାରତକୁ ବାଦ୍ ଦିଆଯିବା ଅତ୍ୟନ୍ତ ଦୁଃଖଦାୟକ। ଉତ୍ତର-ପୂର୍ବରୁ ଆସିଥିବା ଜଣେ ନାଗରିକ ଭାବେ ଏହା ଆମ ମନକୁ ଆଘାତ ଦେଇଛି।' ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍ଆଇ) ର ସଭାପତି ଅଜୟ ସିଂହ ମଧ୍ୟ ଏହି ମାନଚିତ୍ରରେ ଜାମ୍ମୁ-କାଶ୍ମୀରକୁ ସଠିକ୍ ଭାବେ ଦର୍ଶାଯାଇ ନଥିବା ଦର୍ଶାଇଥିଲେ। ବିଏଫ୍ଆଇ ସଭାପତିଙ୍କ ସୂଚନା ଅନୁଯାୟୀ, ରେସ୍ତୋରାଁ ପ୍ରଶାସନ ନିଜର ଏହି ଭୁଲ୍ ସ୍ୱୀକାର କରିବା ସହ ତୁରନ୍ତ ମାନଚିତ୍ର ସଂଶୋଧନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଚଳିତ କମନୱେଲଥ ଗେମ୍ସ ବକ୍ସିଂରେ ଭାରତ ରେକର୍ଡ ୭ଟି ସ୍ୱର୍ଣ୍ଣ ପଦକ ସହ ମୋଟ ୧୦ଟି ପଦକ ଜିତି ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବେଳେ ଏହି ବିଜୟ ଉତ୍ସବ ମାନଚିତ୍ର ବିବାଦ ଯୋଗୁଁ ଚର୍ଚ୍ଚାର ପରିସରକୁ ଆସିଛି।

## ଚୀନ୍‌ରେ ଭାରତୀୟ ସମ୍ପ୍ରଦାୟର ସମସ୍ୟା

# ଚୀନ୍ ସୋସିଆଲ ମିଡିଆରେ ଭାରତ ବିରୋଧୀ ପୋଷ୍ଟ, ଭିସା କଟକଣା ନେଇ ଚିନ୍ତା ପ୍ରକଟ

ନୂଆଦିଲ୍ଲୀ,୨।୮(ଏଜେନ୍ସି): ଚୀନ୍‌ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ବେଜିଂଠାରେ ଆୟୋଜିତ ପ୍ରଥମ ପାରସ୍ପରିକ ଆଲୋଚନା କାର୍ଯ୍ୟକ୍ରମରେ ପ୍ରବାସୀ ଭାରତୀୟମାନେ ଚୀନ୍ ସୋସିଆଲ ମିଡିଆରେ ଭାରତ-ବିରୋଧୀ ପ୍ରଚାର, ହ୍ରାସ ପାଉଥିବା କାର୍ଯ୍ୟ ଭିସା ଏବଂ ନିଯୁକ୍ତି କଟକଣା ନେଇ ନିଜର ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଭାରତୀୟ ରାଷ୍ଟ୍ରଦୂତ ଫ୍ରାନ୍ସିସ ବିକ୍ରମ ଦୋରାଇସ୍ୱାମୀଙ୍କ ସହ ହୋଇଥିବା ଏହି ଆଲୋଚନାରେ ପ୍ରବାସୀମାନେ ଅଭିଯୋଗ କରିଛନ୍ତି ଯେ, ଚୀନ୍ ସୋସିଆଲ ମିଡିଆରେ ଭାରତୀୟ ସଂସ୍କୃତି ଓ ଆହାରକୁ ନେଇ ଅପମାନଜନକ ପୋଷ୍ଟ ବୃଦ୍ଧି ପାଉଛି। ଏହା ସହିତ ସେଠାରେ ରହୁଥିବା ଭାରତୀୟମାନଙ୍କୁ ନୂତନ କାର୍ଯ୍ୟ ଭିସା ମିଳିବାରେ ସମସ୍ୟା ହେଉଛି। ଏହାର ଉତ୍ତରରେ ରାଷ୍ଟ୍ରଦୂତ କହିଛନ୍ତି ଯେ, ଚୀନ୍ ପ୍ରଶାସନ ଏହି ସୋସିଆଲ ମିଡିଆ ପୋଷ୍ଟଗୁଡ଼ିକ ବିଷୟରେ ଜାଣିଛନ୍ତି ଏବଂ ଏହାକୁ ରୋକିବାକୁ ପଦକ୍ଷେପ ନେଉଛନ୍ତି। ଏହାସହ ଭାରତୀୟ ଦୂତାବାସ ପକ୍ଷରୁ ସଠିକ୍ ତଥ୍ୟ ଆଧାରିତ ସୂଚନା ସୋସିଆଲ ମିଡିଆରେ ପ୍ରସାରିତ କରାଯାଉଛି। ଭାରତ ଆସିବାକୁ ଚାହୁଁଥିବା ଚୀନ୍ ନାଗରିକଙ୍କ ପାଇଁ ଭିସା ନିୟମ କୋହଳ କରାଯିବ ଏବଂ ଭାରତୀୟଙ୍କ ଆଇନଗତ ସହାୟତା ପାଇଁ ନୂତନ ବ୍ୟବସ୍ଥା ହେବ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସୁଧାରିବା ପାଇଁ ଉଦ୍ୟମ ଚାଲିଥିବା ବେଳେ ପ୍ରବାସୀ ଭାରତୀୟଙ୍କ ସମସ୍ୟାର ସମାଧାନ ପାଇଁ ଦୂତାବାସର ଏହି ଆଲୋଚନା ଏକ ପ୍ରଶଂସନୀୟ ପଦକ୍ଷେପ।

■ ଅଷ୍ଟ୍ରେଲିଆରେ ୧୫୦ ବର୍ଷ ପରେ ଫେରିଲା ଲାଇବ୍ରେରୀ ବହି

# ଜରିମାନା ହିସାବ କଲେ ହେବ ୧୬ ଲକ୍ଷ ଟଙ୍କା

ମେଲବୋର୍ଣ୍ଣ,୨।୮(ଏଜେନ୍ସି): ଅଷ୍ଟ୍ରେଲିଆର ଏକ ସାର୍ବଜନୀନ ପାଠାଗାରକୁ ପ୍ରାୟ ୧୫୦ ବର୍ଷ ତଳେ ନିଆଯାଇଥିବା ଏକ ବିରଳ ବହି ଫେରସ୍ତ ଆସିଛି। ପାଠାଗାରର ପୁରୁଣା ନିୟମ ଅନୁସାରେ ଏହାର ବିଳମ୍ବ ସୁଧ ବା ଜରିମାନା ପ୍ରାୟ ୧୬ ଲକ୍ଷ ଟଙ୍କା (୨୮,୦୦୦ ଅଷ୍ଟ୍ରେଲିଆନ୍ ଡଲାର) ହେବ। ୧୮୫୮ ମସିହାରେ ପ୍ରକାଶିତ "ଆଣ୍ଟିକ୍ୱିଟିଜ୍ ଅଫ୍ ଆଥେନ୍ସ' ନାମକ ଏହି ପୁସ୍ତକଟି ଅଷ୍ଟ୍ରେଲିଆର କିଆମା ଲାଇବ୍ରେରୀକୁ ଗତ ସପ୍ତାହରେ ଫେରିଛି। ରସ୍ ସିମନ୍ସ ନାମକ ଜଣେ ବ୍ୟକ୍ତି ନିଜର ପୁରୁଣା ଘରର ମରାମତି ବେଳେ ବନ୍ଦ ଥିବା ଏକ ନିଆଁପିଣ୍ଡି (ଫାୟାରପ୍ଲେସ) ଭିତରୁ ଟୀ' ବାକ୍ସରେ ରଖାଯାଇଥିବା ଏହି ବହିଟିକୁ ପାଇଥିଲେ। ତାଙ୍କର ଗ୍ରେଟ୍-ଗ୍ରେଟ୍-ଗ୍ରାଣ୍ଡଫାଦର୍ (ଅତି ଅଜା ଅର୍ଥାତ ଅଣଅଜାଙ୍କ ପିତା ବା ଚତୁର୍ଥ ପିଢିର ପୂର୍ବଜ) ୧୮୭୦ ଦଶକରେ ଏହି ବହିଟିକୁ ଆଣିଥିଲେ ବୋଲି ସେ ଅନୁମାନ କରୁଛନ୍ତି। ୧୮୭୨ରେ ପାଠାଗାର ଆରମ୍ଭ ହେବାର କିଛି ବର୍ଷ ମଧ୍ୟରେ ଏହା ହଜିଯାଇଥିଲା। ବହିରେ ଲେଖାଥିବା ପୁରୁଣା ନିୟମ, ସପ୍ତାହକୁ ୩ ପେନ୍ସ, ଅନୁସାରେ ୧୬ ଲକ୍ଷ ଟଙ୍କାର ଜରିମାନା ହିସାବ କରାଯାଇଛି। ହେଲେ ମଧ୍ୟ ଏହି ଅର୍ଥକୁ ଫେରସ୍ତ ଆଣିଥିବା ବ୍ୟକ୍ତିଙ୍କଠାରୁ ଆଦାୟ କରାଯିବ ନାହିଁ ବୋଲି ନିଷ୍ପତି ଗ୍ରହଣ କରାଯାଇଛି। ପାଠାଗାର କର୍ତ୍ତୃପକ୍ଷ ଏତେ ପୁରୁଣା ବହି ଫେରିପାଇ ବେଶି ଖୁସି ବ୍ୟକ୍ତ କରିଛନ୍ତି। ଉକ୍ତ ବିରଳ ପୁସ୍ତକକୁ ସ୍ଥାନୀୟ ଇତିହାସ ସଂଗ୍ରହରେ ସୁରକ୍ଷିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

## କାବେରୀ ଜଳ ବିବାଦ

# ମେକେଦାଟୁ ପ୍ରକଳ୍ପ ହିଁ ସ୍ଥାୟୀ ସମାଧାନ;ଡିକେ ଶିବକୁମାର

ନୂଆଦିଲ୍ଲୀ,୨।୮(ଏଜେନ୍ସି): କର୍ଣ୍ଣାଟକ ଏବଂ ତାମିଲନାଡୁ ମଧ୍ୟରେ ବହୁ ବର୍ଷରୁ ଚାଲିଆସୁଥିବା କାବେରୀ ନଦୀ ଜଳ ବଣ୍ଟନ ବିବାଦର ସ୍ଥାୟୀ ସମାଧାନ ପାଇଁ ମେକେଦାଟୁ ଡ୍ୟାମ ପ୍ରକଳ୍ପ ଏକମାତ୍ର ପନ୍ଥା ବୋଲି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ପ୍ରକାଶ କରିଛନ୍ତି। କାବେରୀ ଜଳ ବିବାଦ ନେଇ ଆହୂତ ଏକ ସର୍ବଦଳୀୟ ବୈଠକ ପରେ ଗଣମାଧ୍ୟମକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଶିବକୁମାର କହିଛନ୍ତି ଯେ, ସର୍ବୋଚ୍ଚ ଅଦାଲତ ଏବଂ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ପରେ ଏହି ପ୍ରକଳ୍ପକୁ ନେଇ ଆଉ ସମୟ ନଷ୍ଟ କରିବା ଉଚିତ ନୁହେଁ। ଏହା କୌଣସି ଗୋଟିଏ ରାଜ୍ୟର ଲାଭ କିମ୍ବା କ୍ଷତିର ପ୍ରଶ୍ନ ନୁହେଁ। ଦୁଇ ରାଜ୍ୟ ମିଳିମିଶି ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରିବା ଆବଶ୍ୟକ। ପ୍ରକାଶଥାଉ କି, ମେକେଦାଟୁ ପ୍ରକଳ୍ପ ସମ୍ପର୍କିତ କର୍ଣ୍ଣାଟକର ରିପୋର୍ଟ ବିରୋଧରେ ତାମିଲନାଡୁର ଆପତ୍ତିକୁ ସର୍ବୋଚ୍ଚ ଅଦାଲତ ଖାରଜ କରିସାରିଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ତାମିଲନାଡୁର ସମ୍ମତି ଆବଶ୍ୟକ ନାହିଁ ବୋଲି କେନ୍ଦ୍ର ସରକାର ମଧ୍ୟ ସଂସଦରେ ସ୍ପଷ୍ଟ କରିଛନ୍ତି। ବର୍ଷା ଅଭାବ ସମୟରେ ଜଳ ବଣ୍ଟନକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ବଢୁଥିବା ବେଳେ ଶାନ୍ତିପୂର୍ଣ୍ଣ ଆଲୋଚନା ଏବଂ ସହଯୋଗ ମାଧ୍ୟମରେ ପ୍ରକଳ୍ପକୁ ଆଗକୁ ନେବାକୁ କର୍ଣ୍ଣାଟକ ପ୍ରୟାସ ଚଳାଇଛି।

## ବିକାନେରରେ ପାକିସ୍ତାନୀ ଡ୍ରୋନ୍ ଚାଲାଣ ନଷ୍ଟ

# ୫୦ କୋଟିର ହେରୋଇନ୍ ଓ ମାରଣାସ୍ତ୍ର ଜବତ

ବିକାନେର,୨।୮(ଏଜେନ୍ସି): ସ୍ୱାଧୀନତା ଦିବସ ପୂର୍ବରୁ ସୀମାପାର୍ ଆତଙ୍କବାଦୀ ଓ ସ୍ମଗଲରଙ୍କ ବଡ଼ ଷଡ଼ଯନ୍ତ୍ରକୁ ପଣ୍ଡ କରିଛି ରାଜସ୍ଥାନର ବିକାନେର ପୁଲିସ। ପାକିସ୍ତାନରୁ ଡ୍ରୋନ୍ ମାଧ୍ୟମରେ ଖସାଯାଇଥିବା ୫୦ କୋଟି ଟଙ୍କାର ହେରୋଇନ୍ ଏବଂ ଭାରୀ ମାତ୍ରାରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ବିକାନେର ସୀମାନ୍ତ ଅଞ୍ଚଳରେ ପୁଲିସ ଓ ଗୁପ୍ତଚର ସଂସ୍ଥାର ମିଳିତ ଚଢ଼ାଉ କ୍ରମେ ପ୍ରାୟ ୧୦ କିଲୋଗ୍ରାମ ହେରୋଇନ୍, ୧୧ଟି ସ୍ୱୟଂଚାଳିତ ମାରଣାସ୍ତ୍ର (ଅଟୋମେଟିକ୍ ଆର୍ମସ),୨୨ଟି ମ୍ୟାଗାଜିନ୍ ଏବଂ ୧୦୦ରୁ ଅଧିକ ଜୀବନ୍ତ ଗୁଳି ଜବତ ହୋଇଛି। ଏହି ସାମଗ୍ରୀଗୁଡ଼ିକୁ ସଂଗ୍ରହ କରିବାକୁ ଆସିଥିବା ଯୋଧପୁରର ବୀରେନ୍ଦ୍ର ସିଂହ ନାମକ ଜଣେ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି। ସ୍ୱାଧୀନତା ଦିବସ ପୂର୍ବରୁ ଏହି ପୁଲିସ କାର୍ଯ୍ୟାନୁଷ୍ଠାନ କୌଣସି ବଡ଼ ଧରଣର ଆତଙ୍କବାଦୀ ଅପରାଧକୁ ଏଡ଼ାଇ ଦେଇଛି ବୋଲି ବିକାନେର ରେଞ୍ଜ୍ ଆଇଜି ଓମ୍ ପ୍ରକାଶ ପ୍ରକାଶ କରିଛନ୍ତି। ପାକିସ୍ତାନୀ ସ୍ମଗଲିଂ ନେଟୱାର୍କର ଅନ୍ୟ ସଦସ୍ୟମାନଙ୍କୁ ଚିହ୍ନଟ କରିବା ପାଇଁ ସୀମାନ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଏବଂ ତଦନ୍ତ ପ୍ରକ୍ରିୟାକୁ ଅଧିକ କଡ଼ାକଡ଼ି କରାଯାଇଛି।


**AFFIDAVIT**

By virtue of an affidavit no 2475, dtd- 07/04/2026 sworn before Executive Magistrate, Cuttack, I, Bimala Bahadur, W/o- Narayan Bahadur, At- Kazidiha, Po/Ps- Madhupatna, Dist.- Cuttack, hereby declare that my correct name is Bimala Bahadur but in my Aadhar card my name is wrongly mentioned as Bimala Chhetri. That both the names are one and the same person i.e. myself. Henceforth, I shall be known as **Bimala Bahadur** for all purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୁଡ୍ ବାଏ ଗ୍ଲାସ୍‌ଗୋ...

ସହ ୩୯ଟି ପଦକ ଜିତି ଚତୁର୍ଥ ସ୍ଥାନରେ ରହିଛି। କାଣ୍ଟଛାଣ୍ଟରେ ହୋଇଥିବା ଏହି ପ୍ରତିଯୋଗିତା ୧୦ଟି କ୍ରୀଡ଼ା ଶୃଙ୍ଖଳାରେ ଆୟୋଜିତ ହୋଇଥିଲା। ୭୪ଟି ଦେଶରୁ ପ୍ରାୟ ୩,୦୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ପ୍ରତିଯୋଗିତାର ଶେଷ ଦିନରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଉଦ୍‌ଯାପନ ହୋଇଛି। ସ୍କଟଲାଣ୍ଡର ସଂସ୍କୃତି ଓ ଜୀବନଧାରଣକୁ କିଂବଦନ୍ତୀ ସିମ୍ପଲ ମାଇଣ୍ଡସଙ୍କ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ବିଶ୍ୱକୁ ଜଣାଇଥିଲେ। ଏହାସହ ୨୦୩୦ରେ ଭାରତର ଅହମ୍ମଦାବାଦ୍‌ରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆୟୋଜକଙ୍କୁ ରାଜ୍ୟଗୋଷ୍ଠୀ ପତାକା ଓ ବାଟନ ହସ୍ତାନ୍ତର କରାଯାଇଥିଲା। ଏହି ହସ୍ତାନ୍ତର ନୃତ୍ୟ ଓ ସଙ୍ଗୀତର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତର ଗର୍ବର ପ୍ରତୀକ ଜାତୀୟ ସଙ୍ଗୀତ ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାପରେ ସନ୍ତୁର ବାଦକ ରିଷଭ ରିଖିରାମ ଶର୍ମା ଓ ସ୍କଟଲାଣ୍ଡ ପାଇପର ରସ୍ ଆଇନ୍‌ସଲିଏ ବର୍ତ୍ତମାନ ଓ ପରବର୍ତ୍ତୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜକଙ୍କ ମଧ୍ୟରେ ଥିବା ସମ୍ପର୍କକୁ ସୂଚାଇଥିଲେ। କୋରିଓଗ୍ରାଫର ଶିମାକ ଡାଭରଙ୍କ ଟ୍ରୁପ୍‌ରେ ମାନୁଷୀ ଚିଲ୍ଲର ନୃତ୍ୟ ପରିବେଷଣ କରିଥିଲେ। ସଙ୍ଗୀତ ବିଶାରଦ ଶଙ୍କର ମହାଦେବନ ଓ ତାଙ୍କର ଦୁଇପୁତ୍ର ସିଦ୍ଧାର୍ଥ ଓ ଶିବମ ମହାଦେବନଙ୍କ କାର୍ଯ୍ୟକ୍ରମ ଷ୍ଟାଡିୟମ୍‌ରେ ଉନ୍ମାଦନା ଖେଳାଇଦେଇଥିଲା। ଶେଷରେ ୨୦୩୦ର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜକ ଅହମ୍ମଦାବାଦ୍ ମେୟରଙ୍କୁ ପତାକା ଓ ବାଟନ ହସ୍ତାନ୍ତର ସହ ଏହି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଥିଲା।

### ଇରାନ ଅନୁରୋଧରେ...

ଆକ୍ରମଣ କରିବାକୁ କ୍ଷମତା ରଖିଛି।

ଅପରପକ୍ଷରେ, ଇରାନର ବୈଦେଶିକ ମନ୍ତ୍ରୀ ଅବାସ ଆରାଘଚି ଚେତାବନୀ ଦେଇଛନ୍ତି ଯେ ଯଦି ଆମେରିକା କୌଣସି ପ୍ରକାରର ସାମରିକ ଦୁଃସାହସ କରେ, ତେବେ ଇରାନ ଏହାର ଦୃଢ଼ ଓ ଉଚିତ୍ ଜବାବ ଦେବ। ସାଉଦି ଆରବ, ତୁର୍କୀ, ଓ ପାକିସ୍ତାନର ଉଚ୍ଚାଧିକାରୀଙ୍କ ସହ ଆଲୋଚନା କରି ଇରାନ କହିଛି ଯେ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ହେଲେ ସମଗ୍ର ଅଞ୍ଚଳର ତୈଳ ଓ ଗ୍ୟାସ୍ କ୍ଷେତ୍ରଗୁଡ଼ିକ ପ୍ରଭାବିତ ହେବ।

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ ଆମେରିକା ନିଜର ନାଗରିକମାନଙ୍କ ପାଇଁ ଏକ ସୁରକ୍ଷା ପରାମର୍ଶ (ଆଡଭାଇଜରୀ) ଜାରି କରିଛି। ମଧ୍ୟପ୍ରାଚ୍ୟରେ ରହୁଥିବା ଆମେରିକୀୟ ନାଗରିକମାନଙ୍କୁ ସଜାଗ ରହିବା ସହ ଯେକୌଣସି ସମୟରେ ଦେଶ ଛାଡ଼ିବା ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ବାହାରିନ୍, ଇରାକ୍, ଇସ୍ରାଏଲ୍, ଜୋର୍ଡାନ, କୁଏତ, ଲେବାନନ୍, ଓମାନ୍, କାତାର, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସରେ ଥିବା ଆମେରିକୀୟ ଦୂତାବାସଗୁଡ଼ିକ ପକ୍ଷରୁ ଏହି ସୂଚନା ଜାରି କରାଯାଇଛି। ବିମାନ ସେବା ବାତିଲ, ଆକାଶମାର୍ଗ ବନ୍ଦ ଏବଂ ଜରୁରୀ ପରିସ୍ଥିତି ଉପୁଜିବାର ସମ୍ଭାବନା ଥିବାରୁ ନାଗରିକମାନଙ୍କୁ ସତର୍କ ରହିବାକୁ କୁହାଯାଇଛି।

### ବନ୍ୟା ଘା'ରେ...

ରହିବା ସହ ବନ୍ୟା କ୍ଷୟକ୍ଷତିର ରିପୋର୍ଟ ପ୍ରସ୍ତୁତ କରିବାକୁ କହିଛନ୍ତି। ବନ୍ୟା ଜଳ ଛାଡ଼ିବାର ୭୨ ଘଣ୍ଟା ମଧ୍ୟରେ ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକରେ ବନ୍ୟା ପ୍ରଭାବିତଙ୍କ ଦୁର୍ଦ୍ଦଶା ଏବେ ବି ଜାରି ରହିଛି। ପାଞ୍ଚଟି ପଞ୍ଚାୟତ ଏବେ ମଧ୍ୟ ବାହ୍ୟଜଗତରୁ ବିଚ୍ଛିନ୍ନ। ଜଳସ୍ତର କମୁଥିଲେ ମଧ୍ୟ ଗାଁ ଦାଣ୍ଡରେ ପାଣି ଲହରୀ ମାରୁଛି। ଚାରି ଦିନ ଧରି ଜଳଘେରରେ ରହୁଥିବା ଲୋକମାନେ ଅଭିଯୋଗ କରିଛନ୍ତି ଯେ, ନା ସରକାରୀ ଅଧିକାରୀ ପହଞ୍ଚିଛନ୍ତି, ନା ରିଲିଫ ସାମଗ୍ରୀ। ପିଇବା ପାଣି ଓ ଖାଦ୍ୟ ଅଭାବରେ ସେମାନେ ଅତ୍ୟନ୍ତ କଷ୍ଟରେ ଦିନ କାଟୁଛନ୍ତି। କିଛି ବନ୍ୟା ବିପନ୍ନ କହିଛନ୍ତି ଯେ ପୂର୍ବ ସରକାର ସମୟରେ ବନ୍ୟା ହେଲେ ଶୀଘ୍ର ସହାୟତା ପହଞ୍ଚୁଥିଲା, କିନ୍ତୁ ଏଥର ପ୍ରଶାସନର ଉପସ୍ଥିତି ଦେଖିବାକୁ ମିଳୁନାହିଁ।

ସେହିପରି ପଟ୍ଟାମୁଣ୍ଡାଇ ବ୍ଲକରେ ମଧ୍ୟ ପରିସ୍ଥିତି ଚିନ୍ତାଜନକ। ପେଣ୍ଠପାଳ, ଅଳପୁଆ, ତରଡିପାଳ, ଅଣ୍ଡରା ଓ ସିଂହଗାଁ ପଞ୍ଚାୟତର ପ୍ରାୟ ୧୦ ହଜାର ଲୋକ ପାଞ୍ଚ ଦିନ ଧରି ପାଣି ଘେରରେ ରହିଛନ୍ତି। ଘର ଭିତରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମିଥିବାରୁ ଲୋକେ ବାହାରକୁ ବାହାରି ପାରୁନାହାନ୍ତି। ଖାଦ୍ୟ, ପାନୀୟ ଜଳ ଓ ଗୃହପାଳିତ ପଶୁଙ୍କ ଖାଦ୍ୟକୁ ନେଇ ଗୁରୁତର ସମସ୍ୟା ଦେଖାଦେଇଛି। ବନ୍ୟା ସମୟରେ ରିଲିଫ ନ ମିଳିବା ଅଭିଯୋଗ ହୋଇଛି।

ଭଦ୍ରକ ଜିଲ୍ଲାର ବାସୁଦେବପୁରରେ ଲଗାଣ ବର୍ଷା କମିଥିଲେ ମଧ୍ୟ ଜଳବନ୍ଦୀ ସ୍ଥିତିରେ ବିଶେଷ ସୁଧାର ଆସିନାହିଁ। ବରଣ୍ଡୁଆ, ସୁଦର୍ଶନପୁର, ଜଗନ୍ନାଥପୁର, ଜଗନ୍ନାଥପ୍ରସାଦ, ଲୁଙ୍ଗା ଓ ନରସିଂହପୁର ସମେତ ବହୁ ପଞ୍ଚାୟତରେ ଶହ ଶହ ପରିବାର ଏବେ ମଧ୍ୟ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ହଜାର ହଜାର ହେକ୍ଟର ଚାଷଜମି ବନ୍ୟା ପାଣିରେ ବୁଡ଼ି ରହିଥିବାରୁ ଚାଷୀମାନେ ବ୍ୟାପକ କ୍ଷତି ସମ୍ମୁଖୀନ ହୋଇଛନ୍ତି।

ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଓ କୁଜଙ୍ଗ ବ୍ଲକରୁ ମଧ୍ୟ ରିଲିଫ ବଣ୍ଟନକୁ ନେଇ ସାଂଘାତିକ ଅଭିଯୋଗ ଆସିଛି। ମଣିଜଙ୍ଗା, ଗୋପାଳସାହି, କୋଳର, ଲକପଡା, ଗୋପିଆକୁଦ, କୋଟକଣା ଓ ହରିପୁର ଭଳି ଅଞ୍ଚଳରେ ଶହ ଶହ ପରିବାର ପ୍ରଭାବିତ ହୋଇଛନ୍ତି। ପ୍ରଶାସନର ସୂଚନା ଅନୁସାରେ ଜିଲ୍ଲାରେ ୧୭୩୪ ଜଣଙ୍କୁ ଉଦ୍ଧାର କରାଯାଇଛି; ୩୭ କ୍ୱିଣ୍ଟାଲ ଚୁଡ଼ା ଓ ଗୁଡ଼ ବଣ୍ଟନ କରାଯାଇଛି। କିନ୍ତୁ ପାଣି ଘେରରେ ଅଟକି ରହିଥିବା ଅନେକ ପରିବାର କହିଛନ୍ତି ଯେ ସେମାନଙ୍କ ପାଖରେ ନା ଶୁଖିଲା ଖାଦ୍ୟ ପହଞ୍ଚିଛି, ନା ରନ୍ଧା ଖାଦ୍ୟ। ଦୁର୍ଗମ ଅଞ୍ଚଳକୁ ଉଦ୍ଧାର ଓ ରିଲିଫ ଦଳ ପହଞ୍ଚିପାରୁନଥିବାରୁ ସେମାନେ ଭୋକ ଓ ଅନିଶ୍ଚିତତା ମଧ୍ୟରେ ଦିନ କାଟୁଛନ୍ତି।

ବନ୍ୟା ପାଣି ଧୀରେ ଧୀରେ ହ୍ରାସ ପାଉଥିଲେ ମଧ୍ୟ ଏବେ ରାଜ୍ୟ ସାମ୍ନାରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଜଳବନ୍ଦୀ ଅଞ୍ଚଳକୁ ଶୀଘ୍ର ରିଲିଫ, ବିଶୁଦ୍ଧ ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ପହଞ୍ଚାଇବା। ସରକାର କ୍ଷୟକ୍ଷତି ଆକଳନ ଓ ପୁନର୍ବାସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାର ନିର୍ଦ୍ଦେଶ ଦେଇଥିବା ବେଳେ, ଭୂମିସ୍ତରରେ ସେହି ସହାୟତା କେତେ ଶୀଘ୍ର ଓ କେତେ ପ୍ରଭାବଶାଳୀ ଭାବେ ପହଞ୍ଚୁଛି, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ।

### ଉଜୁଡ଼ିଗଲା ଚାଷୀଙ୍କ...

ହୋଇଛି। ତେବେ ଖରସ୍ରୋତା ଓ ବ୍ରାହ୍ମଣୀ ନଦୀର ଚଳିତ ବନ୍ୟାଜଳରେ ରସୁଲପୁର ବ୍ଲକ ଅଞ୍ଚଳ ଚାଷୀ ମାନଙ୍କର ବ୍ୟାପକ କ୍ଷୟକ୍ଷତି ହେଇଥିବା ଦେଖିବାକୁ ମିଳିଛି। ଏହି ବ୍ଲକର ନଦୀକୂଳ ଅଞ୍ଚଳ ପହଙ୍ଗା ପଞ୍ଚାୟତର ବାଘଡିଆଁ, ଗୋପାଳ ପାଟଣା, ଟିକରପଡା ପଞ୍ଚାୟତର କୁଜିବର, ପୋଡ଼ା ଜାଗୁଳେଇ, ଗନ୍ଧଣ ପଞ୍ଚାୟତର ତୁଳସୀପୁର, ମସୁରପୁର, ପାରିକଇଁଚି, ଗନ୍ଧଣ, ଏକତଳା, ବଣ୍ଟରା, ଭୋଟକା, ବିଲିପଡ଼ା ପ୍ରଭୃତି ଫସଲ ଜମି ଗୁଡିକ ନଷ୍ଟ ହେଇଥିବା ଦେଖିବାକୁ ମିଳିଛି। ଏହି ଜମି ଗୁଡିକ ନଦୀ କୂଳରେ ଥିବା ବେଳେ ଶହ ଶହ ଏକର ଜମି ଗୁଡିକରେ ଲାଗିଥିବା ଜହ୍ନି, ପୋଟଳ, କଲରା, କାକୁଡି, ବାଇଗଣ, ଝୁଡ଼ଙ୍ଗ, ଭେଣ୍ଡି, ବୋଇତାଳୁ, ଅମୃତଭଣ୍ଡା କିଆରୀରେ ଏବେବି ନଦୀଜଳ ଲାଗି ରହିଛି। କେତେକ ଫସଲରେ ପାଣି ପଶି ପଚି ନଷ୍ଟ ହେଇଯାଇଥି ବେଳେ କେତେକ ଫସଲ ଜହ୍ଳା ଧରି ଝାଉଁଳିବା ଆରମ୍ଭ କଲାଣି। ଏ ସମ୍ପର୍କରେ ଗନ୍ଧଣ ପଞ୍ଚାୟତ ତୁଳସୀପୁର ଗ୍ରାମର ଚାଷୀ ନିରଞ୍ଜନ ବେହୁରିଆଙ୍କ ମତରେ ଗୁଣ୍ଠରେ ୫୦୦ ଟଙ୍କାର ସାର, ଔଷଧ ଖର୍ଚ୍ଚ କରି ୧୬ ଗୁଣ୍ଠ ଜମିରେ ଲଗେଇଥିବା ଜହ୍ନି, ବାଇଗଣ ଓ କଲରା ଫସଲ ସମ୍ପୂର୍ଣ୍ଣ ଧୋଇରେ ଚାଲିଯାଇଥିବା ବେଳେ ମୂଳଧନ ବୁଡିଗଲା। ସେହିପରି ସେହି ଗ୍ରାମର ଶୁକଦେବ ସାହୁ, ବାବୁଲି ବେହେରା ଥରୁଟିଏ ବାଇଗଣ ତଳି ବିକ୍ରି କରିଥିବା ବେଳେ ବନ୍ୟା ପାଣି ପଶିଗଲା। ନିକଟ ପଞ୍ଚାୟତ ଟିକରପଡା ପଞ୍ଚାୟତ ପୋଡ଼ାଜାଗୁଳେଇ ଗ୍ରାମର ଦୁର୍ଯ୍ୟୋଧନ ମହାନ୍ତି, କୁଜିବର ଗ୍ରାମର ଶତ୍ରୁଘନ ପ୍ରଧାନଙ୍କ କହିବା ଅନୁଯାଇ ତାଙ୍କ ଗ୍ରାମର ୩୦୦ ଚାଷୀ ଏଇ ଫସଲ ଉପରେ ନିର୍ଭରଶୀଳ ଥିବା ବେଳେ ଉକ୍ତ ଗ୍ରାମର ଏକର ଏକର ଫସଲରେ ବନ୍ୟାଜଳ ପଶିବାଯୋଗୁ ପୋଟଳ, କଲରା, ଜହ୍ନି କିଆରୀ ଗୁଡିକ ମୂଳ ପଚି ମରିଯିବାକୁ ବସିଛି। ସେହିପରି ଭୋଟକା ପଞ୍ଚାୟତର ଚାଷୀମାନେ କ୍ଷତିଗ୍ରସ୍ତ ହେଇଥିବା ବେଳେ ଖଣ୍ଡିତର ଗ୍ରାମର ଗୋବିନ୍ଦ ଶତପଥୀଙ୍କ ଏକରରୁ ଅଧିକ ପୋଟଳ, ଅମୃତଭଣ୍ଡା, କଲରା ଫସଲ ଗୁଡିକ ଧୋଇରେ ଚାଲି ଯାଇଛି। ସେହିପରି ବାରବାଟୀ, କଲଣ, ସମନ୍ତରାପୁର, ଅତଲାପୁର ପଞ୍ଚାୟତ ପ୍ରଭୃତିର ଫସଲ ଜମି ଗୁଡିକ ନଷ୍ଟ ହେଇଯାଇଥିବା ଜଣାପଡିଛି। ତେବେ ଏହି ସବୁ ଜମିରୁ ଚାଷୀମାନେ ବର୍ଷ ପାଇଁ ବଞ୍ଚିବାର ଖୋରାକ ପାଉଥିବା ବେଳେ ଆନୁମାନିକ ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ଫସଲ ନଷ୍ଟକୁ ନେଇ ଚାଷୀମାନେ ମାନସିକ ଭାବେ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଛି। ତେଣୁ ନିରାଶ ଚାଷୀମାନଙ୍କୁ କୃଷିବୀମା ସହିତ ସମସ୍ତ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦାବି ରଖିଛନ୍ତି।

### ଓଡ଼ିଶାରେ 'ନିଶାମୁକ୍ତ...

ମାଧ୍ୟମରେ ଦେଖିଥିଲେ। ରାଜ୍ୟପାଳ ଡଃ କମ୍ଭମପାଟି ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଯୁବ - ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶପଥପାଠ କରାଇଥିଲେ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଯୁବପିଢ଼ିକୁ ରାଷ୍ଟ୍ର ନିର୍ମାଣର ପ୍ରମୁଖ କର୍ଣ୍ଣଧାର ଭାବେ ଅଭିହିତ କରି ନିଶାମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦେଇଛନ୍ତି। ରାଜ୍ୟପାଳ କ୍ରୀଡ଼ା, ଫିଟନେସ୍, ଯୋଗ, ସଂସ୍କାର ଓ ସମାଜସେବାକୁ ନିଶାଶକ୍ତର ଶ୍ରେଷ୍ଠ ବିକଳ୍ପ ଭାବେ ବାଛିନେବାକୁ ଯୁବବର୍ଗଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶା ଆଜି ଦେଶର ଏକ ପ୍ରମୁଖ କ୍ରୀଡ଼ା ଆବୋଡ୍ ଭାବେ ଉଭା ହୋଇଥିବା ବେଳେ ଯୁବପିଢ଼ି ନିଶା ପରିବର୍ତ୍ତେ ଖେଳପଡ଼ିଆ ଓ କ୍ଲାସରୁମ୍‌କୁ ଆପଣେଇ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ସେ ଆହ୍ୱାନ ଦେଇଥିଲେ। କେବଳ ସରକାରଙ୍କ ଉଦ୍ୟମ ଦ୍ୱାରା ନିଶାମୁକ୍ତ ସମାଜ ସମ୍ଭବ ନୁହେଁ; ପିତାମାତା, ଶିକ୍ଷକ, ସାମାଜିକ ଅନୁଷ୍ଠାନ ଓ ବିଶେଷ କରି ଯୁବପିଢ଼ି ନିଜେ ଏହି ଆନ୍ଦୋଳନର ବାର୍ତ୍ତାବହ ହୋଇ ବାହାରିଲେ ହିଁ ଏହା ଏକ ଯୁଗାନ୍ତକାରୀ 'ଜନ-ଆନ୍ଦୋଳନ'ରେ ପରିଣତ ହୋଇପାରିବ ବୋଲି ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। ଯୁବବର୍ଗଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଏହି ଅଭିଯାନ କୌଣସି ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଆଗାମୀ ୧୦୦ ସପ୍ତାହ ଅର୍ଥାତ ଦୁଇ ବର୍ଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଚାଲିବାକୁ ଥିବା ଏକ ବ୍ୟାପକ ସାମାଜିକ ଜନ-ଆନ୍ଦୋଳନ ଅଟେ।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ପ୍ରଶଂସା କରି କହିଥିଲେ ଯେ, ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ 'ଜେନ-ଜି' ପିଢ଼ି ଓ ଯୁବଶକ୍ତି ହିଁ ପ୍ରମୁଖ ବିଶ୍ୱକର୍ମା। ନିଶା ଆଜି କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ହୋଇ ରହିନାହିଁ, ବରଂ ଏହା ମାନସିକ ଓ ଶାରୀରିକ ସାମର୍ଥ୍ୟ ହ୍ରାସ କରିବା ସହ ପରିବାରର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଉଛି ଏବଂ ରାଜ୍ୟର ସାମାଜିକ ଓ ଆର୍ଥିକ ବିକାଶରେ ବଡ଼ ପ୍ରତିବନ୍ଧକ ସାଜୁଛି। ରାଜ୍ୟରେ ନିଶାଦ୍ରବ୍ୟର ବେଆଇନ୍ କାରବାର ଓ ସିଣ୍ଡିକେଟ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ପାଇଁ ଓଡ଼ିଶା ସରକାର 'ଶୂନ୍ୟ ସହନଶୀଳତା' ନୀତି ଆପଣାଇଛନ୍ତି। ଓଡ଼ିଶା ପୁଲିସର କଠୋର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତଥ୍ୟ ଦେଇ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ଯେ ଜୁଲାଇ ୨୦୨୪ ରୁ ଜୁନ୍ ୨୦୨୬ ମଧ୍ୟରେ ପୁଲିସ ପ୍ରାୟ ୧,୯୧୧ କୋଟି ଟଙ୍କା ମୂଲ୍ୟର ୬୩,୭୨୦ ଏକର ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରିଛି। ଏହାସହ ୨,୫୭୬ ଟି ମାମଲା ରୁଜୁ କରାଯାଇ ୩,୬୯୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୨,୧୦୬ କୋଟି ଟଙ୍କାର ୪୩୨ ଟନ୍ ଗଞ୍ଜେଇ ଜବତ କରାଯାଇଛି। କେବଳ ଆଇନଗତ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ନିଶାପୀଡ଼ିତଙ୍କ ପୁନରୁଦ୍ଧାର ଓ ପୁନର୍ବାସ ପାଇଁ ଚିକିତ୍ସା କେନ୍ଦ୍ରଗୁଡ଼ିକୁ ମଧ୍ୟ ସୁଦୃଢ଼ କରାଯାଉଛି। କୌଣସି ବି ଅଞ୍ଚଳରେ ସନ୍ଦେହଜନକ ନିଶା କାରବାର ନଜରକୁ ଆସିଲେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଡ୍ରଗ୍ସ ମାଫିଆଙ୍କୁ ସ୍ପଷ୍ଟ ଚେତାବନୀ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯୁବସମାଜକୁ ନିଶା ବିଷ ଦେବାରୁ ନିବୃତ୍ତ ନ ରହିଲେ ବୁଲଡୋଜର ଆକ୍ସନ୍ ଭଳି ଅତ୍ୟନ୍ତ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ରୁହନ୍ତୁ। ଜୀବନ ଅତ୍ୟନ୍ତ ମୂଲ୍ୟବାନ୍ ହୋଇଥିବାରୁ ସମସ୍ତ ଯୁବସାଥୀ 'ଏନଏସଏସ, ମାଇଁ ଭାରତ' ଶପଥ ନେଇ ନିଜକୁ ଏହି ନର୍କରୁ ଦୂରେଇ ରଖିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗୀୟ ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ଯେଦୁଲ୍ଲା ବିଜୟ ଧନ୍ୟବାଦ ଦେଇଥିଲେ।

### ୮ରୁ ପୁଣି...

ବେଳେ ଖରାର ପ୍ରଭାବ ମଧ୍ୟ ଅଧିକ ରହିବା ସହ ଗରମ ଓ ଗୁଳୁଗୁଳି ବୃଦ୍ଧି ପାଇଛି। ଏହି ପିରିସ୍ଥିତିରେ ଅପରାହ୍ଣ ପରେ କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ପାଇଁ ପାଗ ଅନକୂଳ ରହୁଛି। ସୋମବାର କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ଆଶଙ୍କା ରହିଥିବା ବେଳେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋରଧା, ନୟାଗଡ଼, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବର୍ତ୍ତମାନ ବଙ୍ଗଲାଦେଶ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ବାରିପଦାରେ ୪୮ ମିମି ବର୍ଷା ହୋଇଥିବା ବେଳେ ନୟାଗଡ଼ ୨୯ ଓ ଢେଙ୍କାନାଳରେ ୧୭ ମିମି ବର୍ଷା ରେକର୍ଡ ହୋଇଛି। ଏବେ ଦିନରେ ଗରମ ଗୁଳୁଗୁଳି ଅଧିକ ହେଉଥିବା ହେତୁ ଅପରାହ୍ଣ ପରେ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ିର ଅଧିକ ସମ୍ଭାବନା ରହିଛି। ତେଣୁ ବିଭିନ୍ନ ଜିଲ୍ଲା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ବିଜୁଳି ଘଡ଼ଘଡ଼ି ଜନିତ ୟେଲୋ ଆଲର୍ଟ ଜାରି କରାଯାଇଛି।

### ଓଡ଼ିଶାରେ ଖୋଲୁନି...

ଚିହ୍ନଟ, ଟେଣ୍ଡର ପ୍ରକ୍ରିୟା କିମ୍ବା ବିଦ୍ୟୁତ ବଣ୍ଟନ ସଂସ୍ଥାଙ୍କ ସହ ସମନ୍ୱୟ ଭଳି କ୍ଷେତ୍ରରେ ସମସ୍ୟା ଯୋଗୁଁ ଓଡ଼ିଶାରେ କୃଷି କ୍ଷେତ୍ରରେ ସୌର ଶକ୍ତି ବ୍ୟବହାର ବିଶେଷ ଅଗ୍ରଗତି ହୋଇପାରିନାହିଁ। କୃଷି କ୍ଷେତ୍ରରେ ସୋଲାର ଫିଡର ଓ ବିଦ୍ୟୁତ ପ୍ରକଳ୍ପ ସଫଳ ହେଲେ କୃଷକଙ୍କ ବିଦ୍ୟୁତ ଖର୍ଚ୍ଚ କମିବ, ଦିନବେଳେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସମ୍ଭବ ହେବ ଏବଂ ଡିସକମ୍‌ମାନଙ୍କ ଉପରେ ଆର୍ଥିକ ଚାପ ମଧ୍ୟ ହ୍ରାସ ପାଇବ। କିନ୍ତୁ ଓଡ଼ିଶାରେ ଏହି ଦୁଇ ପ୍ରମୁଖ କ୍ଷେତ୍ରରେ ଅଗ୍ରଗତି ନ ହେବାରୁ କୃଷକମାନେ ଏହି ଯୋଜନାର ପୂର୍ଣ୍ଣ ସୁଫଳରୁ ବଞ୍ଚିତ ହୋଇଛନ୍ତି।

### ପୋଖରୀରେ ବୁଡ଼ି...

ଅନ୍ୟ ଶିଶୁଙ୍କ ସୂଚନା ଅନୁଯାୟୀ ସନ୍ଦେହ କରି ଖୋଜାଖୋଜି କରିବା ପରେ ଗାଡ଼ିଆ ମଧ୍ୟରୁ ନୈନାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଙ୍କ ନିକଟକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସିଡିପିଓ ମିନତି ସିଂ ଏବଂ ରାଇବଣିଆ ଥାନା ଆଇଆଇସି ଚମ୍ପାବତୀ ସୋରେନ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଆବଶ୍ୟକ ତଦନ୍ତ ଆରମ୍ଭ କରିଛନ୍ତି। ଶିଶୁଟି ମୁସଲିମ୍ ସମ୍ପ୍ରଦାୟର ହୋଇଥିବାରୁ, ପରିବାର ଲୋକଙ୍କ ଧାର୍ମିକ ରୀତିନୀତି ଅନୁସାରେ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏହି ଦୁଃଖଦ ଘଟଣା ପରେ ସ୍ଥାନୀୟ ବ୍ରହ୍ମାପୁର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।


**AFFIDAVIT**

I, MADDAMCHITTI VISHALI, W/O MADDAMSETTY SRINIVAS RAO resident of At - Sukia Guda, PO - P.R.Peta, PS - Jeypore, Dist - Koraput - 764003, Odisha declare by this Affidavit No. 3122 Dated - 01/08/2026, that now onwards I shall be known as **MADDAMSETTY VISHALI** for all future purposes.

**AFFIDAVIT**

I, Manjubala Pradhan, D/o. Girishchchandra Pradhan, resident of Ward No.10, Lalbazar, Po/Ps-Baripada Town, Dist- Mayurbhanj, Pin-757001, Odisha declare by this affidavit No. 11 dtd. 01.08.2026 that now onwards I shall be known as **MANJUBALA PRADHAN** for all future purposes.

**AFFIDAVIT**

I, PACACITY VENKATESH, S/O P MOHAN RAO resident of At - Bhupati Street, PO/PS - Jeypore, Dist - Koraput - 764001, Odisha declare by this Affidavit No. 3121, Dated - 01/08/2026, that now onwards I shall be known as **P VENKATESH** for all future purposes.

**Affidavit for Minor**

By virtue of an affidavit no- 2907, dtd- 30/07/2026 sworn before Executive Magistrate, Banpur, I, Sushant Kumar Mahapatra, age-45years, S/o- Basant Mahapatra of Address At- Manipur, Po- Khanata, Ps- Banpur, Dist- Khordha, Odisha, Pin- 752030 hereby declare that I have changed my minor Daughter's name from Anjali Mahapatra to Smita Mahapatra. Henceforth, she shall be known as **Smita Mahapatra** for all purposes.

**Sushant Kumar Mahapatra**

**AFFIDAVIT**

I, MADDAMCHITTI SRINIVAS RAO, S/O MADDAMCHITTI VENKATRAMANA resident of At- Sukia Guda, PO - P.R.Peta, PS - Jeypore, Dist - Koraput - 764003, Odisha declare by this Affidavit No. 3123, Dated - 01/08/2026, that now onwards I shall be known as **MADDAMSETTY SRINIVAS RAO** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Pipili A.F. No. 1057, on dated 20.02.2025, I, **RAJESH DAS**, S/o Ajay Das Address AT- Nuahat Bharasapur, PO- Pipili, PS- Pipili, DIST- Puri, Pin - 752104 have changed my minor Son's name from **SAMULA DAS** to **SAMUEL DAS**. Henceforth, he shall be known as **SAMUEL DAS** for all purposes.

**Sd- RAJESH DAS**

**[GOVERNMENT OF ODISHA]** 34001/573/2627

**OFFICE OF THE SUPERINTENDING ENGINEER, BARAGADA (R&B) DIVISION, BARAGADA**

E-mail - eepwdbgh@gmail.com Phone/Fax-06646 – 234819

**INVITATIONS FOR BIDS (I.F.B.)**

**e-Procurement Notice**

**IDENTIFICATION NO.IFB-SE PWD BGH No.06 OF 2026-27**

**No. 3656 Dated.27.07.2026**

1) The **Superintending Engineer, Baragada (R&B) Division, Baragada** on behalf of Governor of Odisha invites **Percentage Rate** bid in **Double Cover System** in **ONLINE MODE** for the **Civil works (Civil+EI+PH) (Composite work)** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No of Civil work: - **01 No.**
3) Cost of Tender Paper: - **Rs.10,000/-**
4) Class of contractor **"B" Class Contractor**
5) Date & Time of available in web site & receipt of Bids: – **11:00 Hrs. of 05.08.2026** to **17:00Hrs. of 17.08.2026.**
6) Date of opening of Technical Bid: - **18.08.2026 at 11:30 Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8) Any corrigendum / Addendum will be displayed in the website https://tendersodisha.gov.in Only

**Superintending Engineer, Baragada (R&B) Division**

**OIPR-34001/34039/1/26-27/0004**

# ବନ୍ୟାଞ୍ଚଳରେ ସ୍ଥିତି ସମୀକ୍ଷା କଲେ ଅତିରିକ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ



**ବାଲେଶ୍ୱର,୨।୮ (ସମିସ)**

ଜିଲ୍ଲାର ବନ୍ୟା ପ୍ରଭାବିତ ବାଲେଶ୍ୱର ସଦର, ରେମୁଣା, ବସ୍ତା ବ୍ଲକ୍ ସହ ବାଲିଆପାଳ ଓ ଭୋଗରାଇ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ। ଦୁଇ ଦିନିଆ ଗସ୍ତରେ ଥିବା ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ବିନୟ କୁମାର ଦାସ ମହାପାତ୍ର ପ୍ରଥମେ ସିଡିଏମ୍‌ଓ ଡା. ଦିଲ୍ଲୀପ କୁମାର ଜେନାଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ପରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ପ୍ରଦୀପ କୁମାର କର ଓ ସଂକ୍ରାମକ ରୋଗ ବିଶେଷଜ୍ଞ ଡା ଅରୂପ ଅଭିଷେକଙ୍କ ସହ ରେମୁଣା, ବାଲେଶ୍ୱର ସଦର, ବସ୍ତା ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବନ୍ୟା ଅଞ୍ଚଳରେ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସମୀକ୍ଷା ସହ ସ୍ୱାସ୍ଥ୍ୟ କେନ୍ଦ୍ରରେ ଝାଡ଼ା ଓ ସାପ କାମୁଡ଼ା ରୋଗୀ ଚିକିତ୍ସା, ପ୍ରସୂତିଙ୍କ ପାଇଁ ବ୍ୟବସ୍ଥା ସମ୍ପର୍କରେ ବୁଝିଥିଲେ। ଏଥିସହ ଆବଶ୍ୟକ ଔଷଧ, ସାଲାଇନ, ଓଆର୍‌ଏସ୍, ହାଲୋଜେନ୍ ବଟିକାର ଷ୍ଟକ୍ ରଖିବାକୁ ପରାମର୍ଶ ଦେଇଥିଲେ। ପରେ ରେମୁଣା ବ୍ଲକ୍‌ର ଦହପଡ଼ା ଓ ସଦର ବ୍ଲକ୍ ନଗ୍ରମ ପଞ୍ଚାୟତ ଫୁଲରକସବାରେ ଚାଲିଥିବା ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କରିବା ସହ ବାସନ୍ତୀ ସିନ୍ଧିଆ ସେକ୍ଟର ସ୍ୱାସ୍ଥ୍ୟ ସମୀକ୍ଷା ବୈଠକରେ ବନ୍ୟାଞ୍ଚଳ ସ୍ୱାସ୍ଥ୍ୟ ସେବାର ସମୀକ୍ଷା କରିଥିଲେ। ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ପ୍ରକାର ପ୍ରଦାନ କରୁଥିବା ସ୍ୱାସ୍ଥ୍ୟସେବାର ଅନୁଧ୍ୟାନ କରିଥିଲେ। ପରେ ଭୋଗରାଇ ବ୍ଲକ୍ ପ୍ରବଳ ବର୍ଷା ଯୋଗୁଁ ଜଳବନ୍ଦୀ ଦହମୁଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ଓ ବାରବାଟିଆ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କରି ସମୀକ୍ଷା କରିବା ସହ ଜଳବାହିତ ରୋଗକୁ ନିୟନ୍ତ୍ରଣ ପାଇଁ ବିଶୁଦ୍ଧ ପିଇବା ପାଣି, ପରିଚ୍ଛନ୍ନତା ପାଇଁ ସଚେତନା ସୃଷ୍ଟି, ଜଳ ବିଶୋଧନ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହ ସମନ୍ୱୟ ରକ୍ଷାକରି ପର୍ଯ୍ୟାପ୍ତ ଔଷଧ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ମହଜୁଦ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡା କମଳାକାନ୍ତ ଜେନା, ଦହମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡା ସଲିମ ମେହେର, ଡା. ଲଲାଟେନ୍ଦୁ ଦାସ, ଫାର୍ମାସୀ ଅଫିସର ପ୍ରଣବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ୟା ପ୍ରଭାବିତଙ୍କୁ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଲେ ପୂର୍ବତନ ମନ୍ତ୍ରୀ

**ସିମୁଳିଆ,୨।୮ (ସମିସ):** ଦୁଇଟି ବ୍ଲକର ବନ୍ୟା ପ୍ରଭାବିତ ଚାଷୀମାନଙ୍କୁ ତୁରନ୍ତ ସହାୟତା ଓ କ୍ଷତିପୂରଣ ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱମନ୍ତ୍ରୀଙ୍କୁ ସିମୁଳିଆ, ଖଇରା ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଦାବି ଜଣାଇଛନ୍ତି।

ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀର ଦୁଇଟି ବ୍ଲକ୍ ସିମୁଳିଆ ଓ ଖଇରା ଅଞ୍ଚଳର ବେଦପୁର, ବାଟି, ଜାମୁଝାଡ଼ି, କ୍ଷୀରକୋଣା, ଚାଲୁଣୀ ଗାଁ, ପାହିତୋରଣା, ଅଣ୍ଡରାଇ, କାଞ୍ଚପଡା, ଅଡ଼ା, ସବଙ୍ଗ, ଝିଙ୍କିରିଆ, ସାରଡାଙ୍ଗ, ଗୋଳିହା, କୁରୁଣ୍ଡା ତଥା ଅନ୍ୟାନ୍ୟ ପଞ୍ଚାୟତ ବ୍ୟାପକ କ୍ଷୟକ୍ଷତି ହୋଇଛି। ହଜାର ହଜାର ଚାଷଜମି ଜଳମଗ୍ନ ହୋଇ ଧାନ ତଳି, ବୁଣା ଯାଇଥିବା ଧାନ ଓ ଅନ୍ୟାନ୍ୟ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଛି। ଆଗକୁ ପରିବାର ପୋଷିବା ନିମନ୍ତେ ଚାଷୀଙ୍କ ମୁଣ୍ଡରେ ହାତଦେଇ ବସିଛନ୍ତି। ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଭେଟି ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ଶ୍ରୀ ପାଣିଗ୍ରାହୀ ବାଟି, ବେଦପୁର ଅଞ୍ଚଳକୁ ବନ୍ୟା ଅଞ୍ଚଳକୁ ପରିଦର୍ଶନରେ ଯାଇ ବିପନ୍ନଙ୍କୁ ଭେଟିଥିଲେ। ଅନୁଧ୍ୟାନ ପରେ ଦାବିପତ୍ରରେ ବନ୍ୟା ପ୍ରଭାବିତ ଚାଷୀମାନଙ୍କୁ ତୁରନ୍ତ ସମ୍ପୂର୍ଣ୍ଣ ବିନା ମୂଲ୍ୟରେ ବିହନ ଓ ସାର ଯୋଗାଇଦେବା, କ୍ଷତିଗ୍ରସ୍ତ ଚାଷ ଜମିର ସଠିକ ସର୍ଭେ କରାଯାଇ ସମସ୍ତ ଯୋଗ୍ୟ ଚାଷୀଙ୍କୁ ଇନପୁଟ ସବ୍‌ସିଡ୍ ପ୍ରଦାନ, ଯଥାଶୀଘ୍ର କ୍ଷତିଗ୍ରସ୍ତ ରାସ୍ତାଘାଟ ମରାମତି, ଗ୍ରାମ୍ୟ ଯୋଗାଯୋଗ ବ୍ୟବସ୍ଥା ସୁଧାରିବା ନିମନ୍ତେ ଆବଶ୍ୟକ ଅର୍ଥ ମଞ୍ଜୁର ଆଦି ଦାବି ଚାଷୀଙ୍କ ଦୁର୍ଦ୍ଦଶାକୁ ଆଖି ଆଗରେ ରଖି ଉପସ୍ଥାପନ କରାଯାଇଛି। ଦାବି ପୂରଣ କରା ନ ଗଲେ ବାଧ ହୋଇ ବିଜୁ ଜନତା ଦଳ ଗଣତାନ୍ତ୍ରିକ ଉପାୟରେ ଆଗାମୀ ଦିନରେ ଧାରଣା ଓ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।



# କ୍ଷତିଗ୍ରସ୍ତ ପଞ୍ଚାୟତରେ ପଲିଥିନ୍ ଓ ଶୁଖିଲା ଖାଦ୍ୟ ବଣ୍ଟନ



**ବାଲେଶ୍ୱର,୨।୮ (ସମିସ):** ସଦର ନିର୍ବାଚନ ମଣ୍ଡଳୀର ବନ୍ୟାପ୍ରବଣ ଘେରରେ ଥିବା ବିଭିନ୍ନ ପଞ୍ଚାୟତର ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି। ଏ ନେଇ ଦେବଦୀପ ଫାଉଣ୍ଡେସନ ପକ୍ଷରୁ ଗ୍ରାମବାସୀଙ୍କୁ ଭେଟି ସେମାନଙ୍କର ବିଭିନ୍ନ ଦୁଃଖସୁଖ ଓ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ପ୍ରଭାବିତ ହୋଇ ବାସହୀନ ତଥା ଅସହାୟ ହୋଇପଡ଼ିଥିବା ପରିବାରଗୁଡ଼ିକୁ ମୁଣ୍ଡ ଗୁଞ୍ଜିବା ଏବଂ ସୁରକ୍ଷା ଯୋଗାଇଦେବା ପାଇଁ ଫାଉଣ୍ଡେସନ ପକ୍ଷରୁ ତୁରନ୍ତ ପଲିଥିନ ବଣ୍ଟନ କରାଯାଇଛି। ସଦର ବ୍ଲକର ବଇଁଚା, ସିନ୍ଧିଆ, ଗୋପିନାଥପୁର, ପରିଖି, ଓଲୋନ୍ଦା, ସାରଗାଁ, ରାଇସୁଆଁ, ହଳଦୀପଦା, ଶ୍ରୀରାମପୁର, ରସଲପୁର, କୁରାଢିଆ, ଛାନୁଆ, ବାହାବଳପୁର ଏବଂ ଦୁବୁଲାଗଡ଼ି ପ୍ରଭୃତି ପଞ୍ଚାୟତର ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ଏହି ସହାୟତା ପ୍ରଦାନ କରାଯାଇ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଫାଉଣ୍ଡେସନର ସଭାପତି ଧିରେନ ନାୟକଙ୍କ ନେତୃତ୍ୱରେ ଏହି ରିଲିଫ ଅଭିଯାନରେ ବିଭୁଦତ୍ତ ପରିଡ଼ା, ସୌଭାଗ୍ୟ ଖୁଣ୍ଟିଆ, ତପନ କୁମାର ଦାସ, ବିକାଶ ବେହେରା, ସଂଜୀବ ହାଇତ, ମଳୟ ରଂଜନ ବିଶ୍ୱାଳ ଓ ପ୍ରଶାନ୍ତ ଘୋଷ ପ୍ରମୁଖ ସାମିଲ ରହି ସହଯୋଗ କରିଥିଲେ।

# ଜମି ବିବାଦକୁ ନେଇ ଦୁଇ ଗୋଷ୍ଠୀ ଗଣ୍ଡଗୋଳ

**କାଳିପଦା,୨।୮ (ସମିସ):** ନିଜ ପୈତୃକ ଜମିରେ ଧାନ ତଳି ରୁଆ କାର୍ଯ୍ୟ କରୁଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ହୋଇଛି। ଗୋଟିଏ ପକ୍ଷ ସଂଘବଦ୍ଧ ଆକ୍ରମଣ କରିବା ସହ ଅନ୍ୟ ପକ୍ଷର ରୁଆ ଧାନକୁ ଉପାଡ଼ି ଫିଙ୍ଗି ଦେଇଛନ୍ତି। ସେମାନେ ନ୍ୟାୟ ପାଇଁ ଥାନାରେ ଲିଖିତ ଅଭିଯୋଗ କରିବା ସହ ଅପର ପକ୍ଷ ର ଅଭିଯୁକ୍ତ ବ୍ୟକ୍ତି ମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି। ସୂଚନାରୁ ପ୍ରକାଶ ବାଲିଆପାଳ ଥାନା ବାଲିକୁଟୀ ଗ୍ରାମର ବଟକୃଷ୍ଣ ସାହୁ, ଉତ୍ତମ ସାହୁ ଓ ଲକ୍ଷ୍ମୀ ପ୍ରିୟା ସାହୁ ନିଜ ପୈତୃକ ଜମିରେ ଧାନ ତଳି ରୋଇବା କାମ କରୁଥିବା ସମୟରେ ଗ୍ରାମର ଶିବ ପ୍ରସାଦ ଦଳେଇ, ତାଙ୍କ ସ୍ତ୍ରୀ ଫଗୁଡି ଦଳେଇ, ମଣ୍ଟୁ ଦଳେଇ ଏବଂ ଅନ୍ୟ କିଛି ମହିଳା ସେଠାରେ ପହଞ୍ଚିଥିଲେ। ସେମାନେ ଧାନ ବିଲରେ ଲଗାଯାଇଥିବା ରୁଆକୁ ପ୍ରଥମେ ଉପାଡ଼ି ଫିଙ୍ଗି ଦେବା ସହ ନିଜ ଗୋଡରେ ମାଡ଼ିମକଚି ରୁଆ ହୋଇଥିବା ସମସ୍ତ ଧାନ ତଳିକୁ ଘାଣ୍ଟି ଦେବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକାଇ ପିଟାମରା ଆରମ୍ଭ କରିଥିଲେ। ତେବେ ଏପରି ମାଡ଼ ଗାଳି ଶୁଣି ଗ୍ରାମରୁ କିଛି ଲୋକ ଘଟଣାସ୍ଥଳରେ ପହଞ୍ଚିବାରୁ ଆକ୍ରମଣକାରୀ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ତେବେ ଗଲାବେଳେ ମିଛ ଏସି ଏସଟି କେସ୍ କରି ଜୀବନ ସାରା ଜେଲ୍ ପଠାଇବା ଧମକ୍ ଦେଇଥିବାର ଲିଖିତ ଅଭିଯୋଗ ହୋଇଛି। ତେବେ ଗତବର୍ଷ ଏହି ଜମି ବିବାଦ ହୋଇଥିବା ବେଳେ ମାନ୍ୟବର ହାଇକୋର୍ଟଙ୍କ ସ୍ଥିତାବସ୍ଥା ପରେ ଚଳିତ ବର୍ଷ ଜମି ମାଲିକ ବଟକୃଷ୍ଣ ସାହୁ ଜମିରେ ଚାଷକାର୍ଯ୍ୟ କରିଥିବା ବେଳେ ମାମଲା ଏବେ ହାଇକୋର୍ଟରେ ବିଚାରାଧୀନ ରହିଛି। ତେବେ ମାମଲା ନ୍ୟାୟାଳୟରେ ବିଚାର ଧିନ ଥିବା ତଥା ସ୍ଥିତାବସ୍ଥା ରହିଥିବା ବେଳେ ଅପର ପକ୍ଷରୁ ଏମିତି ଦବଙ୍ଗଗିରି କରିବାକୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଆକ୍ରମଣ କାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ପୁଲିସ ତଦନ୍ତ ପରେ ଯାହା କିଛି ପଦକ୍ଷେପ ନେବ ବୋଲି କହିଛି।




# ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଶିବିର



**ବାଲେଶ୍ୱର,୨।୮ (ସମିସ):** ଏ ବର୍ଷର ପ୍ରଳୟଙ୍କରୀ ବନ୍ୟାରେ ବାଲେଶ୍ୱରର ବନ୍ୟା ପ୍ରଭାବିତ ଅଞ୍ଚଳରେ ଯୁବ ବିକାଶ ସଂଗଠନ ତରଫରୁ ଗାଁ ଗାଁରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଉଛି। ଡା. ମନୋଜ କୁମାର ବାରିକଙ୍କ ନେତୃତ୍ୱରେ ଡା. ଅନୁପ ଧଡ଼ା, ଡା. ଅଂଶୁମାନ ଜେନା, ଡା. ରାଜେନ୍ଦ୍ର ଲାଗୁଡ଼ି ଛାନୁଆ ପଞ୍ଚାୟତର ସାନଗୋବରା, ବାମପଦା, ଭଦ୍ରାସିଆ, ବାହାବଳପୁର ପଞ୍ଚାୟତର ବଗଦା ଗାଁରେ ଶତାଧିକ ଲୋକଙ୍କ ଘରେ ଘରେ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମେଡ଼ିସିନ୍ ଯୋଗାଇ ଦେଇଥିଲେ। ଦିନ ଦିନ ଧରି ଜଳ ଘେରି ଅଞ୍ଚଳରେ ଥିବା ରକ୍ତ ଚାପ ରୋଗୀ ଓ ବରିଷ୍ଠ ନାଗରିକମାନେ ସ୍ୱାସ୍ଥ୍ୟ ସେବା ପାଇ ଆଶ୍ୱସ୍ତ ଅନୁଭବ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ବିକାଶର ଗୋବିନ୍ଦ ଦଳାଇ, ଭାଗ୍ୟଲକ୍ଷ୍ମୀ ରାଉତ, ସୁବାସ ଖୁଣ୍ଟିଆ, ଜଗଦୀଶ ପରିଡ଼ା, ଅସିତ ଦଳାଇ, ଚୁମୁକି ମାଝୀ, ମୀନତି ଖୁଣ୍ଟିଆ, ରାଖାଲ ମାଇତି ଓ ଶୁଭେନ୍ଦୁ ବାରିକ ପ୍ରଭୃତି ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକ ସ୍ମୃତିଚାରଣ ସଭା



**ଜଳେଶ୍ୱର ବ୍ଲକ,୨।୮ (ସମିସ):** ଜଳେଶ୍ୱର ବ୍ଲକ୍ ଗୋପୀମୋହନ ପୁର ଛମୌଜ ଅନ୍ତର୍ଗତ ସରସୀଦା ଗ୍ରାମର ସ୍ୱର୍ଗତ ବିନୋଦ ବିହାରୀ ପ୍ରଧାନଙ୍କ ତ୍ରୟୋଦଶ ଦିବସ ଅବସରରେ ସ୍ମୃତିଚାରଣ ସଭା ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ କରାଯାଇଥିଲା। ଏହି ସଭାରେ ସରସୀଦା ଗ୍ରାମର ଗ୍ରାମ ମୁଖ୍ୟ ବିଭୁରେନ୍ଦ୍ର ଦେ ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ବିନୋଦ ବିହାରୀ ପ୍ରଧାନ ଜଣେ ନମ୍ର, ଭଦ୍ର, ଅମାୟିକ ମଣିଷ ଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ତଥା ସମ୍ପାଦକ ସୁଧାଂଶୁ ଶେଖର ପ୍ରଧାନ ମୁଖ୍ୟ ଅତିଥି ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ଡଃ ଅଜିତ କୁମାର ମହାନ୍ତି, ଶାଳିକୋଠା ଗ୍ରାମ ମୁଖ୍ୟ ଗଣେଶ ଚନ୍ଦ୍ର ପରିଡ଼ା, ସହ ସମ୍ପାଦକ ଦେବେନ୍ଦ୍ର ନାଥ ଭୂୟାଁ, ଗୋକୁଳ ଚନ୍ଦ୍ର ପାତ୍ର, ତ୍ରିଲୋଚନ ପ୍ରଧାନ, ସ୍ୱର୍ଗତ ବିନୋଦ ବିହାରୀ ପ୍ରଧାନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଭା ପ୍ରକ୍ରିୟା ରାମଚନ୍ଦ୍ର ସିଂହ, ଗଣେଶ ଚନ୍ଦ୍ର ଗିରି, କିଶୋରୀ ମୋହନ ପାତ୍ର, କବି ପୂର୍ଣ୍ଣ ଚନ୍ଦ୍ର ଓଝା, ଜଳଧର ଭଞ୍ଜ, ଯତୀନ୍ଦ୍ର ନାଥ ଦାସ ସୁରେଶ ଚନ୍ଦ୍ର ଜେନା, ଖୁଲୁଡ଼ା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଞ୍ଜନ କୁମାର ପ୍ରଧାନ, ରବୀନ୍ଦ୍ରନାଥ ଦେ, ପୁତୁରା ରତିକାନ୍ତ ପ୍ରଧାନ, ଏକମାତ୍ର ପୁତ୍ର ଦେବବ୍ରତ ପ୍ରଧାନ, ସହଧର୍ମିଣୀ କମଳିନୀ ପ୍ରଧାନ ସାନ ଭାଇ ଲକ୍ଷ୍ମୀଧର ପ୍ରଧାନ ମଝିଆ ଭାଇ ପ୍ରମୋଦ କୁମାର ପ୍ରଧାନ, ଗୋଲକ ବିହାରୀ ଦେ, କୃଷ୍ଣ ଚନ୍ଦ୍ର ପ୍ରମାଣିତ, ହୃଷୀକେଶ ଭୂୟାଁ, ପରମାନନ୍ଦ ମଲ୍ଲିକ, ହରିଶ ପ୍ରମାଣିକ, ଗୀତାରାଣୀ ଦେ, ମଧୁମିତା ପ୍ରଧାନ, ଓଷାରାଣୀ ପ୍ରଧାନ, ବାନୀବାଳା ପ୍ରଧାନ, ପୁଷ୍ପଲତା ଭୂୟାଁ, କିରଣବାଳା ଦେ, ନମିତା ସାମଲ, ଅନୀତା ପ୍ରଧାନ, ଶଶୀକାନ୍ତ ପ୍ରଧାନ, ବିଜୟ କୁମାର ଜେନା, ମନୋରଞ୍ଜନ ଦତ୍ତ, ଧନ୍ୟବାଦ ଅର୍ପଣ କରିଥିଲେ ଆଦର୍ଶ ଶିକ୍ଷକ ଅଞ୍ଜନ କୁମାର ପ୍ରଧାନ।

# ରୋଟାରୀ କ୍ଲବ୍ ଅଫ୍ ବାଲେଶ୍ୱର ୟୁନିଟ୍ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ଖାଦ୍ୟ ବଣ୍ଟନ




**ବାଲେଶ୍ୱର,୨।୮ (ସମିସ):** ଜିଲ୍ଲାର ବିଭିନ୍ନ ନଦୀରେ ଆସିଥିବା ବନ୍ୟା ପାଣି ଧୀରେ ଧୀରେ କମିବାରେ ଲାଗିଛି। କିନ୍ତୁ ଲୋକଙ୍କ ଦୁର୍ଦ୍ଦଶା ନାଁ ନେଉନାହିଁ। ଅଧିକାଂଶ ଲୋକଙ୍କ ଚୁଲିରେ ଏବେ ବି ପାଣି ଥିବାରୁ ରୋଷେଇ କରିବା କଷ୍ଟକର ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ବନ୍ୟା ପୀଡ଼ିତଙ୍କ ପାଇଁ ରୋଟାରୀ କ୍ଲବ୍ ଅଫ୍ ବାଲେଶ୍ୱର ୟୁନିଟ୍ ପକ୍ଷରୁ ଜାରି ରହିଛି ଶୁଖିଲା ଖାଦ୍ୟ ବଣ୍ଟନ। ବନ୍ୟା ପୀଡ଼ିତଙ୍କ ପାଇଁ ଦେବଦୂତ ସାଜିଛନ୍ତି ରୋଟାରୀ କ୍ଲବ୍ ଅଫ୍ ବାଲେଶ୍ୱର ୟୁନିଟର ଯୋଦ୍ଧା ମାନେ। କ୍ଲବ୍ ପକ୍ଷରୁ ଗତକାଲି ଠାରୁ ଆରମ୍ଭ ହୋଇଥିବା ରିଲିଫ ବଣ୍ଟନ କାର୍ଯ୍ୟ ଆଜି ବି ଜାରି ରହିଛି। ଆଜି ସଦର ବ୍ଲକ୍ ଓଲନ୍ଦା ସାରଗାଁ ପଞ୍ଚାୟତ ଝିଙ୍କିରିୟା, ନାଲ୍ ପୂର୍, ବଡ଼ ଗଗରା, ସାହାର୍ଦ୍ଦା, ଉବରାଇ, ତଳ ସିଂହାରପୁର ଆଦି ଗ୍ରାମର ତିନି ଶହ ପରିବାରକୁ ଶୁଖିଲା ଖାଦ୍ୟ କ୍ଲବ୍ ପକ୍ଷରୁ ପ୍ରଦାନ କରାଯାଇଥିଲା। କ୍ଲବ୍ ସଭାପତି ଅନୁପ ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ କ୍ଲବ୍‌ର କର୍ମକର୍ତ୍ତାମାନେ ପହଞ୍ଚି ବିଭିନ୍ନ ପ୍ରକାର ଶୁଖିଲା ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ସୁମିତ୍ ଭୂୟାଁ, ସମ୍ପାଦକ ସୌମ୍ୟରଞ୍ଜନ ମହାପାତ୍ର, କୋଷାଧ୍ୟକ୍ଷ ଅମିତ୍ ପାଣିଗ୍ରାହୀ, ସଭ୍ୟ ସେଖ୍ ଫୁରକାନ ଅଲ୍ଲି, ଲୋକେଶ ପ୍ରଧାନ, ଅବଦୁଲ ସାଦାବ ଖାନ୍, ମୀର ଅବଦୁଲ ଆହେତେଶାମ, ରଞ୍ଜିତ ପଣ୍ଡା ପ୍ରମୁଖ ରିଲିଫ ବଣ୍ଟନରେ ସହାୟତା କରିଥିଲେ।

## ସର୍ପାଘାତରେ କୃଷକ ଗୁରୁତର

**ଜଳେଶ୍ୱର ବ୍ଲକ୍,୨।୮ (ସମିସ):** ଜଳେଶ୍ୱର ବ୍ଲକ୍ ଅଧୀନ ରାଇବଣିଆ ପଞ୍ଚାୟତର ନଟାବାଡ଼ ଗ୍ରାମର ଭାନୁ ନାୟକ (୬୫) ନାମକ ଜଣେ କୃଷକ ସର୍ପାଘାତରେ ଗୁରୁତର ଆହତ ହୋଇଛନ୍ତି। ଗତ ୩୧ ତାରିଖ ପୂର୍ବାହ୍ନରେ ଭାନୁ ବିଲରେ କାମ କରୁଥିବା ସମୟରେ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ହାତୀଗଡ଼ ହସ୍ପିଟାଲ୍‌କୁ ନେଇଥିଲେ। ପରେ ତାଙ୍କୁ ବାରିପଦା ମେଡିକାଲ୍ ସ୍ଥାନାନ୍ତର କରାଯାଇଥିଲା। ଏବେ ଗୁରୁତର ଅବସ୍ଥାରେ ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



**ବାଲିଆପାଳ,୨।୮ (ସମିସ):** ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଖପରାପଦା କ୍ଷୀରୋଦା ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନି ବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନ ଆଚାର୍ଯ୍ୟା ଅଞ୍ଜନା ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାରେ ଶ୍ରୀରାମପୁର କ୍ଲଷ୍ଟର ସିଆର୍‌ସିସି ପାର୍ଥ ସାରଥୀ ବେହେରା, ଶ୍ରୀରାମପୁର କାଳୀ ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସବିତା ରାଣୀ ସାହୁ ପ୍ରମୁଖ ଅତିଥି ଆର୍‌ପି ଭାବରେ ଯୋଗ ଦେଇ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ଗୁଡିକର ଗୁଣବତ୍ତା ସମ୍ପର୍କରେ କହିଥିଲେ। ଶିଶୁ ବିଦ୍ୟା ମନ୍ଦିର ସମ୍ପାଦକ ଡଃ ସୁକାନ୍ତ କୁମାର ଗିରି ପ୍ରାକ ସୂଚନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମେଳାରେ ପନ୍ଦରରୁ ଅଧିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଗୁରୁମା କୃଷ୍ଣା ସୁର, ବିଦ୍ୟୁତ ପ୍ରଭା ଦେ, ଚିନ୍ମୟୀ କର, ବିଷ୍ଣୁ ପ୍ରିୟା କୁହ୍ଲାରୀ, ନିର୍ମଳ ଧଳ, ରାଜେଶ ଦେ, ଗୋପାଳ କୃଷ୍ଣ ବିଶ୍ୱାଳ, ସ୍ନେହଲତା ଦେ, ଗୁରୁଜୀ ଜଳଧର ଦେ, ରାଜେଶ କୁମାର ଦେ, ସୁକାନ୍ତ କୁମାର ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ କରାଯାଇ ଥିଲା। ଗୁରୁମା ଝୁନାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତାରେ ବାଲି ଠୁଳ ଯୋଗୁଁ ଅସନ୍ତୋଷ



**କାଳିପଦା,୨।୮ (ସମିସ):** ବାଲିଆପାଳ ବ୍ଲକ୍‌ର ମାନ୍ଧାତାପଞ୍ଚୁପାଲି ମୁଖ୍ୟ ରାସ୍ତାର ମହାବଳା ପୋଲ ନିକଟରେ ରାସ୍ତା ଉପରେ ବାଲି ଗଦା କରି ବେପାର ଚାଲିଥିବା ଅଭିଯୋଗ ସାମ୍ନାକୁ ଆସିଛି। ଅଭିଯୋଗ ଅନୁସାରେ ଗୌରାଙ୍ଗ ଭୂୟାଁ ଓରଫ ମିଛୁଆ ଭୂୟାଁ ରାସ୍ତା କଡ଼ରେ ବାଲି ଗଦା କରି ବିକ୍ରି କରୁଛନ୍ତି। ଏହା ଫଳରେ ମୁଖ୍ୟ ରାସ୍ତା ସଂକୀର୍ଣ୍ଣ ହୋଇପଡ଼ିଥିବା ବେଳେ ଯାତାୟାତରେ ସାଧାରଣ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଦୁଇ ଚକିଆ ଓ ଚାରି ଚକିଆ ଯାନ ଚଳାଚଳ ସମୟରେ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଛି। ସ୍ଥାନୀୟ ଲୋକମାନେ ଏହି ସମସ୍ୟାର ତୁରନ୍ତ ସମାଧାନ ସହ ରାସ୍ତା ଉପରୁ ବାଲି ହଟାଇବା ପାଇଁ ପ୍ରଶାସନର ହସ୍ତକ୍ଷେପ ଦାବି କରିଛନ୍ତି।

# ବନ୍ୟା ବିପନ୍ନଙ୍କୁ ସିପିଏମ୍ ପକ୍ଷରୁ ରିଲିଫ ବଣ୍ଟନ

**ଜଳେଶ୍ୱର ବ୍ଲକ୍,୨।୮ (ସମିସ)**

ପ୍ରବଳ ବର୍ଷା ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଇଥିବା ବେଳେ ଜଳେଶ୍ୱର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଶେଷ କରି ଧାନ ତଳି ପଚିଯାଇଥିବା ବେଳେ ପନିପରିବା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଅନେକ ଲୋକ ଘର ଛାଡ଼ି ସ୍କୁଲ ଘରେ ଆଶ୍ରୟ ନେଇଛନ୍ତି। ଆଜକୁ ସାତ ଦିନ ବିତିଯାଇଥିଲେ ମଧ୍ୟ ସରକାର କିମ୍ବା ପ୍ରଶାସନ ବିପନ୍ନ ଲୋକଙ୍କ ନିକଟରେ ପହଞ୍ଚି ପାରିଲା ନାହିଁ କି ଶୁଖିଲା ଖାଦ୍ୟ ବଣ୍ଟନ ହେଲା ନାହିଁ ବୋଲି ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ଅଭିଯୋଗ କରାଯିବା ସହିତ ଦଳ ତରଫରୁ ସୁଗୋ ପଞ୍ଚାୟତ ଅନ୍ତର୍ଗତ ବାଣିଦା ଗ୍ରାମର ବିପନ୍ନ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏହି ଗ୍ରାମର ଶତାଧିକ ଘରେ ବର୍ଷା ପାଣି ପଶିଯିବା ଫଳରେ ସେମାନେ ସ୍କୁଲ ଘରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି। ସରକାର ତୁରନ୍ତ ରିଲିଫ ତଥା ପଲିଥିନ୍ ବଣ୍ଟନ କରନ୍ତୁ ବୋଲି ସିପିଏମ ପକ୍ଷରୁ ଦାବୀ କରାଯାଇଛି। ଏଥି ସହିତ ଦଳ ତରଫରୁ ଏକ ପ୍ରତିନିଧି ଦଳ ବିଭିନ୍ନ ଅଞ୍ଚଳ ପରିଦର୍ଶନ କଲାପରେ କୁହାଯାଇଛି ସମ୍ପ୍ରତିଆ, ସୁଗୋ, ପଶ୍ଚିମ ବାଡ଼, ଗୋପୀ ମୋହନ ପୁର, ରାଜପୁର, ଲକ୍ଷ୍ମଣନାଥ , ଶ୍ରୀରାମପୁର, ଦକ୍ଷିଣ ପ୍ରହରାଜପୁର, ବରଡିହା, କାଳିକ ଆଦି ପଞ୍ଚାୟତର ବହୁ ଗ୍ରାମ ଏବେବି ପାଣି ଘେରରେ ରହିଛି। ସରକାର ତୁରନ୍ତ ରିଲିଫ ଦେବାର ବ୍ୟବସ୍ଥା କରିବା ସହିତ ମାଗଣା ବିହନ ଓ ଚାଷୀଙ୍କର ନଷ୍ଟ ହୋଇଥିବା ଫସଲର କ୍ଷତିପୂରଣ ଦିଅନ୍ତୁ। ଏଥି ସହିତ ଯେଉଁମାନଙ୍କର ଘର ଭାଙ୍ଗି ଯାଇଛି ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦିଅନ୍ତୁ ବୋଲି ସିପିଏମ୍‌ର ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ପାର୍ଟିର ବରିଷ୍ଠ ନେତା ଦିଲ୍ଲୀପ କୁମାର ଗିରି, ଦିପ୍ତିମାନ ଆଚାର୍ଯ୍ୟ, ପଲ୍ଟୁ ଦାସ, ରବିନ୍ଦ୍ର ବାରିକ, ମଦନ ମାହାଲିକ୍, କୁନା ଟୁଡୁ, ଝରଣା ଘଡ଼େଇ, ଶଙ୍କର ମୁର୍ମୁ, କାର୍ତ୍ତିକ ସୋରେନ୍ ଦୃଢ଼ ଦାବି କରିଛନ୍ତି।



# ନୟନଯୋରୀରେ ପଡ଼ି ଫେରିବାଲାଙ୍କ ମୃତ୍ୟୁ

**ସିମୁଳିଆ,୨।୮ (ସମିସ):** ଜଣେ ଫେରିବାଲା ଗାଁକୁ ଫେରି କରିବାକୁ ଯାଇ ନୟନଯୋରୀରେ ପଡ଼ି ମୃତ୍ୟୁବରଣ କରିଥିବା ଜଣାଯାଇଛି। ଦିନ ପ୍ରାୟ ୧୧ଟା ସମୟରେ ଜଣେ ସାଇକଲ ଫେରିବାଲା ସିମୁଳିଆ ଥାନା ଅନ୍ତର୍ଗତ ପାହିତୋରଣା ପଞ୍ଚାୟତ ମଧୁପୁର ଆଦିବାସୀ ପଡ଼ା ନିକଟରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ନୟନଯୋରୀକୁ ଖସି ଯାଇଥିଲେ। ପାଣିରେ ପଡିଯିବା ଦେଖି ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ସିମୁଳିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ମାତ୍ର କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତ ବ୍ୟକ୍ତିଙ୍କ ଫେରି କରୁଥିବା ଜିନିଷ ଜବତ କରିବା ସହ ପଶ୍ଚିମ ବଙ୍ଗ ମୁର୍ସିଦାବାଦ ଜିଲ୍ଲା ରଘୁନାଥପୁର ଗ୍ରାମର ଏସ୍. କେ. ମୋଜିବୁର ରେହମାନ (୨୩) ବୋଲି ଜାଣିବାକୁ ପାଇଛି।

**ବନ୍ୟାରେ ବଡ଼ସାହି ବ୍ଲକରେ ବ୍ୟାପକ କ୍ଷତି**

# ଏବେବି ମାନଗୋବିନ୍ଦପୁର-କୁଞ୍ଜିବଣିଆ ଓ ଜଡ଼ିଦା ଯୋଗାଯୋଗ ବିଚ୍ଛିନ୍ନ





ବଡ଼ସାହି, ୨।୮ (ସମିସ)

**ହଜାର ହଜାର ଏକର ପରିବା ଚାଷ ନଷ୍ଟ**

ବଡ଼ସାହି ବ୍ଲକରେ ବନ୍ୟା ପରିସ୍ଥିତି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ହଜାର ହଜାର ଏକର ଚାଷ ଜମି ସହିତ ଶହଶହ ଏକର ପରିବା ଚାଷ ଉଜୁଡିଯାଇଛି। ଯାହାକୁ ନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ରୁଆ ହୋଇଥିବା କ୍ଷେତରେ ପାଣି ନ କଟି ତାହା ନଷ୍ଟ ହେବାକୁ ବସିଥିବାବେଳେ ତଳି ପଚିଯାଇଛି। ଏହି ବନ୍ୟାରେ ମାନଗୋବିନ୍ଦପୁର, ଶାଳଗାଁ ସବୁଠୁ ଅଧିକ ପ୍ରଭାବିତ ହୋଇଥବାବେଳେ ମାଣତ୍ରୀ, ପଟିସାରୀ ଓ ଭୀମଦାର କିଛି ଅଂଶ ବେଶ ପ୍ରଭାବିତ ହୋଇଛି। ବନ୍ୟା ଏବେ ମଧ୍ୟ ସ୍ୱାଭାବିକ ହୋଇନାହିଁ। ଭୀମଦା ପଟୁ କୁଞ୍ଜବଣିଆ ଗଙ୍ଗାହାର ନଦୀ ଆଡିବନ୍ଧ ୩ଟି ସ୍ଥାନରେ ଭାଙ୍ଗିଥିବାରୁ କୁଞ୍ଜିବଣିଆ ରାସ୍ତା ଉପରେ ପାଣି ଚାଲୁଥିବାରୁ ମାନଗୋବିନ୍ଦପୁର-କୁଞ୍ଜିବଣିଆ ଯୋଗାଯୋଗା ବିଚ୍ଛିନ୍ନ ହୋଇପଡ଼ିଛି। ଏହାର ପ୍ରଭାବରେ ଜଡିଦା ରାସ୍ତା ଉପରେ ମଧ୍ୟ ପାଣି ଥିବା ଜଣାଯାଇଛି।

ସେହିପରି କୁଞ୍ଜିବଣିଆର ୨୦ଟି ପାଖାପାଖି ପରିବାରର ଘର ବିପଦସଙ୍କୁଳ ଅବସ୍ଥାରେ ଥିବା ଓ କିଛି ଭାଙ୍ଗିଯାଇଥିବାରୁ ସେମାନେ ଅଦ୍ୟାବଧି କୁଞ୍ଜିବଣିଆ ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେଇଥିବା ଜଣାଯାଇଛି। ପଞ୍ଚାୟତ ପକ୍ଷରୁ ସେମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଥିବା ମାନଗୋବିନ୍ଦପୁର ସରପଞ୍ଚ କୁନି ସିଂ ପ୍ରକାଶ କରିଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ୱାସ୍ଥ୍ୟ ଓ ଚାଷର କ୍ଷୟକ୍ଷତିକୁ ଗୁରୁତ୍ୱ ଦେଇ ବଡସାହି ତହସିଲଦାର ବିଶ୍ୱନାଥ ବିଶ୍ୱାଳ ପ୍ରଥମେ ଲୋକଙ୍କୁ ନିରାପଦ ପାନୀୟଜଳ ଯୋଗାଇ ଦେବା ପାଇଁ ସମସ୍ତ ଶିକ୍ଷାନୁଷ୍ଠାନ, ଅଙ୍ଗନବାଡି, ହଷ୍ଟେଲ, ବାତ୍ୟା/ବନ୍ୟା ଆଶ୍ରୟସ୍ଥଳ, ସ୍ୱାସ୍ଥ୍ୟକେନ୍ଦ୍ର ଓ ଜନସାଧାରଣ ବ୍ୟବହାର କରୁଥିବା ସମସ୍ତ ଜଳ ଉତ୍ସ ନଳକୂପ, କୂଅ, ପାଇପ ଜଳ ଓ ଓଭରହେଡ ଟାଙ୍କିର ବିଶୋଧନ କରିବା ପାଇଁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ବିଭାଗ ପକ୍ଷରୁ ମଧ୍ୟ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ ଏହି ବିଶୋଧନ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟର କାର୍ଯ୍ୟକାରିତା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ରିପୋର୍ଟ ଓ ଫଟୋଚିତ୍ର ସମ୍ପର୍କରେ ତହସିଲଦାରଙ୍କୁ ଅବଗତ କରିବାକୁ ନିର୍ଦ୍ଦେଶ ରହିଛି। ଅନ୍ୟପକ୍ଷରେ ଶାଳଗାଁ, ମାନଗୋବିନ୍ଦପୁର, ଭୀମଦା ଓ ପଟିସାରୀ ପଞ୍ଚାୟତରେ ଚାଷର କ୍ଷୟକ୍ଷତି ଆକଳନ କରିବା ପାଇଁ ପଞ୍ଚାୟତ ସ୍ତରରେ ଗ୍ରାମ୍ୟ କୃଷି କର୍ମଚାରୀ, କୃଷକ ସାଥୀ, ଆରଆଇ, ଏଆରଆଇ ଓ କୃଷି ଓଭରସିୟରଙ୍କୁ ନେଇ ଏକ ଯୁଗ୍ମ କମିଟି ଗଠନ ହୋଇଥିବାବେଳେ ସେମାନଙ୍କୁ ତଦାରଖ କରିବା ପାଇଁ ଏଏଓ, ଏଏଚଓ, ରେଭିନ୍ୟୁ ସୁପରଭାଇଜର ଓ ବ୍ଲକ ଭେଟନାରୀ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଥିବା ଜଣାଯାଇଛି। ଏଥିସହିତ ତୁରନ୍ତ ଆଡିବନ୍ଧ ମରାମତି ନ ହେଲେ ମାନଗୋବିନ୍ଦପୁର-କୁଞ୍ଜିବଣିଆ ଓ ଜଡିଦା ରାସ୍ତା ଉପରେ ପାଣି କଟିବା ପରି ଜଣାପଡୁ ନ ଥିବାରୁ ଏହାର ମରାମତି ଦାବି ହୋଇଛି।

**● ବନ୍ୟା ପ୍ରଭାବିତ ଅଞ୍ଚଳରେ କ୍ଷୟକ୍ଷତି ଆକଳନ**

# ସ୍ୱଚ୍ଛ ପାନୀୟଜଳ ପାଇଁ ନଳକୂପ, କୂଅ ବିଶୋଧନ



ବଡ଼ସାହି, ୨।୮ (ସମିସ): ବଡ଼ସାହି ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳରେ କ୍ଷୟକ୍ଷତି ଆକଳନ ଜାରି ରହିଛି। ବର୍ଷା ପର ସ୍ଥିତି ଅନୁଧ୍ୟାନ କରି ଲୋକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ବଡ଼ସାହି ତହସିଲଦାର ବିଶ୍ୱନାଥ ବିଶ୍ୱାଳ ବଡସାହିର ବନ୍ୟା ପ୍ରଭାବିତ ଅଞ୍ଚଳର ଅନୁଧ୍ୟାନ କରି କ୍ଷୟକ୍ଷତିର ସଠିକ୍ ଆକଳନ ଜାରି ରଖିଛନ୍ତି। ଏଥିପାଇଁ ରାଜସ୍ୱ, କୃଷି, ଉଦ୍ୟାନ କୃଷି ଓ ପ୍ରାଣୀ ସମ୍ପଦ ବିଭାଗର ଏକ ମିଳିତ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଗ୍ରାମଭିତ୍ତିକ ଯାଞ୍ଚ କରି ଘର, ଫସଲ, ଉଦ୍ୟାନ ଫସଲ ଓ ପଶୁଧନ ସମ୍ପତ୍ତିର କ୍ଷୟକ୍ଷତି ଆକଳନ କରିବେ। ଉକ୍ତ ରିପୋର୍ଟକୁ ସରକାରୀ ନିୟମାନୁସାରେ ପ୍ରସ୍ତୁତ କରି ପ୍ରଦାନ କରିବେ। ଅନୁଧ୍ୟାନକାରୀମାନଙ୍କୁ ସମସ୍ତ ଜନସାଧାରଣ ସଠିକ୍ ସୂଚନା ପ୍ରଦାନ କରିବାରେ ସହଯୋଗ କରିବାକୁ ବଡ଼ସାହି ତହସିଲଦାର ଶ୍ରୀ ବିଶ୍ୱାଳ ଅନୁରୋଧ କରିଛନ୍ତି।

ଏଥିସହିତ ବନ୍ୟା ପରେ ଜଳ ଉତ୍ସର ବିଶୋଧନ ଜାରି ରହିଛି। ଶାଳଗାଁ, ମାଧପୁର ଓ ମାନଗୋବିନ୍ଦପୁର ପଞ୍ଚାୟତର ୨୪୧ଟି ନଳକୂପ ଓ ଅନ୍ୟ ଜଳ ଉତ୍ସର ସଫେଇ କାର୍ଯ୍ୟକ୍ରମ ଜାରି ରହିଛି। ବନ୍ୟା ପାଣିରେ ବୁଡ଼ିଥିବାରୁ ତାହାର ସଠିକ୍ ଭାବେ ବିଶୋଧନ କରାଯାଉଛି। ଆଗକୁ ଆଗରିଆ, ଡୁମୁରିଆ, କୁଞ୍ଜବଣିଆ ଓ ନୁନକିଆ ଆଦି ଅନ୍ୟ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ ହେବ ବୋଲି ସୂଚନା ମିଳିଛି। ବନ୍ୟା କ୍ଷୟକ୍ଷତି ରିପୋର୍ଟ କରି ତୁରନ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ତହସିଲଦାର ଶ୍ରୀ ବିଶ୍ୱାଳ କହିଛନ୍ତି।

**● ଅଗଷ୍ଟ ମାସ ମିଳିତ ଜନଶୁଣାଣି ଶିବିର କାର୍ଯ୍ୟସୂଚୀ**

## ୩୧ରେ ସରଗଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ହେବ ଶିବିର

ବାରିପଦା, ୨।୮ (ସମିସ): ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଅଗଷ୍ଟ ମାସରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନଅଭିଯୋଗ ଶୁଣାଣି ଶିବିର ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଉକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ମାସର ପ୍ରଥମ ସୋମବାର ୩ ତାରିଖରେ ସଦର ଉପଖଣ୍ଡ ବାରିପଦା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷ, ୧୦ ତାରିଖ ଦ୍ୱିତୀୟ ସୋମବାର ବାମନଘାଟି ଉପଖଣ୍ଡ ପାଇଁ ରାଇରଙ୍ଗପୁରସ୍ଥ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ୧୭ ତାରିଖ ତୃତୀୟ ସୋମବାର ପାଞ୍ଚପିଢ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ୨୪ ତାରିଖ ଚତୁର୍ଥ ସୋମବାର କପ୍ତିପଦା ଉପଖଣ୍ଡ ପାଇଁ ଉଦଳାସ୍ଥ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ୩୧ ତାରିଖ ପଞ୍ଚମ ସୋମବାର ସାରସକଣା ନିର୍ବାଚନମଣ୍ଡଳୀର ବିଜାତଳା ବ୍ଲକ ସରଗଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ରାଇରଙ୍ଗପୁର ଉପଖଣ୍ଡ ଅଧିକାରୀଙ୍କୁ ନେଇ ମିଳିତ ଜନଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ଶିଶିର କୁମାର ମୁଦୁଲି କହିଛନ୍ତି। ବାରିପଦାରେ ଅନୁଷ୍ଠିତ ହେବାକୁ ଥିବା ଜନଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲାସ୍ତରୀୟ ଲାଇନ ବିଭାଗ ଅଧିକାରୀ ଓ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓଙ୍କ ଉପସ୍ଥିତିରେ ଓ ଜିଲ୍ଲାର ଅନ୍ୟ ଉପଖଣ୍ଡ ଓ ସରଗଡ଼ା ପଞ୍ଚାୟତରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିରରେ ସମ୍ପୃକ୍ତ ଉପଖଣ୍ଡର ସମସ୍ତ ଉପଖଣ୍ଡସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଅଭିଯୋଗର ଶୁଣାଣି କରାଯିବ।

## ଆଜିଠୁ ପିଆରଏମ୍ ଟିଟିଂ ହସ୍ପିଟାଲରେ ପ୍ରସୂତୀ ଓ ସ୍ତ୍ରୀରୋଗ ବିଭାଗ କାର୍ଯ୍ୟ ଆରମ୍ଭ

ବାରିପଦା, ୨।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାଲିଥିବା ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଜ୍ଞାନ ବିଭାଗ ସୋମବାରଠାରୁ ନୂଆ ଟିଟିଙ୍ଗ ହସ୍ପିଟାଲ, ରଙ୍ଗମାଟିଆରେ କାର୍ଯ୍ୟକାରୀ ହେବ। ଏ ସମ୍ପର୍କରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଏକ ଆଦେଶ ଜାରି କରିଛନ୍ତି। ଆଦେଶରେ ଉଲ୍ଲେଖ ରହିଛି ଯେ, ବିଭାଗ ସ୍ଥାନାନ୍ତର ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ସେବା ଉପଲବ୍ଧ ରହିବ। ତେବେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସେମାନେ ନିଜର ଡାକ୍ତର, ପାରାମେଡିକ୍ସ ଓ ଅନ୍ୟ କର୍ମଚାରୀଙ୍କ ସହିତ ଏହି ବିଭାଗକୁ ପରିଚାଳନା କରିବେ। ଏହି ଆଦେଶର ନକଲ ନୋଟିସ ବୋର୍ଡ, ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ, ହସ୍ପିଟାଲ ମ୍ୟାନେଜର, ରେଜିଷ୍ଟ୍ରାର (ପ୍ରଶାସନ), ଅତିରିକ୍ତ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ, ଷ୍ଟୋର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ, ଡେପ୍ୟୁଟି ଜେନେରାଲ ସୁପରିଣ୍ଟେଣ୍ଡେଣ୍ଟ, ଡିଏଚଏଚ ସୁପରିଣ୍ଟେଣ୍ଡେଣ୍ଟ, ସମସ୍ତ ବିଭାଗୀୟ ମୁଖ୍ୟ, ମୟୂରଭଞ୍ଜର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡିନ ଓ ପ୍ରିନ୍ସିପାଲ, ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ପ୍ରେରଣ କରାଯାଇଛି। ଜୁନ ୮ ତାରିଖରେ ମୁଖ୍ୟମନ୍ତ୍ରୀ ନୂତନ କ୍ୟାମ୍ପସ ଉଦଘାଟନ ପରେ ୧୭ ତାରିଖରେ ସମସ୍ତ ବିଭାଗ ସ୍ଥାନାନ୍ତର ହୋଇଥିଲା। ମାତ୍ର ପ୍ରସୂତୀ ଓ ସ୍ତ୍ରୀରୋଗ ବିଜ୍ଞାନ ସ୍ଥାନାନ୍ତର ହୋଇନଥିଲା।

## ମହିଳା ସୁରକ୍ଷା ଓ ସଶକ୍ତୀକରଣ ସମ୍ପର୍କିତ ଆଲୋଚନାଚକ୍ର




କପ୍ତିପଦା, ୨।୮ (ସମିସ): ନୂଆସାହିସ୍ଥ କପ୍ତିପଦା ଡିଗ୍ରୀ କଲେଜରେ ମହିଳା ସୁରକ୍ଷା ଓ ସଶକ୍ତୀକରଣ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ଲିପିକା ବେହେରାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଛାତ୍ରୀଟିଏ କୌଣସି ସମୟରେ ମାନସିକ ସ୍ତରରେ ନିଜକୁ ଅସହାୟ ନ ମଣୁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ କପ୍ତିପଦା ଥାନା ଭାରପ୍ରାପ୍ତ ଅଧିକାରିଣୀ ମଧୁମିତା ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ, ଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ନିର୍ଯ୍ୟାତିତ ହେଉଛନ୍ତି। ରାସ୍ତାରେ ଅସାମାଜିକ ବ୍ୟକ୍ତିଙ୍କ ଆକ୍ରମଣରେ ଶିକାର ହେଉଛନ୍ତି। ଛାତ୍ରୀମାନଙ୍କର ଶାରିରୀକ ଦକ୍ଷତା ବୃଦ୍ଧି କରିବା ନିମନ୍ତେ ଆତ୍ମରକ୍ଷା କୌଶଳ ଶିଖିଲେ ଶାରୀରିକ ଓ ମାନସିକ ଶିକ୍ଷା ପ୍ରଦାନ କରାଯାଇ ଛାତ୍ରୀମାନଙ୍କୁ ସଶକ୍ତ କରାଯାଇପାରିବ। ତେଣୁ ସରକାରଙ୍କ ପକ୍ଷରୁ ଶକ୍ତିଶ୍ରୀ ଯୋଜନା ଆନୁକୂଲ୍ୟରେ ଛାତ୍ରୀଙ୍କୁ ସଶକ୍ତ କରିବା ପାଇଁ ଯେଉଁ ପ୍ରୟାସ କରାଯାଇଛି, ତାହା ଅଭିନନ୍ଦନୀୟ। ଶକ୍ତିଶ୍ରୀ ସଂଯୋଜିକା ରଞ୍ଜିତା ବିଶ୍ୱାଳ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶକ୍ତିଶ୍ରୀ ସଦସ୍ୟ, ଶକ୍ତିଶ୍ରୀ ସାଥି ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଭାନୁମତି ରାଉତ ଧନ୍ୟବାଦ ଦେଇଥିଲେ।

## ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ବେତନଟୀ ଶାଖା କୋଷାଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବେତନଟୀ, ୨।୮ (ସମିସ): ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ବେତନଟୀ ଶାଖା କୋଷାଧ୍ୟକ୍ଷ ଅଭିରାମ ପାଣି ଅବସର ଗ୍ରହଣ କରିଛନ୍ତି। ଏ



ଅବସରରେ ବେତନଟୀ ଶାଖା ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ଶାଖା ପରିଚାଳକ ସ୍ୱସ୍ତିକ ଜେନା, ସହକାରୀ ଶାଖା ପରିଚାଳକ ଶ୍ରୀମତୀ ସାଗରିକା ପଣ୍ଡା, ବେତନଟୀ ଲ୍ୟାମ୍ପସ୍‌ର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ମାନସୀ ବେହେରା, ବ୍ୟାଙ୍କ ଆସିଷ୍ଟାଣ୍ଟ ରଜତ ରାଉତ, ବ୍ୟାଙ୍କର ଜମା ସଂଗ୍ରହକାରୀ ଏଜେଣ୍ଟ ଯାମିନୀକାନ୍ତ ନାୟକ, ସଞ୍ଜୀବ ବେହେରା, ସତ୍ୟବ୍ରତ ବେହେରା, ସୁମନ୍ତ ବେହେରା, ପ୍ରଭାକର ପୁହାଣ ଓ ଅଫିସ୍ ଆଟେଣ୍ଡାଣ୍ଟ ସତ୍ୟଜିତ ରାଉତ ଉପସ୍ଥିତ ରହି ଶ୍ରୀ ପାଣିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସେମାନେ ଶ୍ରୀ ପାଣିଙ୍କ ସଚ୍ଚୋଟତା, କର୍ମନିଷ୍ଠା, ଦାୟିତ୍ୱବୋଧ ଓ ଗ୍ରାହକସେବା ପ୍ରତି ତାଙ୍କର ଆନ୍ତରିକତାର ପ୍ରଶଂସା କରିଥିଲେ। ଶ୍ରୀ ପାଣିଙ୍କ ଦୀର୍ଘଦିନର ନିଷ୍ଠାପୂର୍ଣ୍ଣ ସେବା ବ୍ୟାଙ୍କର ଗର୍ବ ଓ ନୂତନ ପିଢ଼ିର କର୍ମଚାରୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ନିଜର ପ୍ରତିକ୍ରିୟାରେ ଅଭିରାମ ପାଣି ଦୀର୍ଘ କର୍ମମୟ ଜୀବନରେ ସହଯୋଗ କରିଥିବା ବ୍ୟାଙ୍କ କର୍ତ୍ତୃପକ୍ଷ, ସହକର୍ମୀ ଓ ଗ୍ରାହକଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ।

## ସରସ୍ୱତୀ ଶିଶୁମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା



ରାଇରଙ୍ଗପୁର, ୨।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡସ୍ଥ ରାଇରଙ୍ଗପୁର ସହରରେ ଅବସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଜ୍ଞାନ ବିଜ୍ଞାନରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁ ଭାଇଭଉଣୀ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ଏବିଇଓ ହରିଶ୍ଚନ୍ଦ୍ର ହୋତା ମେଳାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ କେଦାର ନାଥ ବାରିକ ଓ ବିଜ୍ଞାନ ପ୍ରମୁଖ ଦୀପଙ୍କର ବର୍ମା ସହଯୋଗ କରିଥିଲେ। ଜ୍ଞାନ ବିଜ୍ଞାନ ମେଳାରେ ସତନ୍ତ୍ର ବର୍ଗ (୧, ୨ ଶ୍ରେଣୀ)ରେ ୬୮ ଜଣ, କନିଷ୍ଠ ବର୍ଗ (୩ୟ ଶ୍ରେଣୀ)ରେ ୩୩ ଜଣ, ଶିଶୁ ବର୍ଗ (୪, ୫ ଶ୍ରେଣୀ)ରେ ୫୨ ଜଣ, ବାଲ ବର୍ଗ (୬, ୭, ୮ମ ଶ୍ରେଣୀ)ରେ ୨୧ ଜଣ, କିଶୋର ବର୍ଗ (୯, ୧୦ ଶ୍ରେଣୀ)ରେ ୧୮ ଜଣ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମାଣିକପୁର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ରାଜ ଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ରତିକାନ୍ତ ଗିରି ସହଯୋଗ କରିଥିଲେ। ବିଚାରକ ଭାବେ ସୋମେଶ ବାରିକ, ଗୋପବନ୍ଧୁ ରାଜ, କୁଞ୍ଜବିହାରୀ ମହାନ୍ତ, ପରୀକ୍ଷିତ ବାରିକ, ଦାରାସିଂ ମହାନ୍ତ, ଚନ୍ଦ୍ରକାନ୍ତ ମହାନ୍ତ ଯୋଗ ଦେଇଥିଲେ। ବିଦ୍ୟାଳୟର ଗୁରୁମା ବବିତା କୈଳିଆର, ବିଜ୍ଞାନ ପ୍ରମୁଖ ମାନସ ମହାନ୍ତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଗୁରୁଜୀ ଦୀପଙ୍କର ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ହୋ' ସଙ୍ଗୀତର ଅନନ୍ୟ ପୂଜାରୀ ନିତାଇ ପୂର୍ତ୍ତି



ଶରତ/ଯଶିପୁର, ୨।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଯଶିପୁର ବ୍ଲକ ଅନ୍ତର୍ଗତ ଚାକିଡି ପଞ୍ଚାୟତ ଅଧୀନ ନାଉବୁଡାଣି ଗ୍ରାମର ନିତାଇ ପୂର୍ତ୍ତି (୨୬) ହୋ' ସଙ୍ଗୀତକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ସେ ବିଭିନ୍ନ ୟୁଟ୍ୟୁବ ଚ୍ୟାନେଲରେ ୮୦ରୁ ଊର୍ଦ୍ଧ୍ୱ ହୋ ଆଧୁନିକ ଗୀତରେ କଣ୍ଠଦାନ କରି ଚର୍ଚ୍ଚାକୁ ଆସିଛନ୍ତି। ନିତାଇ ରେନଶ ପୂର୍ତ୍ତି ଓ ରଇବାରୀ ପୂର୍ତ୍ତିଙ୍କ ପୁତ୍ର ଅଟନ୍ତି। ତାଙ୍କ ପିତାମାତା ପେଶାରେ ଜଣେ ଚାଷୀ। ନିତାଇ +୩ କଳାରେ ସ୍ନାତକ ଡିଗ୍ରୀ ହାସଲ ପରେ ବର୍ତ୍ତମାନ ଭଦ୍ରକସ୍ଥ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାନୁଷ୍ଠାନରେ ଶେଷ ବର୍ଷର ଛାତ୍ର ଅଟନ୍ତି। ଏହି ଉଦୀୟମାନ ଯୁବ ପ୍ରତିଭା ବିଭିନ୍ନ ଷ୍ଟେଜ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରନ୍ତି। ସେଥିରୁ ମିଳୁଥିବା ପାରିଶ୍ରମିକରେ ସେ ଶିକ୍ଷକତା ପାଠ୍ୟକ୍ରମ ପଢୁଛନ୍ତି ବୋଲି କହିଛନ୍ତି। ସେ ଗାଇଥିବା ଗୀତ ମଧ୍ୟରେ ଦୁଲାଳ ଆମାଃ ନିଦେ ସୀଙ୍ଗ, ଆମ ଦାଆମ ଦିପିଲରେ, ହା'ଟ ତେଲାଙ୍ଗ ସେନ୍‌ଙ୍ଗରେଦ କିରିଙ୍ଗାମା'ଙ୍କ ଶାଳୀ, ସୋମବାରୀ ଓ ସୋମବାରୀ, ପେରଫେକ୍ଟ ସାଙ୍ଗ, ନାମା ଜଓ ଜମନାମା, ଚାଇବାସା ଉପୁରୁମ ଯୁମୁରୁ ପ୍ରଭୃତି ବେଶ ଲୋକାଦୃତ ହୋଇପାରିଛି। ହୋ ସଙ୍ଗୀତକୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ପ୍ରଚାର ଓ ପ୍ରସାର କରିବା ତାଙ୍କର ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି। ତାଙ୍କୁ ସରକାରୀ ଓ ବେସରକାରୀ ସ୍ତରରେ ଉପଯୁକ୍ତ ସୁଯୋଗ ଓ ମଞ୍ଚ ଦିଆଗଲେ ହୋ ସଙ୍ଗୀତକୁ ଅଧିକ ଋଦ୍ଧିମନ୍ତ କରିପାରିବେ ବୋଲି ଆଶା କରାଯାଉଛି।

## ବଡ଼ସାହି ତହସିଲ କାର୍ଯ୍ୟାଳୟରେ ସ୍ୱଚ୍ଛତା ଅଭିଯାନ



ବଡ଼ସାହି, ୨।୮ (ସମିସ): ବଡ଼ସାହି ତହସିଲ କାର୍ଯ୍ୟାଳୟରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ତହସିଲଦାର ବିଶ୍ୱନାଥ ବିଶ୍ୱାଳଙ୍କ ନେତୃତ୍ୱରେ ସ୍ୱଚ୍ଛତା ଡ୍ରାଇଭରେ ସଫେଇ କାର୍ଯ୍ୟକ୍ରମ ହୋଇଛି। ଏଥିରେ କାର୍ଯ୍ୟାଳୟ କର୍ମଚାରୀ ଓ ଅନ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ତହସିଲଦାରଙ୍କ ନେତୃତ୍ୱରେ ସମସ୍ତେ ମିଳିତ ଭାବେ କାର୍ଯ୍ୟାଳୟ ପରିସର ଓ ଆଖପାଖ ଅଞ୍ଚଳକୁ ପରିଷ୍କାର କରିଥିଲେ। ଏହି ଅଭିଯାନ ମାଧ୍ୟମରେ ସ୍ୱଚ୍ଛତା ସଚେତନତା ବୃଦ୍ଧି ପାଇଁ ଗୁରୁତ୍ୱ ଦିଆଯାଇଛି। ସ୍ୱଚ୍ଛତା ଅଭିଯାନରେ ସମସ୍ତଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ତହସିଲଦାର ଶ୍ରୀ ବିଶ୍ୱାଳ ଧନ୍ୟବାଦ ଜଣାଇଛନ୍ତି। ଭବିଷ୍ୟତରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି।

## ମନ୍ଦିର ବେଢ଼ାରେ ପୁରାତନ ଛାତ୍ରଙ୍କ ଚାରା ରୋପଣ



ଖିଚିଂ, ୨।୮ (ସମିସ): ଭଞ୍ଜ ରାଜବଂଶର ଆରାଧ୍ୟ ଦେବୀ ମା' କିଚକେଶ୍ୱରୀଙ୍କ ମନ୍ଦିରର ପୂର୍ବ ଦିଗରେ ଅବସ୍ଥିତ ନବମ ଶତାବ୍ଦୀରେ ନିର୍ମିତ ପଶ୍ଚିମାଭିମୁଖୀ କୁଟାଇତୁଣ୍ଡି (ମହାମୃତ୍ୟୁଞ୍ଜୟ ଶିବ) ମନ୍ଦିର। ଅତୁଳନୀୟ କଳାକୃତି ପାଇଁ ଏହାକୁ ଭୁବନେଶ୍ୱରସ୍ଥ ମୁକ୍ତେଶ୍ୱର ମନ୍ଦିର ସହିତ ତୁଳନା କରାଯାଏ। ତେବେ ଏହି ମନ୍ଦିର ପରିସରଟି ଗଛଲତା ଅଭାବରୁ ଶ୍ରୀହୀନ ଦେଖାଯାଉଥିବାରୁ ସ୍ଥାନୀୟ ଶୁକ୍ଳି ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟ ୧୯୮୦ ବ୍ୟାଚର ପୁରାତନ ଛାତ୍ର ଇଂ ସୁଶାନ୍ତ କୁମାର ନାଏକ, ଗିରିଶ ଚନ୍ଦ୍ର ସି, ବିଭୂତି ମାଝୀ, ବିନୋଦ ସି, ପରେଶ ପିଙ୍ଗୁଆ, ସନାତନ ମହାକୁଡ ଓ ପ୍ରଶାନ୍ତ ଘଣା ପ୍ରମୁଖ ସ୍ୱେଚ୍ଛାକୃତ ଭାବେ ମନ୍ଦିର ବେଢ଼ାରେ ଉନ୍ନତ କିସମର ବୃକ୍ଷ ଚାରା ରୋପଣ କରିଛନ୍ତି। ପୁରାତନ ଛାତ୍ରଙ୍କ ଏତାଦୃଶ କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଶ୍ରୀସତ୍ୟସାଇ ବିଦ୍ୟାବିହାରରେ ଯୁବ ନିଶାମୁକ୍ତ ସଚେତନତା




ବାରିପଦା, ୨।୮ (ସମିସ): ସ୍ଥାନୀୟ ଶ୍ରୀସତ୍ୟସାଇ ବିଦ୍ୟାବିହାରର ସମ୍ମିଳନୀ କକ୍ଷରେ ରବିବାର ବିକଶିତ ଭାରତ ପାଇଁ ଯୁବ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଦୂର ଦୃଶ୍ୟଶ୍ରାବ୍ୟ ଆଭାସି ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ତଥା ବିଦ୍ୟାଳୟ ସହ ସିଧା ଯୋଡି ହୋଇ ଉଦବୋଧନ ଦେଇଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଗିରିଜା ଶଙ୍କର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀସତ୍ୟସାଇ ସେବା ସଙ୍ଗଠନର ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଶା ସେବନର ଅପକାରିତା ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ନିଶାମୁକ୍ତ ସମାଜ ଗଠନରେ ଯୁବପିଢିଙ୍କ ଭୂମିକାକୁ ମୁଖ୍ୟଅତିଥି ଶ୍ରୀ ସାହୁ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନଆଇସି ଅଧିକାରୀ ଅଜୟ କୁମାର ମହାପାତ୍ର ଓ ସହଯୋଗୀଙ୍କ ସମେତ ଶ୍ରୀସତ୍ୟସାଇ ସେବା ସମିତିର ଆବାହକ ମାନସରଞ୍ଜନ ମହାପାତ୍ର, ବିଦ୍ୟାଳୟ ସମିତିର ସଦସ୍ୟ ରୂପେଶ ମହାନ୍ତି, ସତ୍ୟବ୍ରତ ଜେନା, ସୁମିତ୍ରା ମିଶ୍ର, ସେବା ସମିତିର ସଦସ୍ୟସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମର ବିଶେଷତ୍ୱ ସମ୍ପର୍କରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ସରୋଜ କୁମାର ବେହେରା ଓ ଅଜିତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ବିଦ୍ୟାଳୟର ସୂଚନା ପ୍ରଯୁକ୍ତି ବିଭାଗର ସୁଚିସ୍ମିତା ଜେନା, ଆକାଶ କୁମାର ମଣ୍ଡଳ, ଗୌତମ କୁମାର ଦତ୍ତ ପ୍ରମୁଖଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଥିଲା।

**ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ**

# ମହାବିଦ୍ୟାଳୟସ୍ତରୀୟ ନୃତ୍ୟ ଓ ମଞ୍ଚ ସଞ୍ଚାଳନ ପ୍ରତିଯୋଗିତା



ବାରିପଦା, ୨।୮ (ସମିସ)

ମୟୂରଭଞ୍ଜର ଅଗ୍ରଣୀ ନାଟ୍ୟ ସଂସ୍ଥା 'ଆମେ ବାରିପଦା' ପକ୍ଷରୁ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ମହାବିଦ୍ୟାଳୟ ସ୍ତରର ନୃତ୍ୟ ଓ ମଞ୍ଚ ସଞ୍ଚାଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସାଗରିକା ସିଂ ଉଦଘାଟନ କରିଥିବାବେଳେ ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ଜାତୀୟ ନାଟ୍ୟ ମହୋତ୍ସବର ଆବାହକ ତଥା ସାଧାରଣ ସମ୍ପାଦକ, ବିଶିଷ୍ଟ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଚିନ୍ମୟ କୁମାର ଦାସପଟ୍ଟନାୟକ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ରାଜୀବ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ବିଚାରକ ଭାବେ ଜୟନ୍ତ ସେନାପତି, ଅନୁବାଳା ମହାନ୍ତି, ବର୍ଣ୍ଣରୂପା ମହାନ୍ତି, ମୂର୍ଚ୍ଛନା ମହାନ୍ତି, ପ୍ରୟାସ ଶତପଥି ଓ ପ୍ରଦୀପ କୁମାର ସରଘରିଆ ଯୋଗ ଦେଇଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀ ଭାଗ ନେଇ ସେମାନଙ୍କର ଉତ୍କର୍ଷତା ପ୍ରଦର୍ଶନ କରି ଉପସ୍ଥିତ ଛାତ୍ରଛାତ୍ରୀ ଓ କଳାପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ନାଟ୍ୟ ମହୋତ୍ସବର ଅନ୍ତିମ ରଜନୀରେ ବିଜେତାଙ୍କ ନାମ ଘୋଷଣା ସହ ପୁରସ୍କୃତ କରାଯିବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି ମହୋତ୍ସବ ଅବସରରେ ପ୍ରଥମଥର ପାଇଁ ଜିଲ୍ଲାସ୍ତରୀୟ ନାଟକ ଲିଖନ ପ୍ରତିଯୋଗିତା ସାଙ୍ଗକୁ ହାଇସ୍କୁଲସ୍ତରୀୟ ଏକକ ଅଭିନୟ, ମୂକ ଅଭିନୟ, ନୃତ୍ୟ ଓ ମଞ୍ଚ ସଞ୍ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ମିଡ଼ିଆ ସଂଯୋଜକ ସୋମନାଥ ସିଂହ ପ୍ରକାଶ କରିଛନ୍ତି।

# ଗୋରୁ ବୋଝେଇ ପିକ୍‌ଅପ୍ ଜବତ

## ଜଣେ ଗିରଫ, ଦୁଇ ଫେରାର

କରଞ୍ଜିଆ,୨।୮ (ସମିସ)

କରଞ୍ଜିଆ ଥାନା ପୁଲିସ ଏକ ବଡ଼ଧରଣର ଗୋଚାଲାଣ ରାକେଟ୍‌ର ପର୍ଦ୍ଦାଫାସ କରିବା ସହ ଗୋରୁ ବୋଝେଇ ଯାଉଥିବା ଏକ ପିକଅପ୍ ଗାଡ଼ିକୁ ଜବତ କରିଛି। ଅଭିଯୁକ୍ତମାନେ ପୁଲିସ ଉପରେ ଗାଡ଼ି ଚଢ଼ଇ ଫେରାର ହେବାକୁ ଉଦ୍ୟମ କରିଥିବାବେଳେ ପୁଲିସର ତତ୍ପରତା ଓ ସାହସିକ ପଦକ୍ଷେପ ଯୋଗୁଁ ଗାଡ଼ିକୁ ପିଛା କରି କାବୁ କରାଯାଇଛି। ଏହି ଅଭିଯାନରେ ୮ଟି ଗୋରୁ ଉଦ୍ଧାର ହୋଇଥିବାବେଳେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଅନ୍ୟ ଦୁଇଜଣ ଫେରାର ଥିବାବେଳେ ସେମାନଙ୍କୁ ଧରିବା ସହ ସମ୍ପୂର୍ଣ୍ଣ ଗୋଚାଲାଣ ରାକେଟ୍‌ର ଖୋଳତାଡ଼ କରୁଛି ପୋଲିସ।

* ପୁଲିସ ଉପରେ ଗାଡ଼ି ଚଢ଼ାଇବାକୁ ଉଦ୍ୟମ
* ଗୋଚାଲାଣ ରାକେଟ୍‌ର ଖୋଳତାଡ଼ ଆରମ୍ଭ

ସୂଚନା ମୁତାବକ, କରଞ୍ଜିଆ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ସୁଧାଂଶୁ ସେଠୀ, ହାବିଲଦାର ଯୁଧିଷ୍ଠିର ମହାନ୍ତ, କନଷ୍ଟେବଲ ରାମଚନ୍ଦ୍ର ପୂର୍ତ୍ତି, ଗଣେଶ ହେମ୍ବ୍ରମ, ମଣ୍ଟୁ ମହାନ୍ତ ଓ ଚନ୍ଦନା ନାୟକ ସାହାରପଡା ବାଇପାସ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଏକ ବୋଲେରୋ ପିକଅପ୍ ଗାଡ଼ି ସନ୍ଦେହଜନକ ଭାବେ ଯାଉଥିବା ଦେଖି ଅଟକାଇବାକୁ ସଙ୍କେତ ଦେଇଥିଲେ। ମାତ୍ର ଗାଡ଼ି ଚାଳକ ପୁଲିସର ସଙ୍କେତକୁ ନ ମାନି ଦ୍ରୁତ ଗତିରେ ଖସିଯିବାକୁ ଉଦ୍ୟମ କରିଥିଲେ। ଏପରିକି ପୁଲିସ କର୍ମଚାରୀଙ୍କ ଉପରେ ଗାଡ଼ି ଚଢ଼ଇ ରାସ୍ତା ଫାଙ୍କା କରି ପଳାଇବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି। ଏହାପରେ ପୁଲିସ ତୁରନ୍ତ ଗାଡ଼ିର ପିଛା କରିଥିଲା। ବାମନାସାଳ ଦେଇ କିଆପାନପୋଷି-ଡୁମୁରିଆ ରାସ୍ତାରେ ଗାଡ଼ିକୁ କାବୁ କରାଯାଇଥିଲା। ଯାଞ୍ଚ ବେଳେ ଗାଡ଼ିରୁ ୮ଟି ଗୋରୁ ଉଦ୍ଧାର କରାଯାଇଥିବାବେଳେ ବୋଲେରୋ ପିକଅପ୍‌କୁ ମଧ୍ୟ ଜବତ କରାଯାଇଥିଲା। ଜଣେ ଅଭିଯୁକ୍ତ ପୁଲିସ ହାତରେ ଧରାପଡ଼ିଥିବାବେଳେ ଅନ୍ୟ ଦୁଇଜଣ ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତ ନିଜର ନାମ ମହମ୍ମଦ ଅଜିରୁଦ୍ଦିନ (୨୯), ଗ୍ରାମ କୁସୁମି, ଥାନା ବାଦାମପାହାଡ଼, ଜିଲ୍ଲା ମୟୂରଭଞ୍ଜ ବୋଲି ପରିଚୟ ଦେଇଥିଲା। ପଚରାଉଚରା ସମୟରେ ସେ ଘଟଣାସ୍ଥଳରୁ ଫେରାର ହୋଇଥିବା ଦୁଇ ସହଯୋଗୀଙ୍କ ନାମ ଏସ୍.କେ. ଅଜିମୁଦ୍ଦିନ (୨୯) ଓ ଏସ୍.କେ. ସାହିଲ (୨୩) ବୋଲି ପ୍ରକାଶ କରିଥିଲେ। ଉଭୟଙ୍କ ଘର ମୟୂରଭଞ୍ଜ ଜିଲ୍ଲାର ଟେଣ୍ଟାପୋଷି, ଥାନା ରାଇରଙ୍ଗପୁର ରୁରାଲ ବୋଲି ସେ ସୂଚନା ଦେଇଥିଲା। ପୁଲିସର ପଚରାଉଚରା ବେଳେ ଆହୁରି କିଛି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଗିରଫ ଅଭିଯୁକ୍ତ ଆହୁରି କହିଛି ଯେ, ଟେଣ୍ଟାପୋଷି ଗ୍ରାମର ଏସ୍.କେ. ମଜୁ ଓ ତୁରୁମୁଙ୍ଗା ଅଞ୍ଚଳ ଅନ୍ତର୍ଗତ ସିଲଦା ଗ୍ରାମର ରତନ କାକାଙ୍କ ନିର୍ଦ୍ଦେଶକ୍ରମେ ଏହି ଅବୈଧ ଗୋ ଚାଲାଣ କାରବାର ଚାଲିଥିଲା। ଏହି ସୂଚନା ମିଳିବା ପରେ ପୁଲିସ ଗୋଚାଲାଣ ପଛରେ ଥିବା ସମ୍ଭାବ୍ୟ ନେଟୱର୍କ ଓ ଏହାର ମାଷ୍ଟରମାଇଣ୍ଡ ସମ୍ପର୍କରେ ଅଧିକ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ କରଞ୍ଜିଆ ଥାନାରେ ୨୯୨/୨୬ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ପୁଲିସ ଫେରାର ଦୁଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଏଥିସହ ପଚରାଉଚରାରେ ସାମ୍ନାକୁ ଆସିଥିବା ଅନ୍ୟ ବ୍ୟକ୍ତିଙ୍କ ସମ୍ପୃକ୍ତିକୁ ମଧ୍ୟ ଯାଞ୍ଚ କରାଯାଉଛି। ତଦନ୍ତରେ ପ୍ରମାଣ ମିଳିଲେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।



# କାର୍ ଦୁର୍ଘଟଣାରେ ୩ ଆହତ



ମହୁଲଡିହା/ଆନନ୍ଦପୁର,୨।୮ (ସମିସ): ମହୁଲଡିହା ଥାନା ୫୩ନଂ ରାଜ୍ୟ ରାଜପଥର ଆନନ୍ଦପୁର-ଠାକୁରମୁଣ୍ଡା ରାସ୍ତାର ଗୋଡଭଙ୍ଗା ଗେଟ୍ ନିକଟରେ ଏକ କାର୍ ଭାରସାମ୍ୟ ହରାଇ ରାସ୍ତା ପାଶ୍ୱର୍ରେ ଥିବା ଗଛରେ ଧକ୍କା ଦେଇ ୩ ଆହତ ହୋଇଥିବାବେଳେ ଜଣେ ୧ ଗୁରୁତର ହୋଇଛନ୍ତି। ରବିବାର ଅପରାହ୍ନ ପ୍ରାୟ ୪ଟାରେ କାର୍‌ଟି ଆନନ୍ଦପୁର ଆଡୁ ଠାକୁରମୁଣ୍ଡା ଦିଗକୁ ଆସୁଥିବାବେଳେ ଦୁର୍ଘଟଣା ଘଟିଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଗାଡ଼ି ଗଛରେ ପିଟି ହୋଇ ଆସୁଥିବା ଦିଗକୁ ବୁଲିଯାଇଥିଲା। ଏହି ସମୟରେ ଠାକୁରମୁଣ୍ଡା (ନୂଆପଡ଼ା)ର ସ୍ୱାମୀ ଧୀରେନ୍ଦ୍ର ନାଥ ଆର୍ଯ୍ୟ ଆସୁଥିଲେ। ସ୍ୱାମୀଜୀ ନିଜ ଗାଡ଼ିରେ ସମସ୍ତଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବର ପାଇ ମହୁଲଡିହା ଥାନା ପୁଲିସ ଦୁର୍ଘଟଣା ସ୍ଥଳରୁ କାର୍‌କୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି।

## ଭିଆଇପି ରୋଡ୍‌ରେ ପୁଣିଏକ ଦୁର୍ଘଟଣା

# ଝୁଲନ୍ତା କାର୍‌ରୁ ଚାଳକ ଓ ଯାତ୍ରୀ ଉଦ୍ଧାର

ବାରିପଦା, ୨।୮ (ସମିସ): "ବାରିପଦା ସହର ଭିଆଇପି ରୋଡର ବାଘରାରୋଡ଼ସ୍ଥ ଭଞ୍ଜେଶ୍ୱର ଶିବ ମନ୍ଦିର ନିକଟରେ ପୁଣି ଏକ ଦୁର୍ଘଟଣା ଅଳ୍ପକେ ଟଳିଯାଇଛି। ଲଗାଣ ବର୍ଷା ରାତିରେ ମୁଖ୍ୟ ରାସ୍ତାରୁ ତଳ ରାସ୍ତାକୁ ମୋଡ଼ ନେବା ବେଳେ ଏକ କାର୍ (ଓଡି-୩୩-ଏଜେଡ-୧୮୦୦) ଭାରସାମ୍ୟ ହରାଇ ଗାର୍ଡୱାଲ୍‌ରେ ଝୁଲି ରହିଥିଲା। ତେବେ ସ୍ଥାନୀୟ ଯୁବକ ଓ ବାସିନ୍ଦାଙ୍କ ତୁରନ୍ତ ତତ୍ପରତା ଓ ସାହସିକ ଉଦ୍ୟମ ଯୋଗୁଁ କାର୍‌ରେ ଥିବା ଚାଳକ ଓ ଯାତ୍ରୀ ସମ୍ପୂର୍ଣ୍ଣ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି।



ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ରାତିରେ ଝିପିଝିପି ବର୍ଷା ହେଉଥିବାବେଳେ କାର୍‌ଟି ବାଘରାରୋଡ଼ ଶିବ ମନ୍ଦିର ନିକଟସ୍ଥ ମୁଖ୍ୟ ରାସ୍ତାରୁ ତଳ ରାସ୍ତାକୁ ଯିବାପାଇଁ ବୁଲାଉଥିଲା। ଏହି ସମୟରେ ଚାଳକ ନିୟନ୍ତ୍ରଣ ହରାଇବାରୁ ଗାଡ଼ିର ସାମ୍ନା ଚକଟି ରାସ୍ତା କଡ଼ରେ ଥିବା କଂକ୍ରିଟ୍ ଗାର୍ଡୱାଲ୍ (ଡ୍ରେନ୍/ପାଚେରୀ) ତଳକୁ ଖସିପଡ଼ିଥିଲା। ଫଳରେ କାର୍‌ର ପଛ ପାଖ ସମ୍ପୂର୍ଣ୍ଣ ଶୂନ୍ୟକୁ ଉଠିଯାଇଥିଲା ଓ ଗାଡ଼ିଟି ଯେକୌଣସି ମୁହୂର୍ତ୍ତରେ ତଳକୁ ଓଲଟି ପଡ଼ିବାର ସଙ୍ଗୀନ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦୁର୍ଘଟଣା ଦେଖି ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ଯୁବକ ବର୍ଷାକୁ ଖାତିର ନ କରି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସ୍ଥାନୀୟ ଲୋକେ ମିଳିତ ଭାବେ କାର୍‌କୁ ବିଭିନ୍ନ ପାଶ୍ୱର୍ରୁ ବଳ ପ୍ରୟୋଗ କରି ଉପରକୁ ଉଠାଇବା ସହ ଭିତରେ ଥିବା ଚାଳକଙ୍କୁ ଷ୍ଟିୟରିଙ୍ଗ୍ ସଠିକ୍ ଦିଗରେ ଘୁରାଇବାକୁ କହିଥିଲେ। ସ୍ଥାନୀୟ ଯୁବକଙ୍କ ସଠିକ୍ ସମନ୍ୱୟ ଯୋଗୁଁ କାର୍‌କୁ କୌଣସି ବଡ଼ କ୍ଷତି ନ ହୋଇ ସୁରକ୍ଷିତ ଭାବେ ମୁଖ୍ୟ ରାସ୍ତାକୁ ଆଣିବା ସମ୍ଭବ ହୋଇଥିଲା। ଗାଡ଼ିରେ ଥିବା ସମସ୍ତ ଯାତ୍ରୀ ନିରାପଦରେ ବାହାରକୁ ଆସିଥିଲେ। ଗତ ଦୁଇଦିନ ତଳେ ପ୍ରବଳ ବର୍ଷା ହେତୁ ଭଞ୍ଜେଶ୍ୱର ଶିବ ମନ୍ଦିର ନିକଟରେ ରାସ୍ତା ପାଶ୍ୱର୍ ଗାର୍ଡୱାଲ୍ ଧସିଯିବାରୁ ସେଠାରେ ପାର୍କିଂ ହୋଇଥିବା 'ମଧୁସ୍ମିତା' ନାମକ ଶୀତତାପ ନିୟନ୍ତ୍ରିତ (ଏସି) ବସ୍ ଖାଲକୁ ଓଲଟି ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ସେହି ସମୟରେ ବସ୍‌ରେ ଯାତ୍ରୀ ନ ଥିବାରୁ ଜୀବନହାନି ଘଟି ନ ଥିଲା। ହେଲପର ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବାରିପଦା ସହରରେ ବର୍ଷାଦିନେ ରାସ୍ତା କଡ଼ ଗାର୍ଡୱାଲ୍‌ର ସୁରକ୍ଷା ଓ ବସ୍‌ଷ୍ଟାଣ୍ଡ ସମ୍ପ୍ରସାରଣକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ବିଶ୍ୱ ବନ୍ଧୁତା ଦିବସରେ ଜଳିଲା ତିନିବନ୍ଧୁଙ୍କ ଜୁଇ

କୁଆମରା, ୨।୮ (ସମିସ): ଆଜି ବିଶ୍ୱ ବନ୍ଧୁତା ଦିବସ। ଏହି ଦିବସରେ ଗତକାଲି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ତିନି ବନ୍ଧୁଙ୍କ ଜୁଇ ଆଜି ସନ୍ଧ୍ୟାରେ ଗାଁ ଶ୍ମଶାନରେ ଗୋଟିଏ ସ୍ଥାନରେ ପୃଥକ ଭାବେ ଜଳିଛି। ଯାହା ଅଞ୍ଚଳ ପାଇଁ ଦୁଃଖ ଓ ବିଶାଦର ଛାୟା ଖେଳାଇ ଦେଇଛି। କାନ୍ଦ ବୋବାଳିରେ ଫାଟି ପଡିଛି ଶ୍ମଶାନଠାରୁ ଗାଁ। ଗୋପବନ୍ଧୁନଗର ବ୍ଲକ କୁଆମରା ଗ୍ରାମର ଶକ୍ତି ସିଂ, ସହଦେବ ସିଂ ଓ ବାପୁନ ସିଂଙ୍କ ବୟସ ୨୦ରୁ ୨୫ ମଧ୍ୟରେ। ତିନିବନ୍ଧୁ ଦୀର୍ଘ ବର୍ଷ ଧରି ନିଜର ବନ୍ଧୁତାକୁ ସମ୍ମାନ ଜଣାଇ ଆସୁଥିଲେ। ଯେକୌଣସି କାର୍ଯ୍ୟରେ ଯେକୌଣସି ସ୍ଥାନକୁ ତିନିଜଣ ଏକାଠି ଯାଉଥିଲେ। ପୁଣି କାର୍ଯ୍ୟ ସାରି ଏକାଠି ଫେରୁଥିଲେ। କେହି କାହାଠାରୁ କ୍ଷଣକେ ଦୂରେଇ ଯାଆନ୍ତି ନାହିଁ। ସେହିପରି ଗତକାଲି ମଧ୍ୟ ତିନି ହେଁ ସାପ୍ତାହିକ ହାଟରୁ କାମ ସାରି ଘରକୁ ଫେରୁଥିବାବେଳେ ବାଇକ ଦୁର୍ଘଟଣାର ଶିକାର ହୋଇଥିଲେ। ଶେଷରେ ଗୋଟିଏ ସ୍ଥାନରେ ତିନି ହେଁ ସବୁଦିନ ପାଇଁ ଆଖି ବୁଜିଥିଲେ। ଆଜି ତିନି ଜଣଙ୍କର ଉଦଳା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ଗୋଟିଏ ଗାଡ଼ିରେ ତିନି ଜଣଙ୍କୁ ଅଣାଯାଇଥିଲା ଓ ତିନି ଜଣଙ୍କ ଶବ ଏକ ସଙ୍ଗେ ଶ୍ମଶାନକୁ ନିଆଯାଇଥିଲା। ଶେଷରେ ଏକ ସମୟରେ ତିନି ଜଣଙ୍କର ଜୁଇ ଜଳିଥିଲା। ତେବେ ସହଦେବ ଓ ବାପୁନ ପରିବାରର ଏକମାତ୍ର ପୁଅ ହୋଇଥିବାବେଳେ ଶକ୍ତି ବାପାମାଆଙ୍କ ସାନ ପୁଅ ଥିଲେ।



## ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସୁନୀଲ ଏଫ୍‌ସି ଚାମ୍ପିଅନ



କୁଆମରା, ୨।୮ (ସମିସ): ଗୋପବନ୍ଧୁନଗର ବ୍ଲକ ଶୀଳଘାଟି ପଞ୍ଚାୟତର ବାଲିଯୋଡାସ୍ଥ ଟାଙ୍ଗରାଶୁଳି ସାଗେନ୍ ସାର୍ଣା ୟୁଥ୍ କ୍ଲବ୍ ପକ୍ଷରୁ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ମୋଟ ୮ ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ରିମିକ୍ସ ଜାମସେଦପୁରକୁ ୧-୦ ଗୋଲରେ ହରାଇ ସୁନୀଲ୍ ଏଫ୍‌ସି ଭଣ୍ଡଗାଁ ଦଳ ଚାମ୍ପିଅନ ହୋଇଛି। ଚାମ୍ପିଅନ ଦଳକୁ ଏକ ଲକ୍ଷ ଓ ରନର୍ସଅପ୍ ଦଳକୁ ୭୦ ହଜାର ଟଙ୍କାର ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯାଇଛି। ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ଭଦ୍ରକ ଜିଲ୍ଲା କୃଷି ଅଧିକାରୀ ଚାନ୍ଦ୍ରାୟ ହେମ୍ବ୍ରମ, ସରପଞ୍ଚ ଖେଲା ହେମ୍ବ୍ରମ, ସମିତି ସଭ୍ୟ ଅଭିମନ୍ୟୁ ପାତ୍ର, ସିଙ୍ଗୁରଗୈରା ଯୁବକ ସଂଘର ସମ୍ପାଦକ ରତ୍ନାକର ମୁର୍ମୁ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଯୁବକ ସଂଘର ସଭାପତି ଗୁରୁବା ହାଁସଦା, ସମ୍ପାଦକ ସମାୟ ଟୁଡୁଙ୍କ ସମେତ ସମସ୍ତ ସଦସ୍ୟ ଖେଳ ପରିଚାଳନା କରିଥିଲେ।

# ପୁରୁଣିଆ ବାଜିରାଉତ ଶାଖାରେ ଗୁରୁଦକ୍ଷିଣା କାର୍ଯ୍ୟକ୍ରମ



ଆନନ୍ଦପୁର, ୨।୮ (ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆନନ୍ଦପୁର ବ୍ଲକ ପୁରୁଣିଆ ବାଜିରାଉତ ପ୍ରଭାତ ଶାଖା ପକ୍ଷରୁ ଅପରାହ୍ନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଗୁରୁଦକ୍ଷିଣା କାଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୁଣିଆ ଯୁବଜ୍ୟୋତି ହାଇସ୍କୁଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରାନ୍ତୀୟ ବନବାସୀ କଲ୍ୟାଣ ଆଶ୍ରମ ଶ୍ରଦ୍ଧା ଜାଗରଣ ପ୍ରମୁଖ ଏବଂ ସରୋଜ ଶତପଥୀ ଯୋଗଦାନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠି ଶିକ୍ଷା ଉପଅଧିକାରୀ ଅତୁଳ ବଳ ଯୋଗଦେଇଥିଲେ। ବରିଷ୍ଠ ସ୍ୱୟଂସେବକ ବସନ୍ତ ସାହୁ, ବାବୁଲି ସାହୁ, ଡ଼ଃ ଶମ୍ଭୁନାଥ ରାଉତ, ହଳଧର ସାହୁ, ତପନ ଧିର, ସୌଭାଗ୍ୟ ରାଉତ, ଗୌରାଙ୍ଗ ଚରଣ ବାରିକ, ଅନାଦି ସାହୁଙ୍କ ସହ ୩୦ରୁ ଅଧିକ ସ୍ୱୟଂସେବକ ଯୋଗଦାନ କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବେତନଟୀ, ୨।୮ (ସମିସ): ବେତନଟୀ ବ୍ଲକ ଅଧୀନ ସନ୍ତରା ପଞ୍ଚାୟତ ଅନ୍ତର୍ଗତ ମଛପଦା ଗୋପବନ୍ଧୁ ଶିକ୍ଷା ନିକେତନର ପୂର୍ବତନ ପ୍ରଧାନଶିକ୍ଷକ ହରିହର ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚତୁର୍ଭୁଜ ପୃଷ୍ଟିଙ୍କ ସଭାପତିତ୍ୱ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ସଭାପତି ତଥା ଶିକ୍ଷାବିତ ବଳରାମ ସାହୁ, ମୁଖ୍ୟବକ୍ତା ଭାବେ ଗୌରହରି ଦତ୍ତ, ସମ୍ମାନିତ ଅତିଥି ଭାବେ ଓଷ୍ଟାର ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ୍ ସଭାପତି ଶିଶିର କୁମାର ନାୟକ, ସନ୍ତରା ସରପଞ୍ଚ ଲକ୍ଷ୍ମୀପ୍ରିୟା ହାଁସଦା, ସମିତି ସଭ୍ୟା ସୁମତି ପୃଷ୍ଟି, ସନ୍ତରା ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଅଚ୍ୟୁତ କୁମାର ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ରତିକାନ୍ତ ମହାନ୍ତ, ଗଡଦେଉଳିଆ ହାଇସ୍କୁଲର ପୂର୍ବତନ ଶିକ୍ଷକ ଉମାକାନ୍ତ ବେହେରା, ପୂର୍ବତନ ସିଆରସିସି ବିରଞ୍ଚି ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ସୂର୍ଯ୍ୟାନନ୍ଦ ନାୟକ ମଞ୍ଚ ପରିଚାଳନା କରିଥିଲେ। ଶ୍ରୀ ପ୍ରଧାନ ଉକ୍ତ ବିଦ୍ୟାଳୟରେ ୧୯୯୨ରୁ କାର୍ଯ୍ୟ ଆରମ୍ଭ କରି ଚଳିତ ବର୍ଷ ମେ ମାସରେ ଅବସର ଗ୍ରହଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟାର ସହସମ୍ପାଦକ ଧୀରେନ୍ଦ୍ର ପ୍ରଧାନ, ବିଦ୍ୟାଳୟର ଶିକ୍ଷକ କାର୍ତ୍ତିକ କୁମାର ଧଳ, ଅରୁଣ କୁମାର ସାହୁ, ଅମୀୟ ପରିଡ଼ା, ଅନନ୍ତ ମହାପାତ୍ର ଓ କର୍ମଚାରରୀ ମନୋଜ ପ୍ରଧାନ, ରବୀନ୍ଦ୍ର ବସନ୍ତିଆ, ପ୍ରଫୁଲ୍ଲ ରାଉଳ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଗ୍ରାମବାସୀ, ପୂର୍ବତନ ଛାତ୍ରଛାତ୍ରୀ, ବର୍ତ୍ତମାନର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶିକ୍ଷକ ଜଗନ୍ନାଥ ବିନ୍ଧାଣୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଧର୍ମପ୍ରାଣା ମହିଳାଙ୍କ ପରଲୋକ



ବିଶୋଇ,୨।୮ (ସମିସ): ବିଶୋଇ ବ୍ଲକ ଅନ୍ତର୍ଗତ ବିଶୋଇ ମନ୍ଦିର ସାହି ଗ୍ରାମର ଦମୟନ୍ତୀ ଗୁପ୍ତାଙ୍କ ୭୬ ବର୍ଷ ବୟସରେ ପରଲୋକ ଘଟିଛି। ଦମୟନ୍ତୀଙ୍କ ସ୍ୱାସ୍ଥ୍ୟବସ୍ଥା କିଛିଦିନ ପୂର୍ବରୁ ଖରାପ ହେବା ଯୋଗୁଁ ସେ ମେଡିକାଲରୁ ଚିକିତ୍ସିତ ହୋଇ ଘରେ ରହି ଚିକିତ୍ସିତ ହୋଇଆସୁଥିଲେ। ଗତକାଲି ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ମଧ୍ୟରାତ୍ରରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ ଅରବିନ୍ଦ, ଝିଅ ସନ୍ତୋଷୀ, ପୁତ୍ରବଧୂ, ନାତିନାତୁଣୀ ଉପସ୍ଥିତ ଥିଲେ। ସ୍ୱର୍ଗତ ଗୁପ୍ତା ବିଶୋଇ ଅଞ୍ଚଳର ଜଣେ ଧର୍ମପରାୟଣ ମହିଳା ଭାବେ ଜଣାଶୁଣା ଥିବାବେଳେ ପରୋପକାରୀ, ମିଷ୍ଟଭାଷୀ ଥିଲେ। ସେ ବିଭିନ୍ନ ଧାର୍ମିକ ଅନୁଷ୍ଠାନରେ ଜଡ଼ିତ ଥିଲେ। ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓଙ୍କ ସମେତ ବିଶୋଇ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

# ବିଶୋଇରେ ସରକାରୀ ବସ୍‌ଷ୍ଟାଣ୍ଡ ଜାଗା ନିର୍ଦ୍ଧାରଣ ପାଇଁ ବୈଠକ

ବିଶୋଇ,୨।୮ (ସମିସ)

ବିଶୋଇ ବ୍ଲକରେ ନିର୍ଦ୍ଧାରିତ ସ୍ଥାନରେ ସରକାରୀ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବିଶୋଇ ଅଞ୍ଚଳର ଯୁବ ଗୋଷ୍ଠୀ, ବୁଦ୍ଧିଜୀବୀ ଓ ଜନପ୍ରତିନିଧିଙ୍କୁ ନେଇ ଏକ ସାମୂହିକ ବୈଠକ ବିଶୋଇ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଶୋଇ ବଜାରରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରଯିବାକୁ ଦାବି ହୋଇଛି।

## ବିଶୋଇ ବଜାରରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବି

୪୯ନଂ ଜାତୀୟ ରାଜପଥ ଓ ୫୦ନଂ ରାଜ୍ୟ ରାଜପଥ ଦେଇ ଜାମସେଦପୁର, କୋଲକାତା ଓ ମୁମ୍ବାଇକୁ ସଂଯୋଗ କରିବା ପାଇଁ ବିଶୋଇ ଅଞ୍ଚଳ କେନ୍ଦ୍ରସ୍ଥଳୀ ଥିବାବେଳେ ଏହି ଅଞ୍ଚଳ ଯୋଗାଯୋଗ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରେ। ଏହି ବିଭିନ୍ନ ଅଞ୍ଚଳକୁ ଯୋଗାଯୋଗ ପାଇଁ ଏହି ଅଞ୍ଚଳ ଦେଇ ଦିନରାତି ସବୁ ସମୟରେ ଯାତ୍ରୀବାହୀ ବସ୍ ଚଳାଚଳ କରେ।



ମାତ୍ର ଏ ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ରହିଥିଲା। ଫଳରେ ଏକ ଅତ୍ୟାଧୁନିକ ସ୍ଥାୟୀ ବସ୍ ରହଣି ସ୍ଥଳୀ ପାଇଁ ଅଞ୍ଚଳବାସୀଙ୍କ ଦୀର୍ଘଦିନ ଦିନର ଦାବି ହୋଇଆସୁଥିଲା। ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ବିଶୋଇଠାରେ ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଗ୍ରୀନ ସିଗନାଲ ଦେବା ସହିତ ଆର୍ଥିକ ମଞ୍ଜୁର ପ୍ରଦାନ କରାଯାଇଛି। ଯାହା ଅଞ୍ଚଳବାସୀଙ୍କୁ ଆଶ୍ୱସ୍ତି ମିଳିଛି। ମାତ୍ର ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଉତ୍ତମ ଜାଗା ଚିହ୍ନଟକୁ ନେଇ ଏବେ ଅଞ୍ଚଳବାସୀ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ବିଶୋଇ ମୁଖ୍ୟ ଦପ୍ତର ସ୍ଥାନ ବିଶୋଇ ବଜାର ବିର୍ସା ମୁଣ୍ଡା ଛକ ନିକଟରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଅଞ୍ଚଳବାସୀ ବର୍ତ୍ତମାନ ଦାବି କରିଛନ୍ତି। ଏହି ସ୍ଥାନରେ ପୂର୍ବରୁ ଭିତ୍ତିଭୂମି ଗଢି ଉଠିଥିବାବେଳେ ଏହି ସ୍ଥାନରେ ଦୋକାନ ବଜାର ଓ ଜନଗହଳି ସ୍ଥାନ ରହିଛି। ଏହି ସ୍ଥାନରେ ବସ୍ ଷ୍ଟାଣ୍ଡ ନିର୍ମାଣ ହେବା ଦ୍ୱାରା ସ୍ଥାନୀୟ ଲୋକେ ଉପକୃତ ହେବା ସହିତ ସମସ୍ତ ସ୍ଥାନକୁ ଯୋଗାଯୋଗ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିପାରିବ। ଯଥାଶୀଘ୍ର ବିଶୋଇ ବଜାର ଅଞ୍ଚଳରେ ଆବଶ୍ୟକ ଜଗା ଚିହ୍ନଟ କରି ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ସରକାରଙ୍କ ପାଖରେ ସ୍ଥାନୀୟ ବାସିନ୍ଦା ଦାବି ରଖିଥିବାବେଳେ ଆଗାମୀ ଦିନରେ ଏଥିପାଇଁ ସ୍ୱତନ୍ତ୍ର କ୍ରିୟାନୁଷ୍ଠାନ କମିଟି ମଧ୍ୟ ଗଠନ କରାଯିବା ନେଇ ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ବିଶୋଇ ସରପଞ୍ଚ କରୁଣା ସାଗର ମାରାଣ୍ଡି, ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ସମାଜସେବୀ ଖେଲାରାମ ଟୁଡୁ, ବନମାଳୀ ଗିରି, ୱାର୍ଡସଭ୍ୟ ବିବେକାନନ୍ଦ ଦାସ, ବୁଦ୍ଧିଜୀବୀ ସୁବାସ ପାତ୍ର, ନନ୍ଦିରାମ ନାଏକ, ପ୍ରସନ୍ନ ମହାକୁଡ଼, କୃଷ୍ଣକୁମାର ସିଂ, ଭୀମସିଂ ହାଁସଦା, ସୁପାଇ ସୋରେନ, ଶଙ୍କର ଦତ୍ତ, ଦିଲ୍ଲୀପ ମହାନ୍ତ, ଚନ୍ଦନ ଧଳ, ରବୀନ୍ଦ୍ର ନାଏକ, ଶମ୍ଭୁନାଥ ଧଳ, ଯତୀନ୍ଦ୍ର ନାଥ ଗିରି, ନିନୀ ବାରିକଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ଧନ ଲାଭ ଯୋଗ ରହିଛି। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ।

**ବୃଷ:** ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି।

**ମିଥୁନ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଖର୍ଚ୍ଚ ବଢ଼ିପାରେ।

**ସିଂହ:** ଦିନଟି ହସଖୁସିରେ କଟିବ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଦାନ ଧର୍ମ କରିବେ।

**ତୁଳା:** ବ୍ୟବସାୟରେ କ୍ଷତି ସହି ପାରନ୍ତି। ଚିନ୍ତାଗ୍ରସ୍ତ ରହିବେ। ପାରିବାରିକ ବିବାଦ ଦେଖା ଦେଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିପାରନ୍ତି। ବନ୍ଧୁମିଳନ ଯୋଗ ଅଛି। ଆଶା ପୂରଣ ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ। ଉଧାର ଦେଇଥିବା ଟଙ୍କା ଫେରିପାଇବେ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେଇପାରେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**ମୀନ:** ବନ୍ଧୁ ମିଳନ ଯୋଗ ଅଛି। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଚକ୍ଷୁ ସମସ୍ୟା ଦେଖା ଦେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଐତିହ୍ୟ

- ୧୧୦୮ -ଲୁଇ ଷଷ୍ଠ ଫ୍ରାନ୍ସର ସମ୍ରାଟ ହେଲେ।
- ୧୪୯୨- ସ୍ପେନ୍‌ରୁ ଇହୁଦୀମାନଙ୍କୁ ବିତାଡ଼ିତ କରାଗଲା।
- ୧୮୮୬- ହିନ୍ଦୀ ସାହିତ୍ୟ ଜଗତର ପ୍ରସିଦ୍ଧ କବି ମୈଥିଳୀ ଶରଣ ଗୁପ୍ତଙ୍କ ଜନ୍ମ।
- ୧୯୭୯ - ଆମେରିକା ନେଭାଡାରେ ପରମାଣୁ ପରୀକ୍ଷା କଲା।
- ୧୯୮୫- ବାବା ଆମ୍ତେଙ୍କୁ ରମଣ ମାଗାସେସ୍ ପୁରସ୍କାର ପ୍ରଦାନ କରାଗଲା।
- ୨୦୦୪-ଆମେରିକୀୟ ମହାକାଶଯାନ ମେସେଞ୍ଜର ବୁଧ ଗ୍ରହ ଅଭିମୁଖେ ଯାତ୍ରା ଆରମ୍ଭ କଲା।

# 'ଲଭ୍ ଆଣ୍ଡ ୱାର୍' ପାଇଁ ସଞ୍ଜୟଙ୍କ ମାଷ୍ଟର ପ୍ଲାନ୍

ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲୀ ଯେତେବେଳେ କୌଣସି ସିନେମା ଆଣନ୍ତି, ତାହା ବେଶ୍ ଭବ୍ୟ ହୋଇଥାଏ। ତାଙ୍କର ଐତିହାସିକ ସେଟ୍, କଷ୍ଟ୍ୟୁମ୍, ସଙ୍ଗୀତ ପ୍ରତ୍ୟେକଟି ଜିନିଷ ଦର୍ଶକଙ୍କ ହୃଦୟକୁ ଛୁଇଁଥାଏ। ସେ ତାଙ୍କର ପ୍ରତିଟି ଫିଲ୍ମରେ ଦର୍ଶକଙ୍କୁ ଏକ ନିଆରା ଅନୁଭୂତି ଦେଇଥାନ୍ତି। ଏବେ ସଞ୍ଜୟ, ରଣବୀର କପୁର, ଆଲିଆ ଭଟ୍ଟ ଏବଂ ଭିକି କୌଶଲଙ୍କୁ ନେଇ 'ଲଭ୍ ଆଣ୍ଡ ୱାର୍' ଫିଲ୍ମ ନିର୍ମାଣ କରୁଛନ୍ତି। ତେବେ ଏହି ସିନେମାର ପ୍ରଚାର ପାଇଁ ଭଁସାଲୀ ପାରମ୍ପରିକ ପଦ୍ଧତିକୁ ଏଡ଼ାଇ ଏକ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଥିବା ଚର୍ଚ୍ଚା ହେଉଛି। ସେ ଫିଲ୍ମର ପ୍ରଚାର ପାଇଁ ଟିଜର୍ କି ପୋଷ୍ଟର୍ ସେୟାର୍ କରିବେ ନାହିଁ। ଏହା ବଦଳରେ ଦର୍ଶକଙ୍କୁ ସିଧାସଳଖ ସିନେମାର ଭବ୍ୟ ଦୁନିଆକୁ ନେଇଯିବା ପାଇଁ ଏକ ଅନନ୍ୟ ସିନେମାଟିକ୍ ପ୍ରେଜେଣ୍ଟେସନ୍ ପ୍ରସ୍ତୁତ କରାଯାଉଛି। ସାଧାରଣତଃ ଚଳଚ୍ଚିତ୍ରଗୁଡ଼ିକର ପ୍ରଚାରର ଆରମ୍ଭ ଚରିତ୍ରଗୁଡ଼ିକର ପୋଷ୍ଟର୍ କିମ୍ବା ଏକ ଛୋଟ ଟିଜର୍ ମାଧ୍ୟମରେ ହୋଇଥାଏ। ଭଁସାଲୀ କିନ୍ତୁ ଏଥର ଚିରାଚରିତ ଧାରା ବଦଳାଇବା ମୁଡ୍‌ରେ ଅଛନ୍ତି। ସେ ନିଜେ ତାଙ୍କର କ୍ରିଏଟିଭ୍ ଟିମ୍ ସହିତ ମିଶି ଏକ ସ୍ୱତନ୍ତ୍ର ପ୍ରମୋସନାଲ୍ ଆସେଟ୍ ପ୍ରସ୍ତୁତ କରୁଛନ୍ତି। ଏହା କୌଣସି ସାଧାରଣ ଟିଜର୍ କିମ୍ବା ପୋଷ୍ଟର୍ ହେବ ନାହିଁ, ବରଂ ଏଭଳି ଏକ ପ୍ରେଜେଣ୍ଟେସନ୍ ହେବ ଯାହା ପ୍ରଥମରୁ ହିଁ ଦର୍ଶକଙ୍କୁ 'ଲଭ୍ ଆଣ୍ଡ ୱାର୍'ର ପରିବେଶ, ଭବ୍ୟତା ଏବଂ ଏହାର ଭାବପ୍ରବଣତା ସହିତ ପରିଚିତ କରାଇବ। ସଞ୍ଜୟ ନିଜେ ଏହାର ପ୍ରତ୍ୟେକ ଫ୍ରେମ୍ ଏବଂ କ୍ରିଏଟିଭ୍ ଦିଗ ଉପରେ ନଜର ରଖିଛନ୍ତି। ଏହି ସ୍ୱତନ୍ତ୍ର ପ୍ରମୋସନାଲ୍ ପ୍ରେଜେଣ୍ଟେସନ ବର୍ତ୍ତମାନ ତାର ଶେଷ ପର୍ଯ୍ୟାୟରେ ଅଛି। ଯଦିଓ ଏହାର ଫର୍ମାଟ୍‌କୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ଗୋପନୀୟ ରଖାଯାଇଛି, ତଥାପି ନିର୍ମାତା ଏହାକୁ କେବଳ ଏକ ସାଧାରଣ ଭିଡିଓ ପରି ରିଲିଜ୍ କରିବେ ନାହିଁ, ବରଂ ଏହାକୁ ଏକ ବଡ଼ ଇଭେଣ୍ଟ ଭାବରେ ଉପସ୍ଥାପନ କରିବାକୁ ପ୍ରସ୍ତୁତି ଚଳାଇଥିବା ଚର୍ଚ୍ଚା ହେଉଛି। ଯଦି ସବୁକିଛି ଯୋଜନା ମୁତାବକ ଚାଲେ, ତେବେ ଖୁବ୍ ଶୀଘ୍ର ଦର୍ଶକଙ୍କ ସାମ୍ନାରେ ଭଁସାଲୀଙ୍କର ଏହି ଭିଜନ ପ୍ରକାଶ ପାଇବ। ଏହା ହିଁ ଚଳଚ୍ଚିତ୍ର ପ୍ରଚାରର ଆନୁଷ୍ଠାନିକ ଶୁଭାରମ୍ଭ ହେବ।



## ଅଫିସ୍‌ରେ ସର୍ଟସ୍

ଜାପାନରେ ଏବେ ପୁରୁଷଙ୍କ ଗୋଡ଼ କେଶକୁ ନେଇ ବିବାଦ ଦେଖା ଦେଇଛି। ଏଠାରେ ଏବେ ଭୀଷଣ ଗରମ ଅନୁଭୂତ ହେଉଛି। କିଛି ସହରରେ ତାପମାତ୍ରା ୩୫-୪୦ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଛି। ଏଭଳି ସ୍ଥିତିରେ ଗରମରୁ ଆଶ୍ୱସ୍ତି ପାଇବା ଲାଗି ଏବଂ ଏୟାର୍ କଣ୍ଡିସନ୍‌ରର କମ୍ ବ୍ୟବହାର କରିବା ପାଇଁ ଟୋକିଓ ପ୍ରଶାସନ ପକ୍ଷରୁ କର୍ମଚାରୀଙ୍କୁ ଅଫିସ୍‌ରେ ହାଲୁକା ଓ ଆରାମଦାୟକ ପୋଷାକ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି। ଏଣୁ ପୁରୁଷ କର୍ମଚାରୀଙ୍କୁ ପ୍ରଥମଥର ପାଇଁ ଅଫିସ୍‌ରେ ସର୍ଟସ୍ ପିନ୍ଧିବାର ଅନୁମତି ମିଳିଛି। ଏହି ପଦକ୍ଷେପ କର୍ମଚାରୀଙ୍କୁ ଗରମରୁ ରକ୍ଷା କରିବା ତଥା ବିଜୁଳି ସଞ୍ଚୟ ଲାଗି ଗ୍ରହଣ କରାଯାଇଛି। ଅନ୍ୟପଟେ ପୁରୁଷମାନେ ସର୍ଟସ୍ ପିନ୍ଧି ଅଫିସ୍ ଆସିବାରୁ ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ କିଛି ମହିଳା ଅସହମତି ପ୍ରକାଶ କରିଛନ୍ତି। ଅଫିସ୍‌ରେ ପୁରୁଷଙ୍କ ଗୋଡ଼ରେ କେଶକୁ ଦେଖି ସେମାନେ ଅସହଜ ମନେ କରୁଥିବା କହିଛନ୍ତି। ଏହାକୁ ମହିଳାମାନେ 'ଲେଗ୍ ହେୟାର୍ ହାରାସ୍‌ମେଣ୍ଟ' ବୋଲି କହୁଛନ୍ତି। କିଛି ମହିଳାଙ୍କ ମତରେ ଆଜି ବି ମହିଳାଙ୍କ ଲାଗି ଅଫିସ୍‌ରେ ଡ୍ରେସ୍ କୋଡ୍ ନିୟମକୁ କଡ଼ାକଡ଼ି ପାଳନ କରାଯାଇଛି। ଏପରିକି ପ୍ରଫେସନାଲ ଲାଗିବା ଲାଗି ମେକ୍‌ଅପ୍ ଏବଂ ଗ୍ରୁମିଂ ଉପରେ ଧ୍ୟାନ ଦେବାକୁ ପଡୁଛି। ଏଭଳି ସ୍ଥିତିରେ ପୁରୁଷ ଓ ମହିଳାମାନଙ୍କ ପାଇଁ କାହିଁକି ସମାନ ଡ୍ରେସ୍ କୋଡ୍ କରାଯାଉ ନାହିଁ, ତାହାକୁ ନେଇ ବିବାଦ ଦେଖା ଦେଇଛି। କିଛି ମହିଳାଙ୍କ କହିବା କଥା, ସମାଜ ଓ ଅଫିସ୍ ସଂସ୍କୃତିରେ ମହିଳାମାନଙ୍କୁ ଗୋଡ଼ ସଫା ରଖିବାକୁ ବା ଗୋଡ଼ ଘୋଡ଼ାଇବା ପାଇଁ 'ଟାଇଟ୍ସ' ପିନ୍ଧିବାକୁ ବାଧ କରାଯାଏ, ଅଥଚ ପୁରୁଷମାନଙ୍କୁ ଏଭଳି ଖୋଲା ଗୋଡ଼ରେ ଆସିବାକୁ ଅନୁମତି ଦିଆଯାଉଛି, ଯାହା ପାତରଅନ୍ତର ଅଟେ ପୁରୁଷମାନେ ଯଦି ଆରାମଦାୟକ ପୋଷାକ ପିନ୍ଧିପାରିବେ, ତେବେ ମହିଳାଙ୍କୁ ମଧ୍ୟ ଡ୍ରେସ୍ କୋଡ୍‌ର ସୁବିଧା ମିଳିବା ଦରକାର। ସେମାନଙ୍କ ମତରେ ଏ ନିୟମ ସମସ୍ତଙ୍କ ପାଇଁ ସମାନ ହେବା ଉଚିତ। ଅବଶ୍ୟ ଏହି ତର୍କ ପରେ ପୁରୁଷମାନେ ଲେଜର ହେୟାର୍ ରିମୁଭାଲ କରାଉଥିବା ଘଟଣା ନଜରକୁ ଆସିଛି।

## ସବୁଠାରୁ ଧନୀ ଗାଁ; ରହିବାକୁ ଲୋକ ନାହାଁନ୍ତି

ପଞ୍ଜାବର ଜଳନ୍ଧର ଜିଲ୍ଲାରେ ଥିବା ଦାଦୂୱାଲ ଗାଁର ପ୍ରତ୍ୟେକ ଗଳି ଏବଂ ଘର କୌଣସି ବିଦେଶୀ ସହରଠାରୁ କମ୍ ନୁହେଁ। ଏଠାରେ କୋଟି କୋଟି ଟଙ୍କା ବ୍ୟୟରେ ବଡ଼ ବଡ଼ ଆଲିସାନ୍ କୋଠା ଓ ମହଲ ସଦୃଶ ଘର ନିର୍ମାଣ କରାଯାଇଛି। ଗାଁର ରାସ୍ତାଗୁଡ଼ିକ ମଧ୍ୟ ଅତ୍ୟନ୍ତ ଚମତ୍କାର ଓ ସଫାସୁତୁରା। ଏହି ଗାଁକୁ ସବୁଠୁ ଧନୀ ଗାଁ ବୋଲି ବିବେଚନା କରାଯାଏ। ହେଲେ ଆଶ୍ଚର୍ଯ୍ୟର କଥା, କୋଟି କୋଟି ଟଙ୍କାର ତିଆରି ହୋଇଥିବା ଏହି ଘରଗୁଡ଼ିକରେ ରହିବାକୁ ଲୋକ ନାହାଁନ୍ତି। ଯାହାଫଳରେ ଗାଁର ଅଧିକାଂଶ ଘରଗୁଡ଼ିକ ଖାଲି ପଡ଼ିଥିବାବେଳେ ଧୂଳି ମଳିରେ ଆଚ୍ଛାଦିତ ହୋଇ ରହିଛି। ପ୍ରତ୍ୟେକ ଘର ସାମ୍ନାରେ ବଡ଼ ବଡ଼ ତାଲା ଝୁଲୁଥିବା ଦେଖିବାକୁ ମିଳିଥାଏ। ମୋଟାମୋଟି କହିବାକୁ ଗଲେ ଗାଁଟି ବେଶ୍ ନିର୍ଜନ ଅବସ୍ଥାରେ ରହିଛି। ତେବେ ଗାଁରେ ଲୋକ ନ ରହିବାର ମୂଳ କାରଣ ହେଉଛି ଏଠାରେ ଅଧିକାଂଶ ଲୋକ ଅର୍ଥ ରୋଜଗାର କରିବା ଉଦ୍ଦେଶ୍ୟରେ ଆମେରିକା-କାନାଡ଼ା ଏବଂ ଅନ୍ୟାନ୍ୟ ଦେଶରେ ଯାଇ ବସବାସ କରୁଛନ୍ତି। ଅଧିକାଂଶ ବ୍ରିଟେନରେ ରହୁଛନ୍ତି। ଏମିତି ବି ଅନେକ ଲୋକ ଅଛନ୍ତି ଯେଉଁମାନେ ବିଦେଶରୁ ରୋଜଗାର କରି ଗାଁରେ ବିଳାସପୂର୍ଣ୍ଣ ଘର ତିଆରି କରିଛନ୍ତି। ସେହିପରି ଗୋଟିଏ ପରିବାରର ଅଧିକାଂଶ ସଦସ୍ୟ ଭିନ୍ନ ଭିନ୍ନ ଦେଶରେ ରହିଥାନ୍ତି, ତେଣୁ ବର୍ଷକୁ ମାତ୍ର ଦୁଇ ଚାରି ଦିନ ଲାଗି ଏମାନେ ଗାଁକୁ ଆସନ୍ତି। ଗାଁରେ ରହି ଯାଇଥିବା ଲୋକେ ସେମାନଙ୍କ ସମ୍ପର୍କୀୟମାନଙ୍କୁ ଭେଟିବା ପାଇଁ ବର୍ଷ ବର୍ଷ ଧରି ଚାହିଁ ବସିଥାନ୍ତି। ଏହି ଗାଁର ସବୁଠାରୁ ଆଶ୍ଚର୍ଯ୍ୟଜନକ ଓ ଆକର୍ଷଣୀୟ କଥା ହେଉଛି, ଏଠାକାର ଲୋକମାନେ ବିଦେଶ ଯିବା ପୂର୍ବରୁ ନିଜ ସପନର ପ୍ରତିକୃତିକୁ ଘର ଛାତ ଉପରେ ନିର୍ମାଣ କରନ୍ତି। ସେଥିପାଇଁ ଏହି ଗାଁରେ ଉଡ଼ାଜାହାଜ, ବୁଲେଟ୍ ବାଇକ୍, ଟ୍ରାକ୍ଟର କିମ୍ବା ଘୋଡ଼ାଆକୃତିର ପାଣିଟାଙ୍କି ଦେଖିବାକୁ ମିଳିଥାଏ। ଏହି ବିଶାଳ ମହଲଗୁଡ଼ିକ କେବଳ ସେତେବେଳେ ଖୋଲେ, ଯେତେବେଳେ ବିଦେଶରେ ରହୁଥିବା ଏହି ଏନ୍‌ଆର୍‌ଆଇ ପରିବାରଗୁଡ଼ିକ ଛୁଟି କାଟିବାକୁ କିମ୍ବା କୌଣସି ବାହାଘର ଉତ୍ସବ ପାଇଁ ବର୍ଷକରେ ଅଳ୍ପ ଦିନ ପାଇଁ ଗାଁକୁ ଆସନ୍ତି। ବାକି ସାରା ବର୍ଷ ଗାଁଟି ସମ୍ପୂର୍ଣ୍ଣ ଶାନ୍ତ ଓ ଜନଶୂନ୍ୟ ହୋଇ ରହିଥାଏ। ଏହି କାରଣରୁ ଏହାକୁ ପଞ୍ଜାବର 'ଏନ୍‌ଆର୍‌ଆଇ ଗ୍ରାମ' ବୋଲି କୁହାଯାଏ।



## ସ୍ୱସ୍ତି

### ଶ୍ରାବଣ ସୋମବାରର ଶୁଭ ରଙ୍ଗ



ଶ୍ରାବଣ ମାସ ଶିବ ଭକ୍ତି, ଆତ୍ମଶୁଦ୍ଧି ଓ ନୂଆ ଶକ୍ତିର ଏକ ପବିତ୍ର ଅବସର। ଏହି ପୂରା ମାସ ମହାଦେବଙ୍କ କୃପା ପାଇବା ଲାଗି ଶ୍ରଦ୍ଧା, ସଂଯମ, ଭଲ ମନରେ ମହାଦେବଙ୍କୁ ସ୍ମରଣ କରିବା ଉଚିତ। ସେହିପରି ଶ୍ରାବଣ ମାସର ଚାରିଟି ସୋମବାରରେ କେଉଁ ରଙ୍ଗ ପିନ୍ଧିବା ଶୁଭ, ସେ ସମ୍ପର୍କରେ ଜାଣିବା।

**ପ୍ରଥମ ସୋମବାର:** ଶ୍ରାବଣ ମାସ ପ୍ରଥମ ସୋମବାରରେ ସବୁଜ ରଙ୍ଗ ପିନ୍ଧିବା ଭଲ। ବୁଦ୍ଧି, ବ୍ୟବସାୟ, ଉନ୍ନତି ଓ ସନ୍ତୁଳନ କାରକ ସବୁଜ ରଙ୍ଗ। ଏହି ରଙ୍ଗକୁ ସକାରାତ୍ମକ ଶକ୍ତି ଓ ନୂଆ ଆରମ୍ଭର ପ୍ରତୀକ ବୋଲି ବିବେଚନା କରାଯାଏ।

**ଦ୍ୱିତୀୟ ସୋମବାର:** ଦ୍ୱିତୀୟ ସୋମବାରରେ ଧଳା ରଙ୍ଗ ପିନ୍ଧିବା ଉତ୍ତମ। ଧଳା ରଙ୍ଗ ଶାନ୍ତ ମନ, ଶୀତଳତା ଓ ମାନସିକ ସନ୍ତୁଳନର କାରକ। ଧଳା ରଙ୍ଗକୁ ପବିତ୍ରତା ଏବଂ ସକାରାତ୍ମକତାର ପ୍ରତୀକ ବୋଲି କୁହାଯାଏ।

**ତୃତୀୟ ସୋମବାର:** ତୃତୀୟ ସୋମବାରରେ ହଳଦିଆ ରଙ୍ଗର ଯେକୌଣସି ବସ୍ତ୍ର ପରିଧାନ କରିବା ମଙ୍ଗଳ। ଉନ୍ନତି, ନବ ଅବସର, ସମୃଦ୍ଧି ଓ ଜ୍ଞାନର କାରକ ଭାବେ ହଳଦିଆ ରଙ୍ଗକୁ ଗ୍ରହଣ କରାଯାଏ। ଏହା ସୌଭାଗ୍ୟ ଓ ସଫଳତାର ବି ପ୍ରତୀକ।

**ଚତୁର୍ଥ ସୋମବାର:** ପ୍ରେମ, ସୁନ୍ଦରତା, ମଧୁରତା ଓ ଆକର୍ଷଣର କାରକ ଗୋଲାପି। ଏଣୁ ଚତୁର୍ଥ ତଥା ଶେଷ ସୋମବାରେ ଗୋଲାପି ରଙ୍ଗ ପୋଷାକ ପରିଧାନ କରନ୍ତୁ। ଏହି ରଙ୍ଗ ସମ୍ପର୍କରେ ପ୍ରେମ ଓ ସାମଞ୍ଜସ୍ୟ ବଢ଼ାଇବାର ପ୍ରତୀକ ଭାବେ ଦେଖାଯାଏ।

## ଶ୍ରାବଣରେ ଶିବ ଉପାସନା

**ଆଜି ହେଉଛି ଶ୍ରାବଣ ମାସର ପ୍ରଥମ ସୋମବାର। ଭଗବାନ ଶିବଙ୍କ ପୂଜା ଆରାଧନା କରିବା ଲାଗି ଏହା ହେଉଛି ଉତ୍କୃଷ୍ଟ ସମୟ। ଏହି ମାସରେ ଶିବଙ୍କ କୃପା ଲାଭ ପାଇଁ ଶିବଭକ୍ତମାନେ ବ୍ରତ ରଖି ବୋଲବମ୍ ଯାତ୍ରା କରିଥାନ୍ତି।**



ହିନ୍ଦୁ ପଞ୍ଜିଙ୍ଗରେ ପଞ୍ଚମ ମାସ ହେଉଛି ଶ୍ରାବଣ। ତେବେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ରହନ୍ତି, ସେହି ଅନୁସାରେ ମାସର ନାଁ ରଖାଯାଏ। ଏହିପ୍ରକାରେ ଏହି ମାସ ଯେତେବେଳେ ଆରମ୍ଭ ହୁଏ, ସେତେବେଳେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଶ୍ରବଣା ନକ୍ଷତ୍ରରେ ବିରାଜମାନ ହୋଇଥାନ୍ତି। ସେଥିପାଇଁ ଏହି ମାସ ଶ୍ରାବଣ ନାଁରେ ପରିଚିତ। ଭଗବାନ ଶିବଙ୍କୁ ବିଭିନ୍ନ କାରଣ ପାଇଁ ଶ୍ରାବଣ ମାସ ବେଶ୍ ପ୍ରିୟ। କୁହାଯାଏ, ଏହି ମାସରେ ମାତା ପାର୍ବତୀ ବର ଭାବେ ଶିବଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ ଓ ତପସ୍ୟା ବି କରିଥିଲେ। ସେଥିପାଇଁ ଏହି ମାସ ଭଗବାନ ଶିବଙ୍କର ଅତି ପ୍ରିୟ।

ସମୁଦ୍ର ମନ୍ଥନରୁ ବାହାରିଥିବା ହଳାହଳ ବିଷକୁ ଯେତେବେଳେ ମହାଦେବ ପାନ କଲେ ସେତେବେଳେ ତାଙ୍କ ଶରୀରର ତାପ ବଢ଼ିଲା ଏବଂ ଏହି ତାପକୁ କମ୍ କରିବା ପାଇଁ ଭଗବାନ ଶିବଙ୍କ ଉପରେ ଦେବତାମାନେ ଜଳ ବର୍ଷା କଲେ। ଏହଦ୍ୱାରା ଶିବଙ୍କୁ ଶୀତଳତା ମିଳିଥିଲା। ସେହିପରି ଶ୍ରାବଣ ମାସରେ ବର୍ଷା ହୁଏ। ଏ ଦୃଷ୍ଟିରୁ ଏହା ହେଉଛି ଭଗବାନ ଶିବଙ୍କ ପ୍ରିୟ।

ଅନ୍ୟପଟେ ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥିବାରୁ ସୃଷ୍ଟିର କାର୍ଯ୍ୟଭାର ଭଗବାନ ଶିବ ସମ୍ଭାଳିଥାନ୍ତି। ଏହି ତମାମ ମାସ ଶିବ ପ୍ରସନ୍ନ ମୁଦ୍ରାରେ ରହନ୍ତି। ଏଣୁ ଏହି ସମୟରେ ରୁଦ୍ରାଭିଷେକ କରିବା ଶୁଭ ବୋଲି ବିବେଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସରଳ ଜୀବନ ଅତିବାହିତ କରିବା ଭଲ। ଏହି ମାସରେ ତାମସିକ ଭୋଜନକୁ ତ୍ୟାଗ କରି ଶିବ ମନ୍ତ୍ରକୁ ଜପ କରିବା ଦରକାର। ସୋମବାର ବ୍ରତ ରଖିବା ଉତ୍ତମ। ଶ୍ରାବଣ ମାସରେ ଶିବଲିଙ୍ଗରେ କ୍ଷୀର, ବେଲପତ୍ର, କେତକୀ ଫୁଲ ଅର୍ପଣ କଲେ ସମସ୍ତ ମନସ୍କାମନା ପୂରଣ ହୁଏ।

## ତିନୋଟି ରୁଟି ପରଷୁଥିଲେ

**ଭାରତୀୟ ସଂସ୍କୃତିରେ ଭୋଜନ ତଥା ଖାଦ୍ୟ ପରଷିବାକୁ ନେଇ ଅନେକ ନିୟମ ଅଛି। ତେବେ ଥାଳିରେ ଏକକାଳୀନ ତିନୋଟି ରୁଟି ପରଷିବାକୁ ବାରଣ କରାଯାଇଛି। ଏହାକୁ ଅଶୁଭ ବୋଲି କୁହାଯାଏ। ବାସ୍ତୁ ଶାସ୍ତ୍ର ଅନୁସାରେ ଏହା ପଛରେ ଧାର୍ମିକ, ମନୋବୈଜ୍ଞାନିକ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧିତ କାରଣ ଅଛି।**

ପୌରାଣିକ ମାନ୍ୟତାନୁସାରେ, ତିନି ସଂଖ୍ୟାକୁ ଶୁଭ ବୋଲି କୁହାଯାଇ ନାହିଁ। ଥାଳିରେ ତିନୋଟି ରୁଟି ରଖିବା ମୃତକ ଭୋଜନ ସହ ସମାନ ବୋଲି କୁହାଯାଏ। ଯାହାକି ନକାରାତ୍ମକତାର କାରଣ।

- ବାସ୍ତୁ ଓ ଜ୍ୟୋତିଷ ଶାସ୍ତ୍ରରେ କୁହାଯାଇଛି ଯେ, ଭୋଜନ ଥାଳିରେ ଏକକାଳୀନ ତିନି ସଂଖ୍ୟାର କୌଣସି ଜିନିଷ ରଖିଲେ ମନରେ ନକାରାତ୍ମକ ଚିନ୍ତାଧାରା ଆସେ। ଘରର ସୁଖ, ସମୃଦ୍ଧି ପ୍ରଭାବିତ ହୁଏ।
- ସେହିପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ସନ୍ତୁଳିତ ଭୋଜନ ଲାଗି ଦୁଇଟି ରୁଟି, ଗୋଟେ ଗିନା ଡାଲି, ତରକାରି ଓ ଅନ୍ନ ରଖିବା ପର୍ଯ୍ୟାପ୍ତ। ତେଣୁ ଥାଳିରେ ଏକକାଳୀନ ଅଧିକ ରୁଟି ପରଷିବା ଦ୍ୱାରା ଜଣେ ଆବଶ୍ୟକତାଠାରୁ ଅଧିକ ଖାଆନ୍ତି। ଏହା ଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୁଏ।



- ତେବେ ବାସ୍ତୁରେ ଥାଳିରେ ତିନୋଟି ରୁଟି ଦେବାକୁ ନେଇ ନିୟମ ଅଛି। ତୃତୀୟ ରୁଟିକୁ ଅଧା ଛିଣ୍ଡାଇ ଥାଳିରେ ରଖିବା ଉଚିତ।
- ପ୍ରଥମେ ଦୁଇଟି ରୁଟି ପରଷନ୍ତୁ। ଦୁଇଟି ରୁଟି ଶେଷ ହେବା ପରେ ତୃତୀୟ ରୁଟି ଖାଇବାକୁ ଦେଇପାରିବେ।
- ଅନ୍ୟପଟେ ଥାଳିରେ ୪ଟି ରୁଟି ରଖିପାରିବେ। ତିନି ରୁଟି ସହିତ ଅଳ୍ପ ଅନ୍ନ ରଖିଲେ ମୁଖ୍ୟ ଖାଦ୍ୟର ସଂଖ୍ୟା ଆଉ ତିନି ହୋଇ ନ ଥାଏ।

## ପୂଜାରେ କର୍ପୂର ଓ ଲବଙ୍ଗ ଜାଳିବାର ମହତ୍ତ୍ୱ

**ପୂଜାରେ ଆରତି କରିବା ସମୟରେ କର୍ପୂର ଓ ଲବଙ୍ଗ ଜଳାଯାଏ। ଏହି ପରମ୍ପରା ବହୁ ପ୍ରାଚୀନ ହୋଇଥିଲେ ହେଁ ଏହା ପଛରେ ଆଧ୍ୟାତ୍ମିକ ଓ ବୈଜ୍ଞାନିକ କାରଣ ଅଛି।**

ଅନେକ ସମୟରେ ଘରେ ଅଯଥା ଚାପ ଓ ମନ ଭାରାକ୍ରାନ୍ତ ଲାଗେ। ସନ୍ଧ୍ୟାରେ କର୍ପୂର ସହିତ ଦୁଇଟି ଲବଙ୍ଗ ଜାଳି ପୂରା ଘରେ ବୁଲାଇଲେ ନକାରାତ୍ମକତା ଦୂର ହୁଏ। ଏହାର ମହକରେ ଘର ଆନନ୍ଦିତ ଲାଗେ। କର୍ପୂର ଓ ଲବଙ୍ଗକୁ ଏକାଠି ଜାଳିବାର ଅନ୍ୟତମ ଲାଭ ହେଉଛି ଏହାର ଜୀବାଣୁ ଓ ଭୂତାଣୁ ସହିତ ଲଢ଼ିବାର କ୍ଷମତା ଅଛି। ଏହା ଲବଙ୍ଗ ସହିତ ଜଳିବାରୁ ଏହାର ଧୂଆଁ ପବନରେ ବ୍ୟାପି ହାନିକାରକ ବ୍ୟାକ୍ଟେରିଆକୁ ନଷ୍ଟ କରିଥାଏ। ଏହା ଦ୍ୱାରା ଘରର ବାୟୁ ଶୁଦ୍ଧ ହୁଏ ଏବଂ ଶ୍ୱାସକ୍ରିୟାରେ ସତେଜତା ଅନୁଭବ ହୁଏ।

ପ୍ରାଚୀନ ମାନ୍ୟତାନୁସାରେ, ବାରମ୍ବାର କୌଣସି କାମ ଅଟକି ରହୁଥିଲେ କିମ୍ବା ଆର୍ଥିକ ସମସ୍ୟା ଦେଖା ଦେଉ ଥିଲେ କର୍ପୂର ଓ ଲବଙ୍ଗ ଜାଳିବାକୁ ଶୁଭ ବୋଲି କୁହାଯାଏ। ତେବେ ସନ୍ଧ୍ୟାରେ ରୁପା ତଥା ମାଟି ଦୀପରେ କର୍ପୂର ଓ ଲବଙ୍ଗ ଜାଳିବା ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ବଜାୟ ରହେ। ଘରେ ସୁଖ ଓ ସମୃଦ୍ଧି ଆସେ। କର୍ପୂର ଓ ଲବଙ୍ଗ ଜାଳିବା ଦ୍ୱାରା ଏହାର ସୁଗନ୍ଧ ମସ୍ତିଷ୍କକୁ ଶାନ୍ତ କରେ ଓ ଥକ୍କାପଣକୁ ଦୂର କରେ। ମନ ଶାନ୍ତ ରହିବା ଦ୍ୱାରା ଏକାଗ୍ରତା ବୃଦ୍ଧି ପାଏ ଏବଂ ଠିକ୍ ନିର୍ଣ୍ଣୟ ନେବା ସହଜ ହୁଏ।



## ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉଦ୍‌ଯାପିତ

# ଭାରତର ଶ୍ରେଷ୍ଠ ଅଲ୍‌ରାଉଣ୍ଡ ପ୍ରଦର୍ଶନ



ପଦକ ବିଜୟୀ ଭାରତୀୟ ମହିଳା ବକ୍ସର

ଗ୍ଲାସ୍‌ଗୋ,୨।୮ (ଏଜେନ୍ସି)

ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା। ୧୦ଟି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା୧୨୬ଜଣ ଆଥ୍‌ଲେଟ ୩୯ଟି ପଦକ ବିଜୟୀ ହୋଇଛି। ପଦକ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ପଦକ ବିଜୟ ଦୃଷ୍ଟିରୁ ଏହା ଭାରତର ଶ୍ରେଷ୍ଠ ଅଲରାଉଣ୍ଡ ପ୍ରଦର୍ଶନ କରିଛି। ଭାରତୀୟ ପ୍ରତିଯୋଗୀଙ୍କ ଏହି ପ୍ରଦର୍ଶନ ଦେଶବାସୀ ଓ ସମର୍ଥକଙ୍କୁ ବେଶ ଆମୋଦିତ କରିଛି। ଭାରତୀୟମାନେ ୩୯ଟି ପଦକ ଜିତିଛନ୍ତି ସତ, କିନ୍ତୁ ଯେଉଁଭଳି ଭାବେ ପ୍ରାଧାନ୍ୟ ବିସ୍ତାର କରିଥିଲେ ତାହା ବେଶ ରୋମାଞ୍ଚକର ହୋଇପାରିଥିଲା। ଭାରତ ମୋଟ ୧୩ ସ୍ୱର୍ଣ୍ଣ, ୧୭ ରୌପ୍ୟ ଓ ୯ କାଂସ୍ୟ ପଦକ ସହ ୩୯ଟି ପଦକ ଜିତି ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସଫଳ ହୋଇଥିଲା। ଏଥରେ ମୁଷ୍ଟିଯୋଦ୍ଧାମାନେ ପୂର୍ବର ସମସ୍ତ ରେକର୍ଡକୁ ଭାଙ୍ଗିଦେଇଥିଲାବେଳେ ଜୁଡୋ ପ୍ରତିଯୋଗୀଙ୍କ ଅପ୍ରତ୍ୟାଶିତ ପ୍ରଦର୍ଶନ, ପାରାଆଥଲେଟଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଓ ଆଥଲେଟିକ୍ସରେ ଏକାଧିକ ପଦକ ବିଜୟ ଭାରତର ଏହି ସଫଳ ପ୍ରଦର୍ଶନରେ ଏକ ମାଇଲଖୁଂଟ ହୋଇ ଛିଡ଼ା ହୋଇଛି।

**ମୁଷ୍ଟିଯୁଦ୍ଧ:** ଏହି ପ୍ରତିଯୋଗିତାରେ ଭାରତକୁ ମୁଷ୍ଟିଯୁଦ୍ଧରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ସର୍ବାଧିକ ସଫଳତା ମିଳିଛି। ଏଥିରେ ୧୦ଜଣ ପ୍ରତିଯୋଗୀ ୭ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ଜିତି ଐତିହାସିକ ସଫଳତା ପାଇଛନ୍ତି। ମହିଳା ମୁଷ୍ଟିଯୋଦ୍ଧା ପ୍ରୀତି ପାୱାର, ଯସ୍ମିନ୍ ଲାମ୍ବୋରିଆ, ପ୍ରିୟା ଘାଙ୍ଗାସ, ସାକ୍ଷୀ ଚୌଧୁରୀ ଓ ଅରୁନ୍ଧତି ଚୌଧୁରୀ ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ଏମାନଙ୍କ ସହ ସଚିନ ସିୱାଚ୍ ଓ ଅଙ୍କୁଶ ପାଙ୍ଘଲ ସ୍ୱର୍ଣ୍ଣପଦକ ଜିତିବାରେ ସଫଳ ହୋଇଥିଲେ।

**ଜୁଡୋ ଓ ପାରା ଆଥଲେଟିକ୍ସ:** ଜୁଡୋ ଓ ପାରା ଆଥଲେଟିକ୍ସରେ ଭାରତକୁ ମଧ୍ୟ ଐତିହାସିକ ସଫଳତା ମିଳିଥିଲା। ତ୍ରିପୁରାର ଅସ୍ମିତା ଦେ' ଓ ହର୍ଷ ସିଂ ସ୍ୱର୍ଣ୍ଣ, ଯାମିନ ମୌର୍ଯ୍ୟ ରୌପ୍ୟ ଓ ଉନ୍ନତି ଶର୍ମା କାଂସ୍ୟ ପଦକ ଜିତି ଭାରତ ଲାଗି ଇତିହାସ ସୃଷ୍ଟି କରିଥିଲେ। ତ୍ରିପୁରା ସାଇକଲ ମେକାନିକ୍‌ଙ୍କ ଝିଅ ଅସ୍ମିତା ଭାରତ ଲାଗି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ପ୍ରଥମ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଅନ୍ତର୍ଜାତୀୟସ୍ତରରେ ଭାରତର ପାରା ଆଥ୍‌ଲେଟମାନେ ଧୀରେ ଧୀରେ ପ୍ରାଧାନ୍ୟ ବିସ୍ତାର କରିଥିଲାବେଳେ ଏଠାରେ ଶ୍ରେଷ୍ଠ ସଫଳତା ମିଳିଥିଲା। ଭାରତୀୟ ପ୍ରତିଯୋଗୀମାନେ ୩ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୨ଟି କାଂସ୍ୟ ଏହି ଇଭେଣ୍ଟରୁ ଜିତିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏହା ଭାରତର ଶ୍ରେଷ୍ଠ ସଫଳତା। ଏପରିକି ୩ଜଣ ପ୍ରତିଯୋଗୀ ଶର୍ମିଳା ଧନକଡ଼, ଦିଲୀପ ଗାଭିଟ ଓ ସୋମନ ରାଣା ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହି ଇଭେଣ୍ଟରେ ସବୁଠାରୁ ବଡ଼ କଥା ହେଲା ଦୀର୍ଘ ୨୦ ବର୍ଷ ପରେ ଭାରତ ଏଥିରେ ପଦକ ଜିତିବାରେ ସଫଳ ହୋଇଥିଲା। ଏଣୁ ପାରାଆଥଲେଟିକ୍ସ ଭାରତ ଲାଗି ଏକ ନୂଆ ମେଡାଲ ଇଭେଣ୍ଟରେ ପରିଣତ ହୋଇଛି।

**ଆଥଲେଟିକ୍ସ:** ଆଥଲେଟିକ୍ସରେ ଭାରତ ଏଥର ଏକାଧିକ ପଦକ ବିଜୟୀ ହୋଇଛି। ଏଥିରେ ୫ଟି ରୌପ୍ୟ ଓ ୫ଟି କାଂସ୍ୟ ପଦକ ରହିଛି। ଏଥିରେ ଦୁଇଟି ଇଭେଂଟ ଯଥା ପୁରୁଷ ଜାଭେଲିନ୍ ଓ ଟ୍ରିପଲ ଜମ୍ପରେ ୨ଟି ଲେଖାଏଁ ପଦକ ବିଜୟ ଆମର ପ୍ରାଧାନ୍ୟକୁ ସୂଚାଇଛି। ଜାଭେଲିନ୍‌ରେ ନୀରଜ ଚୋପ୍ରା ରୌପ୍ୟ ଓ ଯଶବୀର ସିଂ କାଂସ୍ୟ ଜିତିଥିଲେ। ସେହିପରି ଟ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରାଭେଲ ଓ ସେଲଭା ପ୍ରଭୁ ମଧ୍ୟ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ପୁରୁଷ ଡେକାଥଲନରେ ତେଜସ୍ୱିନ ଶଙ୍କର କାଂସ୍ୟ ପଦକ ଜିତିଥିଲେ। ଫଳରେ ସେ ଦୁଇଟି ଶ୍ରେଣୀରେ ଭାରତର ପ୍ରଥମ ଆଥଲେଟ ହେବାର ଗୌରବ ଅର୍ଜନ କରିଛନ୍ତି। ସେ ଡେକାଥଲନରେ ପ୍ରଥମ ଭାରତୀୟଭାବେ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଥମ ଆଥଲେଟ ଭାବେ ଦୁଇଟି ଇଭେଂଟରେ ପଦକ ଜିତିବାର ବିରଳ ରେକର୍ଡ କରିଥିଲେ। ୨୦୨୨ କ୍ରୀଡ଼ାରେ ସେ ପୁରୁଷ ହାଇଜମ୍ପରେ କାଂସ୍ୟ ଜିତିଥିଲେ। ସେହିପରି ଆଉ ଏକ ରେକର୍ଡ କରିଛନ୍ତି ଲଙ୍ଗ ଡିଷ୍ଟାନ୍ସ ରନର ଗୁଲବୀର ସିଂ। ସେ ପୁରୁଷ ବିଭାଗର ଉଭୟ ୫୦୦୦ ଓ ୧୦୦୦୦ ମିଟର ଦୌଡ଼ରେ ଯଥାକ୍ରମେ କାଂସ୍ୟ ଓ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ସେ ଭାରତର ପ୍ରଥମ ଆଥଲେଟଭାବେ ଗୋଟିଏ ପ୍ରତିଯୋଗିତାରେ ୨ଟି ପଦକ ଜିତିବାର ରେକର୍ଡ କରିଛନ୍ତି।

**ଭାରୋତ୍ତୋଳନ:** ଭାରୋତ୍ତୋଳନ ଭାରତକୁ ଏକ ଶକ୍ତିଭାବେ ବିବେଚନା କରାଯାଇଥାଏ। ଏଥର ଏହି ଇଭେଣ୍ଟରୁ ୮ଟି ପଦକ ମିଳିଥିଲେ ମଧ୍ୟ ମିରାବାଇ ଚାନୁ ଏକମାତ୍ର ପ୍ରତିଯୋଗୀ ଯିଏକି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଅନ୍ୟ ପ୍ରତିଯୋଗୀଙ୍କୁ ୬ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ମିଳିଥିଲା। ଏହି ଇଭେଂଟରେ ଭାରତ ପୂର୍ବରୁ ଭଲ କରିଆସିଛି ଓ ଏଥର ୩ଟି ସ୍ୱର୍ଣ୍ଣ ପଦକ ଜିତିବ ବୋଲି ଆଶା କରାଯାଉଥିଲା। କିନ୍ତୁ ସେଥିରେ ସଫଳ ହୋଇପାରି ନଥିଲା।

### ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ତାଲିକା

| ର୍‍ୟାଙ୍କ | ଦେଶ | ସ୍ୱର୍ଣ୍ଣ | ରୌପ୍ୟ | କାଂସ୍ୟ | ମୋଟ୍ |
|---|---|---|---|---|---|
| ୧ | ଅଷ୍ଟ୍ରେଲିଆ | ୬୮ | ୪୧ | ୫୪ | ୧୬୩ |
| ୨ | ଇଂଲଣ୍ଡ | ୨୭ | ୪୩ | ୩୬ | ୧୦୬ |
| ୩ | କାନାଡା | ୧୮ | ୨୦ | ୨୧ | ୫୯ |
| ୪ | ଭାରତ | ୧୩ | ୧୭ | ୯ | ୩୯ |
| ୫ | ସ୍କଟଲାଣ୍ଡ | ୧୩ | ୮ | ୧୭ | ୩୮ |
| ୬ | ନାଇଜେରିଆ | ୧୦ | ୭ | ୭ | ୨୪ |
| ୭ | ଜାମାଇକା | ୧୦ | ୪ | ୫ | ୧୯ |
| ୮ | ନ୍ୟୁଜିଲାଣ୍ଡ | ୯ | ୧୩ | ୯ | ୩୧ |
| ୯ | ୱେଲ୍ସ | ୮ | ୧୦ | ୧୨ | ୩୦ |
| ୧୦ | ମାଲେସିଆ | ୮ | ୩ | ୫ | ୧୬ |

ବି.ଦ୍ର.: ପଦକ ତାଲିକାର ପ୍ରଥମ ୧୦ଟି ସ୍ଥାନରେ ରହିଥିବା ଦେଶ।

### କେଉଁଥିରୁ କେତେ ପଦକ

| ଖେଳ | ସ୍ୱର୍ଣ୍ଣ | ରୌପ୍ୟ | କାଂସ୍ୟ | ମୋଟ |
|---|---|---|---|---|
| ମୁଷ୍ଟିଯୁଦ୍ଧ | ୭ | ୩ | -- | ୧୦ |
| ଆଥଲେଟିକ୍ସ | ୩ | ୭ | ୬ | ୧୬ |
| ଜୁଡୋ | ୨ | ୧ | ୧ | ୦୪ |
| ଭାରୋତୋଳନ | ୧ | ୬ | ୧ | ୮ |
| ପାରା ଭାରୋତୋଳନ | ୦ | ୦ | ୧ | ୧ |
| ମୋଟ | ୧୩ | ୧୭ | ୯ | ୩୯ |

## ୫୦୦୦ ମିଟରରେ ଗୁଲ୍‌ବୀର ଜିତିଲେ ପ୍ରଥମ ପଦକ




ଗ୍ଲାସ୍‌ଗୋ, ୨।୮ (ଏଜେନ୍ସି): ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ଭାରତର ପ୍ରଥମ ପ୍ରତିଯୋଗୀଭାବେ ଗୁଲବୀର ସିଂ ୫୦୦୦ ମିଟର ଦୌଡ଼ରେ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଶନିବାର ବିଳମ୍ବିତ ରାତିରେ ଗ୍ଲାସ୍‌ଗୋ ଅନୁଷ୍ଠିତ ଏହି ରେସକୁ ଗୁଲବୀର ୧୩ମିନିଟ୍ ୨୪.୯୫ ସେକେଣ୍ଡରେ ପୂରଣ କରି ତୃତୀୟ ସ୍ଥାନରେ ରହିଥିଲେ। ଏହି ବିଜୟ ଫଳରେ ସେ ଭାରତ ଲାଗି ଐତିହାସିକ କାଂସ୍ୟ ପଦକ ସଫଳତା ଆଣିଛନ୍ତି। ପୂର୍ବରୁ ଜୁଲାଇ ୨୮ ରେ ଅନୁଷ୍ଠିତ ପୁରୁଷ ୧୦,୦୦୦ ମିଟର ଦୌଡ଼ରେ ଗୁଲବୀର ରୌପ୍ୟ ପଦକ ହାସଲ କରିଥିଲେ। ଫଳରେ ଗୋଟିଏ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଉଭୟ ୫,୦୦୦ ଓ ୧୦,୦୦୦ ମିଟର ଦୌଡ଼ରେ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ଆଥ୍‌ଲେଟ ହୋଇଛନ୍ତି। ସେ ମଧ୍ୟ ଗ୍ଲାସ୍‌ଗୋ କ୍ରୀଡ଼ାରେ ଭାରତ ଲାଗି ଶେଷ ବା ୩୯ ତମ ପଦକ ଜିତିବାରେ ସଫଳ ହୋଇଥିଲେ।

## ଅଳ୍ପକେ ପଦକ ହରାଇଲେ ନାରଙ୍ଗ

ମହିଳା ଜୁଡୋରେ ଭାରତର ଇଶ୍ୱରୂପ ନାରଙ୍ଗ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଏଠାରେ ପଦକ ଜିତିବାର ସମ୍ଭାବନା ସୃଷ୍ଟି କରିଥିଲେ। କିନ୍ତୁ କାଂସ୍ୟ ପଦକ ଲାଗି ହୋଇଥିବା ମୁକାବିଲାରେ ସେ କାନାଡାର କୋରାଲି ଗଡବାଉଟଙ୍କ ନିକଟରୁ ପରାଜିତ ହେବା ଫଳରେ କାଂସ୍ୟ ପଦକ ଜିତିବା ସ୍ୱପ୍ନ ସାର୍ଥକ ହୋଇ ପାରି ନ ଥିଲା। ଜୁଡୋରେ ଭାରତକୁ ଅପ୍ରତ୍ୟାଶିତ ସଫଳତା ମିଳିଛି। ଏଥିରେ ଜୁଡୋକାମାନେ ୨ ସ୍ୱର୍ଣ୍ଣ, ୧ଟି ଲେଖାଏଁ ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି।

### ଟାଇପେଇ ଓପନ୍

## ତନଭୀଙ୍କୁ ପ୍ରତୀକ୍ଷିତ ଟାଇଟଲ୍




ଟାଇପେଇ ସିଟି, ୨।୮ (ଏଜେନ୍ସି): ଯୁବ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ତନଭୀ ଶର୍ମା କ୍ୟାରିୟରରେ ପ୍ରଥମ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ୍ ଜିତିଛନ୍ତି। ଏଠାରେ ଅନୁଷ୍ଠିତ ଟାଇପେଇ ଓପନ୍‌ର ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ହୋଇ ତନଭୀ ଏହି ସଫଳତା ପାଇଛନ୍ତି। ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ତନଭୀ ୨୧-୧୬, ୨୧-୧୬ ସିଧାସଳଖ ଗେମରେ ବିଶ୍ୱର ୨୧ତମ ମାନ୍ୟତା ଭିଏତନାମର ଗୁୟେନ ଥୁ ଲିନଙ୍କୁ ପରାସ୍ତ କରିଥିଲେ। ବିଶ୍ୱର ମାନ୍ୟତାରେ ୩୬ତମ ସ୍ଥାନରେ ଥିବା ତନଭୀଙ୍କୁ ଏହି ମ୍ୟାଚ ଜିତିବାକୁ ମାତ୍ର ୩୬ ମିନିଟ ସମୟ ଲାଗିଥିଲା। ବିଜୟ ସହ ତନଭୀ ୧୭ ଲକ୍ଷ ୮୮ ହଜାର ଟଙ୍କା ପୁରସ୍କାର ପାଇଛନ୍ତି। ସେହିଭଳି ଦୀର୍ଘ ୧୮ ବର୍ଷର ବ୍ୟବଧାନ ପରେ ଜଣେ ଭାରତୀୟ ମହିଳା ଖେଳାଳି ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ଶେଷଥର ଲାଗି ୨୦୦୮ରେ ସାଇନା ନେହ୍ୱାଲ ଏଠାରେ ଟ୍ରଫି ଜିତିଥିଲେ। ୧୭ ବର୍ଷୀୟା ତନଭୀ ଏଥିପୂର୍ବରୁ ୨୦୨୪ରେ କଟକର ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ଓଡ଼ିଶା ମାଷ୍ଟର୍ସରେ ରନର୍ସଅପ୍ ହୋଇଥିଲେ।

## ହରମନପ୍ରୀତ୍‌ଙ୍କୁ ନେତୃତ୍ୱ; ଯଷ୍ଟିକା ବାଦ୍

**ଏସିଆ କପ୍**

ନୂଆଦିଲ୍ଲୀ,୨।୮ (ଏଜେନ୍ସି): ଇଂଲଣ୍ଡ ବିପକ୍ଷରେ ଚମତ୍କାର ଶତକ ହାସଲ କରି ଭାରତକୁ ଟେଷ୍ଟ ମ୍ୟାଚ୍‌ରେ ଜିତାଇଥିବା ୱିକେଟକିପର/ବ୍ୟାଟର ଯଷ୍ଟିକା ଭାଟିଆଙ୍କୁ ଏସିଆ କପ୍ ଲାଗି ଘୋଷିତ ଭାରତୀୟ ମହିଳା କ୍ରିକେଟ ଦଳରେ ସ୍ଥାନ ମିଳିନାହିଁ। ଯଷ୍ଟିକାଙ୍କ ବଦଳରେ ୧୮ ବର୍ଷୀୟା ଜି କମଳିନୀଙ୍କୁ ଦଳରେ ନିଆଯାଇଛି। ରିଚା ଘୋଷ ପ୍ରଥମ ପସନ୍ଦର ୱିକେଟରକ୍ଷକ ରହିଛନ୍ତି। ଘୋଷିତ ଦଳରେ ପ୍ରମୁଖ ସ୍ପିନର ଶ୍ରେୟଙ୍କା ପାଟିଲଙ୍କୁ ମଧ୍ୟ ସ୍ଥାନ ମିଳିନାହିଁ। ଟି-୨୦ ବିଶ୍ୱକପ୍‌ରେ ଆହତ ହେବା ପରେ ଶ୍ରେୟଙ୍କା ଏଯାଏ ଫିଟ ହୋଇ ନାହାନ୍ତି। ତାଙ୍କ ସ୍ଥାନ ପୂର୍ବପରି ପ୍ରେମା ରାୱତ ଅକ୍ତିଆର କରିଛନ୍ତି। ହରମନପ୍ରୀତ୍ କୌର ପୂର୍ବପରି ଭାରତୀୟ ଟିମ୍‌ର ନେତୃତ୍ୱ ନେବେ। ଏସିଆ କପ୍‌ର ଖେଳସୂଚୀ ଏଯାଏ ଘୋଷଣା କରାଯାଇନାହିଁ। **ଘୋଷିତ ଦଳ:** ହରମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ୍, ଭାରତୀ ଫୁଲମାଳି, ଦୀପ୍ତି ଶର୍ମା, ରିଚା ଘୋଷ ଓ ଜି କମଳିନୀ (ଉଭୟ ୱିକେଟକିପର), ଅରୁନ୍ଧତି ରେଡ୍ଡୀ, ରାଧା ଯାଦବ, ପ୍ରେମା ରାୱତ, ଶ୍ରୀ ଚରଣି, ରେଣୁକା ଠାକୁର, ନନ୍ଦିନୀ ଶର୍ମା, କ୍ରାନ୍ତି ଗୌଡ଼। **ରିଜର୍ଭ ଖେଳାଳି:** ପ୍ରତୀକା ରାୱଲ, ଉମା ଛେତ୍ରୀ, ବୈଷ୍ଣବୀ ଶର୍ମା, ସାୟାଲି ସାତଘରେ ଓ ମିନୁ ମାନି।

## ଦକ୍ଷିଣାଞ୍ଚଳ ଦଳର ନେତୃତ୍ୱ ନେବେ ତିଲକ

**ଦୁଲୀପ୍ ଟ୍ରଫି**

ହାଇଦରାବାଦ, ୨।୮ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଦୁଲୀପ୍ ଟ୍ରଫିର ଆଗାମୀ ୬୩ତମ ସଂସ୍କରଣ ଲାଗି ରବିବାର ଦକ୍ଷିଣାଞ୍ଚଳ ଦଳ ଘୋଷଣା କରାଯାଇଛି। ହାଇଦରାବାଦର ବରିଷ୍ଠ ବ୍ୟାଟର ତିଲକ ବର୍ମାଙ୍କୁ ଘୋଷିତ ୧୫ ଜଣିଆ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ସେହିଭଳି ଆନ୍ଧ୍ରପ୍ରଦେଶର ରିକି ଭୁଇଙ୍କୁ ଉପ-ଅଧିନାୟକ ଦାୟିତ୍ୱ ମିଳିଛି। ଦକ୍ଷିଣାଞ୍ଚଳ ଦଳରେ କରୁଣ ନାୟାର, ଶ୍ରେୟସ ଗୋପାଳ ଏବଂ ଏନ. ଜଗଦୀଶନଙ୍କ ପରି ତାରକା କ୍ରିକେଟର ମଧ୍ୟ ରହିଛନ୍ତି। ତେବେ ଗତବର୍ଷ ଦକ୍ଷିଣାଞ୍ଚଳର ନେତୃତ୍ୱ ନେଇଥିବା ମହମ୍ମଦ ଆଝାରୁଦ୍ଦିନଙ୍କୁ ଏଥର ଘୋଷିତ ଦଳରେ ସୁଯୋଗ ମିଳିନାହିଁ। ଅଗଷ୍ଟ ୨୩ରୁ ବେଙ୍ଗାଲୁରୁରେ ଦୁଲୀପ୍ ଟ୍ରଫି ଆରମ୍ଭ ହେବ। କିନ୍ତୁ ଗତବର୍ଷ ରନର୍ସଅପ୍ ହୋଇଥିବାରୁ ଦକ୍ଷିଣାଞ୍ଚଳକୁ ସିଧାସଳଖ ସେମିଫାଇନାଲ ଖେଳିବାର ସୁଯୋଗ ମିଳିଛି। ଅଗଷ୍ଟ ୩୦ରୁ ସେମିଫାଇନାଲ ଆରମ୍ଭ ହେବ। **ଦକ୍ଷିଣାଞ୍ଚଳ ଦଳ:** ତିଲକ ବର୍ମା (ଅଧିନାୟକ), ରିକି ଭୁଇ (ଉପ-ଅଧିନାୟକ), ଏସକେ ରସିଦ, କରୁଣ ନାୟାର, ଅଭିନବ ତେଜାରଣା, ଆର. ସ୍ମରନ୍, ଏନ. ଜଗଦୀସନ, କେ. ହିମତେଜା, ଟି. ତ୍ୟାଗରାଜନ, ଶ୍ରେୟସ ଗୋପାଲ, କେ. ସାଇ ତେଜା, ଟି. ବିଜୟ, ଅମନ ଖାନ, ଭି. କଭରପ୍ପା।

## ଅଭିଷେକଙ୍କ ବିସ୍ଫୋରକ ଦ୍ୱିଶତକ

ଅମୃତସର, ୨।୮ (ଏଜେନ୍ସି)



**୯୧ ବଲରେ ୨୩୩ ରନ, ୨୫ ଛକା ଓ ୧୫ ଚୌକା**

ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜରେ ଖରାପ ଫର୍ମ ସହିତ ସଂଘର୍ଷ କରୁଥିବା ଅଭିଷେକ ଶର୍ମା ଏକ ବିସ୍ଫୋରକ ଦ୍ୱିଶତକୀୟ ପାଳି ଖେଳିଛନ୍ତି। ପଞ୍ଜାବ କ୍ରିକେଟ୍ ସଂଘ ପକ୍ଷରୁ ଅନୁଷ୍ଠିତ ଆନ୍ତଃ-ଜିଲ୍ଲା ସିନିଅର ଏକଦିବସୀୟ ଟୁର୍ଣ୍ଣାମେଣ୍ଟରେ ଅଭିଷେକ ୯୧ ବଲରେ ୨୩୩ ରନର ମାରାଥନ ବ୍ୟାଟିଂ କରିଛନ୍ତି। ଅଭିଷେକ ଅମ୍ରିତସର ପକ୍ଷରୁ ଖେଳୁଥିବାବେଳେ ତରନ ତରନ ଜିଲ୍ଲା ଦଳ ବିପକ୍ଷରେ ଏହି ବିଧ୍ୱଂସୀ ପାଳି ଖେଳିଥିଲେ। ଯେଉଁଥିରେ ସେ ୧୫ଟି ଚୌକା ଓ ୨୫ଟି ଛକା ମାରିଥିଲେ। ଫଳରେ ବାଉଣ୍ଡାରୀରୁ ସେ ମୋଟ୍ ୧୮୦ ରନ ସଂଗ୍ରହ କରିଥିଲେ। ତାଙ୍କ ଷ୍ଟ୍ରାଇକରେଟ୍ ୨୫୬.୦୪ ରହିଥିଲା। ଅଭିଷେକଙ୍କ ଏହି ଇନିଂସ ବଳରେ ତାଙ୍କ ଦଳ ଅମ୍ରିତସର ୫୦ ଓଭରରେ ୮ ୱିକେଟ ହରାଇ ୫୩୩ ରନ କରିଥିଲା। ଜବାବରେ ତରନ ତରନ ଦଳ ୮ ୱିକେଟରେ ୩୧୩ ରନ କରିବାକୁ ସମର୍ଥ ହୋଇଥିଲା। ବ୍ୟାଟିଂ ଭଳି ବୋଲିଂରେ ମଧ୍ୟ ଅଭିଷେକ ୯ ଓଭର ପକାଇ ୭୧ ରନ ବ୍ୟୟରେ ଦୁଇଟି ୱିକେଟ୍ ନେଇଥିଲେ। ଉଲ୍ଲେଖଯୋଗ୍ୟ, ଅଭିଷେକ ବର୍ତ୍ତମାନ ସୁଦ୍ଧା ଲିଷ୍ଟ-ଏ କ୍ରିକେଟରେ ୬୯ଟି ମ୍ୟାଚ୍ ଖେଳି ୩୩.୭୮ ହାରରେ ୨୧୯୬ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୮ଟି ଅର୍ଦ୍ଧଶତକ ଓ ୪ଟି ଶତକ ସାମିଲ ରହିଛି। ତେବେ ବର୍ତ୍ତମାନ ସୁଦ୍ଧା ତାଙ୍କୁ ଭାରତୀୟ ଦିନିକିଆ ଦଳରେ ସୁଯୋଗ ମିଳିନାହିଁ।

## ଡବ୍ଲ୍ୟୁଏସିଟି ବ୍ରୋଞ୍ଜ ମିଟ୍‌ରେ ଅନିମେଶ କୁଜୁର ୪ର୍ଥ

ଭୁବନେଶ୍ୱର, ୨।୮ (ସମିସ): ବେଲ୍‌ଜିୟମରେ ଅନୁଷ୍ଠିତ ୱାର୍ଲ୍ଡ ଆଥଲେଟିକ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ମିଟ୍‌ରେ ଓଡ଼ିଶାର ଧାବକ ଅନିମେଶ କୁଜୁର ନିରାଶ କରିଛନ୍ତି। ଅନିମେଶ ପୁରୁଷ ୧୦୦ ମିଟର ରେସରେ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପୋଡିୟମ ହାସଲ କରିବାର ବଞ୍ଚିତ ହୋଇଥିଲେ। ଏହି ଦୂରତାକୁ ଅନିମେଶ ୧୦.୩୦ ସେକେଣ୍ଡରେ ଫିନିଶ କରିଥିଲେ। ଏଥିପୂର୍ବରୁ ଜୁଲାଇ ପ୍ରାରମ୍ଭରେ ଜର୍ମାନୀରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ମିଟ୍‌ରେ ଅନିମେଶ ୧୦.୧୪ ସେକେଣ୍ଡରେ ୧୦୦ ମିଟର ରେସ୍ ଫିନିଶ କରିଥିଲେ। ଫଳରେ ବିଦେଶ ମାଟିରେ ସେ ଭାରତର ଦ୍ରୁତତମ ଧାବକ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୁରୁଷ ୨୦୦ ମିଟରରେ ଅନିମେଶ ଅଂଶଗ୍ରହଣ କରିଥିଲେ। କିନ୍ତୁ ସେ ସେମିଫାଇନାଲ ପର୍ଯ୍ୟନ୍ତ ଯାଇପାରିଥିଲେ। ଅପରପକ୍ଷରେ ବେଲ୍‌ଜିୟମ ମିଟ୍‌ରେ ଭାରତର ତାରକା ଧାବକ ଜ୍ୟୋତି ୟାରାଜୀ (୧୨.୮୫ ସେକେଣ୍ଡ) ଅଂଶଗ୍ରହଣ କରି ମହିଳା ୧୦୦ ମିଟର ହର୍ଡଲ୍ସରେ ଚାମ୍ପିଅନ ହୋଇଛନ୍ତି।

## ଶ୍ରୀଲଙ୍କା ସିରିଜରୁ ବାଦ୍ ପଡ଼ିବେ ବୁମରା

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ଚଳିତ ମାସ ୧୫ ତାରିଖରୁ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଆରମ୍ଭ ହେବାକୁ ଥିବା ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ ଭାରତୀୟ ଦଳକୁ ଝଟକା ଲାଗିଛି। ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମରା ଆଘାତଜନିତ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକୁଳି ପାରି ନ ଥିବାରୁ ବାଦ୍ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଦୁଇଦିନ ତଳେ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ ତାଙ୍କୁ ଶ୍ରୀଲଙ୍କା ସିରିଜ୍ ଖେଳିବାକୁ ଅନୁମତି ଦେଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। କିନ୍ତୁ ସଦ୍ୟ ରିପୋର୍ଟରେ କୁହାଯାଇଛି ଯେ ବୁମରା ତାଙ୍କ ବାମ ଆଣ୍ଠୁରେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ଯାହା ତାଙ୍କୁ ଶ୍ରୀଲଙ୍କା ସିରିଜରୁ ବଞ୍ଚିତ କରିପାରେ। ତେବେ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ପକ୍ଷରୁ ଅଫିସିଆଲ ଭାବେ ଏନେଇ ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଯଦି ବୁମରା ବାଦ୍ ପଡ଼ନ୍ତି ତେବେ ହର୍ଷିତ ରାଣା, ଆକ୍ୱିବ ନବି ଓ ନୀତିଶ କୁମାର ରେଡ୍ଡୀଙ୍କୁ ସୁଯୋଗ ମିଳିବାର ସମ୍ଭାବନା ରହିଛି। ପୂର୍ବରୁ ଏହି ସିରିଜ ଲାଗି ଶୁବମନ ଗିଲଙ୍କ ନେତୃତ୍ୱରେ ଘୋଷିତ ଦଳରେ ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ ଏବଂ ଗୁରନୂର ବ୍ରାରଙ୍କୁ ନିଆଯାଇଛି। ଅଗଷ୍ଟ ୧୫ରୁ ଗଲ୍‌ରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ସେହିଭଳି ଦ୍ୱିତୀୟ ମ୍ୟାଚ୍ ଅଗଷ୍ଟ ୨୩ରୁ କଲମ୍ବୋରେ ଖେଳାଯିବ। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ଫାଇନାଲ୍ ଦୌଡ଼ରେ ରହିବା ପାଇଁ ଭାରତକୁ ଏହି ସିରିଜ ଜିତିବା ନିହାତି ଜରୁରୀ ହୋଇପଡ଼ିଛି।

## ମାଲେସିଆ ସହ ୮ଟି ମ୍ୟାଚ୍ ଖେଳିବ ଭାରତୀୟ ହକି ଦଳ

ନୂଆଦିଲ୍ଲୀ, ୨।୮ (ଏଜେନ୍ସି): ୨୧ ବର୍ଷରୁ କମ୍ ମାଲେସିଆ ହକି ଦଳ ବିପକ୍ଷରେ ଭାରତ ଏକ ୮ ମ୍ୟାଚ୍‌ବିଶିଷ୍ଟ ସିରିଜ ଖେଳିବ। ବେଙ୍ଗାଲୁରୁର ନେତାଜୀ ସୁବାସ ସଦର୍ନ ସେଣ୍ଟରରେ ଏହି ସିରିଜ ଅଗଷ୍ଟ ୩ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଯେଉଁଥିରେ ମାଲେସିଆ ଦଳ ଭାରତୀୟ ଜୁନିଅର ଦଳ ବିପକ୍ଷରେ ୫ଟି ଓ ସାଇ ଟିମ୍ ବିପକ୍ଷରେ ୩ଟି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଭାରତୀୟ ଜୁନିଅର ଦଳ ଅଗଷ୍ଟ ୭, ୮, ୧୦, ୧୨ ଓ ୧୩ରେ ଏବଂ ସାଇ ଦଳ ଅଗଷ୍ଟ ୩, ୫ ଓ ୧୫ ତାରିଖରେ ମାଲେସିଆ ସହ ଖେଳିବ। ଆଗାମୀ ଅନ୍ତର୍ଜାତୀୟ ପ୍ରତିଯୋଗିତା ପୂର୍ବରୁ ଉଭୟ ଭାରତ ଓ ମାଲେସିଆ ଲାଗି ଏହା ଭଲ ପ୍ରସ୍ତୁତି ହେବ ବୋଲି ଭାରତୀୟ ଜୁନିଅର ହକି ଦଳର କୋଚ୍ ଫେଡ୍ରିକ ସୋୟେଜ କହିଛନ୍ତି।

## ଫାଓ ଲିଗ୍: ୱାଇଏଏଫ୍‌ସିର ବଡ଼ ବିଜୟ



ଭୁବନେଶ୍ୱର, ୨।୮ (ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ଲିଗ୍‌ରେ ରବିବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଚୌଦ୍ୱାରର ୱାଇଏଏଫ୍‌ସି ୫-୩ ଗୋଲରେ ସନସାଇନ କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଅଧିନାୟକ ତ୍ରିଦେବ ମୁଖୀ ୨ଟି ଏବଂ ବୁନ୍ଦୁ ମାରାଣ୍ଡି, ମୁସ୍ତାକିମ ଖାନ ଓ ରାଜେଶ ବେହେରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ସେହିଭଳି ସନସାଇନ ପାଇ ସିଂଘୁ ମାଝୀ, ଜୟନ୍ତ ପ୍ରଧାନ ଓ ଧର୍ମେନ୍ଦ୍ର ପ୍ରଧାନ ଗୋଟିଏ ଲେଖାଏ ଗୋଲ୍ ଶୁଝିଥିଲେ।

## ରାଜ୍ୟ ଓପନ ସ୍କୁଲ ଚେସ୍: ଶାଶ୍ୱତ ମହାପାତ୍ର ଚାମ୍ପିଅନ

ଭୁବନେଶ୍ୱର,୨।୮ (ସମିସ)




ସଂସ୍କାର ଏକାଡେମୀ ଓ ଓଡ଼ିଶା ରାଜ୍ୟ ଚେସ୍ ଏକାଡେମୀ ଆନୁକୂଲ୍ୟରେ ରାଜ୍ୟ ସ୍କୁଲ ଓପନ ଚେସ୍ ଟୁର୍ଣ୍ଣାମେଂଟ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ଷ୍ଟିୱାର୍ଟ ସ୍କୁଲ୍‌ର ଶାଶ୍ୱତ ମହାପାତ୍ର ସର୍ବାଧିକ ପଏଣ୍ଟ ରଖି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବ୍ଲୁଜମ ସ୍କୁଲର ଆହାନ ଅଭିଜ୍ଞାନ ରନର୍ସଅପ୍, ମଡେଲ ଇଂଲିଶ ମିଡିୟମ୍ ସ୍କୁଲର ଆଦଭିକ୍ ମହାନ୍ତି ତୃତୀୟ, ରାଘବପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଆଦିତ୍ୟ ଲାହା ଚତୁର୍ଥ ଓ କିଟ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଅକ୍ଷତ ମିଶ୍ର ୫ମ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାକୁ ସଂସ୍କାର ସ୍କୁଲର ପ୍ରତିଷ୍ଠାତା ପ୍ରଜ୍ଞାବାଦିନୀ ରଥ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ସମ୍ପାଦକ ହେମନ୍ତ ଦାସ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲର ଅଧକ୍ଷା ଜାନକୀ ମହାକୁଡ଼ ଓ ଓଡ଼ିଶା ରାଜ୍ୟ ଚେସ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

## ୱେଷ୍ଟଇଣ୍ଡିଜ-ପାକିସ୍ତାନ ଦ୍ୱିତୀୟ ଟେଷ୍ଟ ଆରମ୍ଭ

ତ୍ରିନିଦାଦ, ୨।୮ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ଓ ପାକିସ୍ତାନ ମଧ୍ୟରେ ଅନ୍ତିମ ତଥା ଦ୍ୱିତୀୟ ଟେଷ୍ଟ ରବିବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ କୁଇନ୍ସ ପାର୍କ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ୱେଷ୍ଟଇଣ୍ଡିଜ ଦଳ ବ୍ୟାଟିଂ ନିଷ୍ପତ୍ତି ନେଇଛି। ଲଞ୍ଚ ବ୍ରେକ୍ ସୁଦ୍ଧା ଘରୋଇ ଦଳ ୯.୫ ଓଭରରେ ଗୋଟିଏ ୱିକେଟ ହରାଇ ୪୯ ରନ ସଂଗ୍ରହ କରିଛି। ବ୍ରାଣ୍ଡନ କିଙ୍ଗ୍ ୩୩ ଓ କାଭିମ ହଗ୍ କୌଣସି ରନ ନ କରି କ୍ରିଜରେ ଅପରାଜିତ ରହିଛନ୍ତି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ୯୦ ରନରେ ଜିତି ୱେଷ୍ଟଇଣ୍ଡିଜ ସିରିଜରେ ୧-୦ରେ ଅଗ୍ରଣୀ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS